
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୫ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 05 OCTOBER 2023
Vol.No. 34 ■ No. 262■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବାଦଲ ଫଟା ବର୍ଷା ଯୋଗୁ ସିକିମ୍‌ରେ ପ୍ରବଳ ବନ୍ୟା: ଭାସିଗଲେ ୨୩ ଯବାନ

ନୂଆଦିଲ୍ଲୀ,୦୪/୧୦ : ତୀସ୍ତା ନଦୀରେ ଗତକାଲି ରାତିରେ ଅଚାନକ ବନ୍ୟା ପାଣି ମାଡ଼ି ଆସିବାରୁ ପ୍ରାୟ ୨୩ ଯବାନ ଭାସି ଯାଇ ନିଖୋଜ ହୋଇ ଯାଇଥିବା ଜଣାଯାଇଛି। ବାଦଲ ଫଟା ବର୍ଷା ଯୋଗୁ ସିକିମରେ ବନ୍ୟା ପରିସ୍ଥିତି ଉପୁଜିଛି। ତୀସ୍ତା ନଦୀରେ ଗତକାଲି ରାତିରେ ଅଚାନକ ବନ୍ୟା ପାଣି ମାଡ଼ି ଆସିବାରୁ ପ୍ରାୟ ୨୩ ଯବାନ ଭାସି ଯାଇ ନିଖୋଜ ହୋଇ ଯାଇଥିବା ଜଣାଯାଇଛି। ନିଖୋଜ ଯବାନଙ୍କୁ ଖୋଜିବାକୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି। ଉଦ୍ଧାର କାର୍ଯ୍ୟରେ ସାମିଲ ହେବାରୁ ଆଖପାଖ ରାଜ୍ୟରୁ ସେନା ଯବାନ ସିକିମରେ ପହଞ୍ଚୁଥିବା ଜଣାଯାଇଛି। ଉତ୍ତର



ସିକିମର ଲାଚେନ ହ୍ରଦ ଉପରେ ଅଚାନକ ବାଦଲ ଫଟା ବର୍ଷା ହେବାରୁ ତୀସ୍ତା ନଦୀର ଜଳସ୍ତର ଅଚାନକ ବୃଦ୍ଧି ପାଇଲା। ଫଳରେ ମଙ୍ଗଳବାର ରାତି ପ୍ରାୟ ୧ଟା ବେଳେ ଫ୍ଲାସ୍ ଫ୍ଲଡ ହେବାରୁ ସେନାର ୨୩ ଯବାନ ନିଖୋଜ ହୋଇ ଯାଇଛନ୍ତି। ଏଥିଯୋଗୁ ବହୁ ସେନା କ୍ୟାମ୍ପ ଭୁଶୁଡ଼ି ଯାଇଥିବା ବେଳେ ବେଳେ ଯାନବାହନ ଭାସି ଯାଇଛି। ବାଦଲଫଟା ବର୍ଷା ହେତୁ ତୀସ୍ତା ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଚୁଗଥାଙ୍ଗ ଡ୍ୟାମରୁ ପାଣି ଛଡ଼ାଯିବାରୁ ତଳି ଅଞ୍ଚଳରେ ୧୫ରୁ ୨୦ ଫୁଟ ଉଚ୍ଚ ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ସିଙ୍ଗତମ ନିକଟରେ ଛିଡ଼ା ହୋଇଥିବା ଯାନବାହନ ଭାସିଯାଇଛି। ଏହି ଫ୍ଲାସ୍ ଫ୍ଲଡ ଯୋଗୁ ୨୩ ଯବାନଙ୍କ ସମେତ ଆହୁରି ବହୁ ସାଧାରଣ ଲୋକ ବି ଭାସି ଯାଇଥିବା ଜଣାଯାଇଛି। ଅପରପକ୍ଷେ, ନଦୀର ସ୍ରୋତ ପ୍ରଖର ଥିବାରୁ ଏପରି ସମୟରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସେନା ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ଛିଡ଼ା କରିଛି। ତୀସ୍ତା ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ହାଇ ଆଲର୍ଟ ଜାରି କରାଯାଇଛି। ନଦୀକୂଳରେ ବସବାସ କରୁଥିବା ଅଞ୍ଚଳବାସୀଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି।

## ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଲେ ନୀରଜ ଚୋପ୍ରା, ଓଡିଆ ପୁଅ କିଶୋର ଜେନା ଜିତିଲେ ରୌପ୍ୟ ପଦକ

■କିଶୋର ଜେନାଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ
■ଦେଢ଼କୋଟି ଟଙ୍କା ପୁରସ୍କାର ଘୋଷଣା




ନୂଆଦିଲ୍ଲୀ,୦୪/୧୦ : ଏସିଆନ୍ ଗେମ୍ସରେ ବଢିଲା ଭାରତର ସ୍ୱର୍ଣ୍ଣପଦକ । ଜାଭଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ଜିତିଲେ ସୁନା ପୁଅ ନୀରଜ ଚୋପ୍ରା । ବୁଧବାର ନୀରଜ ଚୋପ୍ରା ଜାଭଲିନ୍ ଥ୍ରୋ ଇଭେଣ୍ଟରେ ଭାରତକୁ ସ୍ୱର୍ଣ୍ଣପଦକ ଜିତାଇଛନ୍ତି । ଅନ୍ୟପଟେ ଓଡିଆ ପୁଅ କିଶୋର ଜେନା ମଧ୍ୟ ଜାଭଲିନ୍ ଥ୍ରୋରେ ରୌପ୍ୟ ପଦକ ଜିତିଛନ୍ତି । ନୀରଜ ଚୋପ୍ରା ୮୮.୮୮ ମିଟର ଜାଭଲିନ୍ ଥ୍ରୋ କରିଥିେ। ସେହିପରି କିଶୋର ଜେନା ୮୭.୫୪ ମିଟର ଜାଭଲିନ୍ ଥ୍ରୋ କରିଥିଲେ । ପୂରା ପ୍ରତିଯୋଗିତାରେ ଦୁଇ ଭାରତୀୟ ଖେଳାଳିଙ୍କ ଭିତରେ ଟକ୍କର ଦେଖିବାକୁ ମିଳିଥିଲା । ଏମିତି କି ଗୋଟିଏ ରାଉଣ୍ଡରେ ନୀରଜ ଚୋପ୍ରାଙ୍କୁ ପଛରେ ପକାଇ ଦେଇଥିଲେ କିଶୋର ଜେନା । ହେଲେ ଚତୁର୍ଥ ରାଉଣ୍ଡରେ ନୀରଜ ନିଜର ବେଷ୍ଟ ଦେବା ସହିତ କିଶୋରଙ୍କୁ ପଛରେ ପକାଇ ଦେଇଥିଲେ । ଏହି ମ୍ୟାଚରେ ନୀରଜ ଚୋପ୍ରାଙ୍କୁ ଟକ୍କର ଦେଇଥିଲେ କିଶୋର ଜେନା । ତେବେ ନୀରଜଙ୍କ ପ୍ରଥମ ଥ୍ରୋ କିନ୍ତୁ ଟେକ୍ନିକାଲ କାରଣରୁ କାଉଣ୍ଟ କରାଯାଇନଥିଲା । ଏହାପରେ ସେ ୮୨.୩୮ ମିଟର ଥ୍ରୋ କରିଥିଲେ । ପରେ ପରେ କିଶୋର ଜେନା ମଧ୍ୟ ଏହି ରାଉଣ୍ଡରେ ୮୧.୨୬ ମିଟର ଏବଂ ଦ୍ୱିତୀୟ ଥରରେ ୮୪.୪୯ ମିଟର ଜାଭଲିନ୍ ଥ୍ରୋ କରିଥିଲେ । ତେବେ ତୃତୀୟ ରାଉଣ୍ଡରେ ଦୁଇ ଖେଳାଳିଙ୍କ ଭିତରେ କଡା ଟକ୍କର ଦେଖିବାକୁ ମିଳିଥିଲା । ତୃତୀୟ ରାଉଣ୍ଡରେ କିଶୋର ଜେନା , ସୁନା ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ପଛରେ ପକାଇ ଦେଇଥିଲେ ।

## ରାଜ୍ୟସଭା ମୁଖ୍ୟ ସଚେତକ ପଦରୁ ସୁଲତା ବିଦା



ଭୁବନେଶ୍ୱର, ୦୪/୧୦ (ନି.ପ୍ର): ହଟିଲେ ସୁଲତା ଦେଓ। ସାଂସଦ ମାନସ ମଙ୍ଗରାଜ ହେଲେ ରାଜ୍ୟସଭାରେ ବିଜୁ ଜନତା ଦଳର ମୁଖ୍ୟ ସଚେତକ। ସାଂସଦ ସୁଲତା ଦେଓଙ୍କ ସ୍ଥାନରେ ମାନସ ମଙ୍ଗରାଜଙ୍କୁ ଆଜି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବସ୍ଥାପିତ କରିଛନ୍ତି। ହେଲେ ନବୀନ ହଠାତ କାହିଁକି ଏ ପଦକ୍ଷେପ ନେଲେ, ତାହା ଜଣାପଡ଼ି ନାହିଁ। ତେବେ ରାଜନୀତି ମହଲରେ ଚର୍ଚ୍ଚା ହେଉଛି, ଦିନକ ତଳେ ଭୁବନେଶ୍ୱରରେ ଜନସଂପର୍କ ପଦଯାତ୍ରା ପାଇଁ ଆୟୋଜିତ ସଭାରେ ▶▶ପୃଷ୍ଠା ୭

## ଗ୍ୟାସ୍ ସିଲିଣ୍ଡରର ସବସିଡି ବୃଦ୍ଧି



ନୂଆଦିଲ୍ଲୀ,୦୪/୧୦ : ମୁଦ୍ରାସ୍ଫୀତି ସମୟରେ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ଦେଲେ ସରକାର। ଉଜ୍ଜ୍ୱଳା ଯୋଜନା ଅଧୀନରେ ନିଆଯାଇଥିବା ଏଲପିଜି ସିଲିଣ୍ଡର ଉପରେ ସବସିଡି ବୃଦ୍ଧି କରିଛନ୍ତି କେନ୍ଦ୍ରସରକାର। ଏଣିକି ସିଲିଣ୍ଡର୍ ପିଛା ୩୦୦ ଟଙ୍କା ସବସିଡି ମିଳିବ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ୯.୬ କୋଟି ହିତାଧିକାରୀ ଏହି ସୁବିଧାର ଲାଭବାନ ହୋଇପାରିବେ। କ୍ୟାବିନେଟ ନିଷ୍ପତ୍ତି ପରେ ସିଲିଣ୍ଡର ପିଛା ୩୦୦ ଟଙ୍କା ସବସିଡି ଘୋଷଣା କରାଯାଇଛି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକ ପରେ ▶▶ପୃଷ୍ଠା ୭

## ବିପଦ ସଂକେତ ଉପରେ ବୈତରଣୀ ଓ ଜଳକା ନଦୀ: ଘାରିଲାଣି ବନ୍ୟା ଭୟ

ଭୁବନେଶ୍ୱର, ୦୪/୧୦ (ନି.ପ୍ର): ବିପଦ ସଂକେତ ଉପରେ ବୈତରଣୀ ଓ ଜଳକା ନଦୀ। ଚଳିତ ବର୍ଷ ତୃତୀୟ ଥର ପାଇଁ ବୈତରଣୀ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ମଥାନୀ ଠାରେ ବିପଦ ସଂକେତ ପାର କରିଛି ଜଳକା। ଗତକାଲି ଠାରୁ ବୈତରଣୀ ନଦୀର ଜଳସ୍ତର ଧିରେ ଧିରେ ବଢ଼ିବାରେ ଲାଗିଛି। ବୈତରଣୀ ନଦୀ ଆଖୁଆପଦା ଆନିକଟ ଠାରେ ବିପଦ ସଂକେତ ୧୭ ଦଶମିକ ଆଠ ତିନି ମିଟର ଥିବା ବେଳେ ସକାଳ ୬ଟା ବେଳେ ବିପଦ ସଂକେତକୁ ଅତିକ୍ରମ କରି ଏବେ ୧୭ ଦଶମିକ ନଅ ଶୂନ ମିଟର ଉପରେ ପ୍ରବାହିତ ହେଉଛି। ଗତକାଲି ଠାରୁ ଉପର ମୁଣ୍ଡରେ ବର୍ଷା ହେବାରୁ ଏଭଳି ସ୍ଥିତି ଉପୁଜିଛି। ସେହିପରି ଜଳକା ନଦୀର ଜଳସ୍ତର ବି ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନୀ ଠାରେ ବିପଦ ସଂକେତ ୫ ଦଶମିକ ୫୦ମିଟର ଥିବାବେଳେ ସକାଳ ୬ଟା ସୁଦ୍ଧା ଜଳସ୍ତର ବଢ଼ି ୬ ଦଶମିକ ୩୨ ମିଟରରେ ପହଞ୍ଚିଥିଲା। ▶▶ପୃଷ୍ଠା ୭



## ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ପଦ ଜିତିଲେ ବିପିନଙ୍କ ପ୍ରାର୍ଥୀ, ବିପ୍ଳବଙ୍କୁ ଝଟକା

ଦିଗପହଣ୍ଡି, ୦୪/୧୦ (ନି.ପ୍ର): ଦିଗପହଣ୍ଡିରେ ବାଜି ମାରିଲା ବିପିନ ଗୋଷ୍ଠୀ। ଦିଗପହଣ୍ଡି ବ୍ଲକ ଅଧକ୍ଷା ଉପନିର୍ବାଚନରେ ନିଲମ୍ବିତ ବିଜେଡି ନେତା ବିପିନ ପ୍ରଧାନଙ୍କ ଗୋଷ୍ଠୀର ବିଜୟ ହୋଇଛି। ବିପିନ ପ୍ରଧାନ ଗୋଷ୍ଠୀର ଯମୁନା ନାୟକ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଆଉ କେହି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନଥିବାରୁ ନିର୍ବାଚନ କମିଶନ ଯମୁନାଙ୍କୁ ବିଜୟୀ ବୋଲି ଘୋଷଣା କରିଛନ୍ତି। ବିପିନଙ୍କ ଗୋଷ୍ଠୀ ବିଜୟୀ ହେବା ପରେ ପୂର୍ବତନ ବାଚସ୍ପତି ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟ ପାତ୍ରଙ୍କ ପୁଅ ବିପ୍ଳବ ପାତ୍ରଙ୍କୁ ଝଟ୍‌କା ଲାଗିଛି। ବିପିନ ପ୍ରଧାନଙ୍କ ଗୋଷ୍ଠୀରେ ଥିବା ୧୪ ଜଣ ସମିତି ସଭ୍ୟ ଯମୁନାଙ୍କୁ ଭୋଟ ଦେଇଥିଲେ। ହେଲେ ବିପ୍ଳବଙ୍କ ଗୋଷ୍ଠୀର ୧୦ ଜଣ ସମିତି ସଭ୍ୟଙ୍କର ଦେଖା ଦର୍ଶନ ନଥିଲା। ବିପ୍ଳବଙ୍କ ପକ୍ଷରୁ ମଧ୍ୟ କାହାକୁ ପ୍ରାର୍ଥୀ କରାଯାଇ ନଥିଲା। ଦିଗପହଣ୍ଡି ବ୍ଲକରେ ୨୫ଟି ପଞ୍ଚାୟତ ଅଛି। ଦୀର୍ଘ ଦିନ ହେବ ବିପ୍ଳବ ପାତ୍ର ଓ ବିପିନ ପ୍ରଧାନଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଯେଉଁ ଗୋଷ୍ଠୀକୁ ବ୍ଲକ ଅଧ୍ୟକ୍ଷ ପଦ ମିଳିବ, ଆସନ୍ତା ନିର୍ବାଚନରେ ତାଙ୍କର ଦବଦବା ରହିବ ବୋଲି ଚର୍ଚ୍ଚା ହେଉଥିଲା। ଏପରିକି ବିଧାୟକ ଟିକେଟ ମଧ୍ୟ ସେହି ଗୋଷ୍ଠୀକୁ ମିଳିପାରେ ବୋଲି ଚର୍ଚ୍ଚା ହେଉଥିଲା। ତେଣୁ ସେମାନେ ବ୍ଲକ ଅଧକ୍ଷ ବ୍ଲକ ହାତେଇବାକୁ ପ୍ରାଣପଣେ ଲାଗି ପଡ଼ିଥିଲେ। ଶେଷରେ ବ୍ଲକ ଅଧକ୍ଷା ଉପନିର୍ବାଚନରେ ବିପିନଙ୍କ ଗୋଷ୍ଠୀର ବିଜୟ ହୋଇଛି।



ନିକଟରେ ବିଜେଡିରୁ ବହିଷ୍କୃତ ହୋଇଥିଲେ ବିପିନ ପ୍ରଧାନ। ଦଳବିରୋଧୀ କାର୍ଯ୍ୟ ଦର୍ଶାଇ ବିପିନଙ୍କୁ ବହିଷ୍କୃତ କରାଯାଇଥିଲା। ଦିଗପହଣ୍ଡିରେ ବ୍ଲକ ଅଧକ୍ଷ ପଦ ହାତେଇବା ପରେ ବିପିନ ପ୍ରଧାନ କହିଛନ୍ତି, ▶▶ପୃଷ୍ଠା ୭

## ଫଳକ ପଡ଼ି ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ଭଦ୍ରକ, ୦୪/୧୦ (ନି.ପ୍ର): ସ୍କୁଲ ଖେଳ ଛୁଟି ସମୟରେ ଘଟିଲା ଅଘଟଣ। ରାସ୍ତା କାମର ଫଳକ ଖସି ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧିନସ୍ଥ ଗଡିଆଳି ପଂଚାୟତ ଉଚ୍ଚପଦା ଗାଁରେ ଏପରି ହୃଦୟବିଦାରକ ଘଟଣା ଘଟିଛି। ଏହାକୁ ନେଇ ସ୍କୁଲରେ ଉତ୍ତେଜନା ପ୍ରକାଶ ପାଇଛି। ସୌଭାଗ୍ୟ ରଞ୍ଜନ ନାୟକଙ୍କ ପୁଅ ଅସିତ ନାୟକ ପ୍ରଥମ ଶ୍ରେଣୀରେ ପଢ଼ନ୍ତି। ଆଜି ସେ ଉଚ୍ଚପଦା ପ୍ରାଥମିକ ବିଦ୍ୟାଳୟକୁ ପଢ଼ିବା ପାଇଁ ଯାଇଥିଲେ। ଖେଳ ଛୁଟି ସମୟରେ ଅସିତ ନିକଟସ୍ଥ ସ୍କୁଲରେ ରୋଷେଇ କରୁଥିବା ବୁଢ଼ୀମାଙ୍କ ନିକଟକୁ ଯାଇଥିଲେ। ସେହି ସମୟରେ ରାସ୍ତା କାମ ପାଇଁ ଲାଗିଥିବା ଫଳକ ଆସିତଙ୍କ ଉପରେ ଖସି ପଡ଼ିଥିଲା। ଫଳରେ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଭଦ୍ରକ ଜିଲ୍ଲା ମୁଖ୍ୟ ▶▶ପୃଷ୍ଠା ୭

## ଆପ୍ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ଗିରଫ



ନୂଆଦିଲ୍ଲୀ,୦୪/୧୦ : ଆମ୍ ଆଦମୀ ପାର୍ଟି(ଆପ୍)କୁ ଆଉ ଏକ ଝଟକା। ଗିରଫ ହେଲେ ଦଳର ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆଜି ତାଙ୍କୁ ଗିରଫ କରିଛି। ଦିଲ୍ଲୀର ମଦ ଦୁର୍ନୀତି ଯାଞ୍ଚ ସହ ଜଡିତ ଅର୍ଥ ହେରଫେର ମାମଲାରେ ଗିରଫ ହୋଇଛନ୍ତି ସଞ୍ଜୟ ସିଂହ। ଏହି ମାମଲାରେ ଆଜି ସାଂସଦଙ୍କ ଦିଲ୍ଲୀ ବାସଭବନରେ ଖୋଳତାଡ କରିଥିଲା ଇଡି। ସକାଳଠାରୁ ସାଂସଦଙ୍କ ଘରେ ଖାନତଲାସୀ ଜାରି ରଖିବା ପରେ ଶେଷରେ ଅପରାହ୍ଣରେ ସଞ୍ଜୟ ସିଂହଙ୍କୁ ଗିରଫ କରିଛି। ଲିକର୍ ପଲିସି ମାମଲାର ଅଭିଯୁକ୍ତ ଦିନେଶ ଆରୋରା ସଞ୍ଜୟ ସିଂହଙ୍କ ନାମ ନେବା ପରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରଖିଥିଲା ଇଡି। ଆରୋରା କହିଥିଲେ ଯେ, ସଞ୍ଜୟ ତାଙ୍କୁ ମନିଷ ସିସୋଦିଆଙ୍କ ସହ ଯୋଗାଯୋଗ କରାଇଥିଲେ। ▶▶ପୃଷ୍ଠା ୭

## ଉଦ୍‌ଘାଟନୀ ଉତ୍ସବ ବିନା ଆରମ୍ଭ ହେବ ବିଶ୍ୱକପ

### ଆଜି ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଇଂଲଣ୍ଡ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଖେଳାଯିବ ମ୍ୟାଚ

ନୂଆଦିଲ୍ଲୀ,୦୪/୧୦ : ଆସନ୍ତାକାଲିଠୁ ଆରମ୍ଭ ହେଉଛି ଦିନିକିଆ କ୍ରିକେଟ୍ ବିଶ୍ୱକପ୍ । ଉଦଘାଟନୀ ମ୍ୟାଚରେ ମୁହାଁମୁହିଁ ହେବେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ । ମ୍ୟାଚ୍ ପୂର୍ବରୁ ବିଶ୍ୱକପ୍ ଟ୍ରଫି ସହ ପଡ଼ିଆକୁ ଯାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିବେ ଗ୍ଲୋବାଲ ବ୍ରାଣ୍ଡ ଆମ୍ବାସଡର ସଚିନ୍ ତେନ୍ଦୁଲକର । ସଚିନ୍ ତେନ୍ଦୁଲକର ରେକର୍ଡ ୬ଟି ବିଶ୍ୱକପ୍ ଖେଳିଛନ୍ତି । ଗତକାଲି ଆଇସିସି ସଚିନ୍ ତେନ୍ଦୁଲକରଙ୍କୁ ଗ୍ଲୋବାଲ ବ୍ରାଣ୍ଡ ଆମ୍ବାସଡର ନିଯୁକ୍ତ କରିଛି । ଏଥର ବିନା ୱାର୍ମ ଅପରେ ସିଧାସଳଖ ପଡ଼ିଆକୁ ଓହ୍ଲାଇବ ଟିମ୍ ଇଣ୍ଡିଆ । ପ୍ରଥମେ ଇଂଲଣ୍ଡ ବିପକ୍ଷ ୱାର୍ମ ଅପ୍ ମ୍ୟାଚ୍ ବର୍ଷା ଯୋଗୁ ଧୋଇ ଯାଇଥିଲା । ଏହା ପରେ ନେଦରଲାଣ୍ଡ ବିପକ୍ଷ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁ ହୋଇପାରିନାହିଁ । ତିରୁଅନନ୍ତପୁରମ୍‌ରେ ଥିବା ଭାରତୀୟ ଦଳ ସିଧାସଳଖ ଚେନ୍ନାଇବେ ପହଂଚିବ । ସେଠାରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ୍ ପାଇଁ ପ୍ରସ୍ତୁତ ହେବ । ୨୦୧୧ରେ ଯେତେବେଳେ ଭାରତ, ଶ୍ରୀଲଙ୍କା, ବାଙ୍ଗଲାଦେଶ ମିଶି ଦିନିକିଆ କ୍ରିକେଟ ବିଶ୍ୱକପର ଆୟୋଜନ କରିଥିଲେ, ସେତେବେଳେ ଉଦଘାଟନୀ ଉତ୍ସବ ଧୁମଧାମରେ ପାଳନ ହୋଇଥିଲା । ବାଙ୍ଗଲାଦେଶ ଢାକାରେ ବିଶ୍ୱକପର ଗ୍ରାଣ୍ଡ ଓପିନିଂ ହୋଇଥିଲା । କିନ୍ତୁ ଏଥର ଭାରତ ଏକାକି ବିଶ୍ୱକପର ଆୟୋଜନ କରୁଥିଲେ ମଧ୍ୟ ଉଦଘାଟନୀ ଉତ୍ସବ ପାଳନ ହେବନାହିଁ ବୋଲି ସୂଚନା ମିଳିଛି । ଅକ୍ଟୋବର ୫ ତଥା ଗୁରୁବାର ବିଶ୍ୱକପର ପ୍ରଥମ ମ୍ୟାଚରେ ଗତଥର ଫାଇନାଲକୁ ଯାଇଥିବା ଦୁଇ ଟିମ ଇଂଲଣ୍ଡ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମ୍ୟାଚ ଖେଳାଯିବ । କିନ୍ତୁ ମ୍ୟାଚ ପୂର୍ବରୁ କୌଣସି ଉଦଘାଟନୀ ଉତ୍ସବ ଅବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବ ନାହିଁ । ଆଇପିଏଲରେ ଉଦଘାଟନୀ ଉତ୍ସବରେ କୋଟି କୋଟି ଟଙ୍କା ବିସିସିଆଇ ବ୍ୟୟ କରୁଥିବା ବେଳେ ବିଶ୍ୱକପରେ କାହିଁକି ଉଦଘାଟନୀ ଉତ୍ସବ ପାଳିବ ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି । ଉଦଘାଟନୀ ଉତ୍ସବ ପାଳନ ହେଉନଥିବା ବେଳେ ଆନୁଷ୍ଠାନିକ ଭାବେ ସଚିନ ତେନ୍ଦୁଲକର ବିଶ୍ୱକପ ଟ୍ରଫିର ଉଦଘାଟନ କରିବେ । ମ୍ୟାଚ୍ ପୂର୍ବରୁ ବିଶ୍ୱକପ୍ ଟ୍ରଫି ସହ ପଡ଼ିଆକୁ ▶▶ପୃଷ୍ଠା ୭



## ଆଜିଠୁ କମିବ ବର୍ଷା !

ଭୁବନେଶ୍ୱର, ୦୪/୧୦ (ନି.ପ୍ର): ଆସନ୍ତା କାଲିଠାରୁ ରାଜ୍ୟଉପରୁ ପଶ୍ଚିମବଙ୍ଗର ପଶ୍ଚିମଭାଗରେ ସକ୍ରିୟ ରହିଥିବା ଲଘୁଚାପର ପ୍ରଭାବ କମିବାରେ ଲାଗିଛି। ଯେଉଁଥିପାଇଁ ରାଜ୍ୟରେ ବର୍ଷାର ମାତ୍ରା ଧୀରେ ଧୀରେ କମିବ। ତେବେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସାଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସୂଚନାରୁ ପ୍ରକାଶ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ବର୍ଷା ଲାଗି ରହିଥିଲା। ତେବେ ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିଲା। ଯେଉଁଥିପାଇଁ ଜୀବନ ଯାତ୍ରା ପ୍ରଭାବିତ ହୋଇଥିଲା।

# ବଲାଙ୍ଗିର ଜିଲ୍ଲାସ୍ତରୀୟ ବ୍ୟାଚ୍ ପ୍ରେସ ଓ ଡେଡ୍ ଲିଫ୍ଟ ଚମ୍ପିୟନସିପ

ବଲାଙ୍ଗୀର, ୦୪/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ ଫିଟନେସ ଆନୁକୂଲ୍ୟରେ ସ୍ଥାନୀୟ ଗୋପାଳଜୀ ମନ୍ଦିର ପରିସରରେ ଜିଲ୍ଲାସ୍ତରୀୟ ବ୍ୟାଚ୍ ପ୍ରେସ ଓ ଡେଡ୍ ଲିଫ୍ଟ ଚମ୍ପିୟନସିପ ଉଭୟ ପୁରୁଷ ଓ ମହିଳାଙ୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ତଥା ସହରର ବିଭିନ୍ନ କ୍ଲବର ସଭ୍ୟମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ବରିଷ୍ଠ ଆଇନଜିବୀ ଅମରେନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥି ଜିଲ୍ଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠି, ସମ୍ମାନିତ ଅତିଥି ପୂର୍ବତନ ଡିଏସ୍‌ଓ ରାଜେନ୍ଦ୍ର ବଡେଇ, ସମ୍ମାନିତ ଅତିଥି ଶ୍ରୀମନ୍ତ ପଣ୍ଡା, ସମ୍ମାନିତ ଅତିଥି ମନୋରଞ୍ଜନ ମିଶ୍ର, ଜୁଲୁ ପଟ୍ଟନାୟକ, ବୁଲୁ ଦାନୀ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ଆୟୋଜକ ଅନ୍ ଫିଟନେସ ଅନିଲ ନାଏକ, ସଂଜୟ ଶତପଥି, ରୂପକ ବରାଳ, ବିଡିଜିଏ ସମ୍ପାଦକ ସଂଗ୍ରାମ ବହିଦାର ବିଚାରକ ଦାୟିତ୍ୱ ତୁଲାଇଥିଲେ। ମହିଳା ଡେଡ୍ ଲିଫ୍ଟରେ ୫୨ କେଜି ବିଭାଗରେ ପ୍ରଥମ ଗୁଞ୍ଜନ ପଟ୍ଟନାୟକ, ଦ୍ୱିତୀୟ ମନୋଲିସା ବିଶି, ତୃତୀୟ ଅର୍ଚ୍ଚନା ଚୌହାନ। ଦ୍ୱିତୀୟ ଗ୍ରୁପ ବିଭାଗରେ ପ୍ରଥମ ପୂଜା ଚୌହାନ, ଦ୍ୱିତୀୟ ସୁନନ୍ଦା ଭୋଇ, ତୃତୀୟ ରୋଜି ବାଗ। ତୃତୀୟ ବିଭାଗରେ ପ୍ରଥମ ନୀତୁ ଡୁଙ୍ଗଡୁଙ୍ଗ, ଦ୍ୱିତୀୟ କିରନ ରଥ, ତୃତୀୟ ପୁଷ୍ପାଞ୍ଜଳି ମଲ୍ଲିକ। ଚତୁର୍ଥ ବିଭାଗରେ ପ୍ରଥମ ସରୀନା ଡୁଙ୍ଗଡୁଙ୍ଗ, ଦ୍ୱିତୀୟ ସମୀକ୍ଷା ମାହାଣା, ତୃତୀୟରେ ରୀଙ୍କୁ ସୁନା। ଷ୍ଟ୍ରଙ୍ଗ ଓମେନରେ ନୀତୁ ଡୁଙ୍ଗଡୁଙ୍ଗ ହାସଲ କରିଥିଲେ। ପୁରୁଷ ବେଂଚ ପ୍ରେସ ୫୨ କେଜି ବିଭାଗରେ ପ୍ରଥମ ସାହିଲ ସ୍ୱାଇଁ, ଦ୍ୱିତୀୟ ଆଶିକ୍ ମାଝି, ତୃତୀୟ ହେମନ୍ତ ନାଗ। ୫୯ କେଜି ବିଭାଗରେ ପ୍ରଥମ ବିଶ୍ୱଜିତ ସୁନା, ଦ୍ୱିତୀୟ ଛୋଟୁ ପୋଡ଼, ତୃତୀୟ ନିଖିଲ ନାଗ। ୬୬ କେଜି ବିଭାଗରେ ପ୍ରଥମ ମନୋରଞ୍ଜନ ସାହୁ, ଦ୍ୱିତୀୟ ମିଲନ ନାଗ, ତୃତୀୟ ବିଷ୍ଣୁ ପ୍ରସାଦ ନାଏକ। ୭୪ କେଜି ବିଭାଗରେ ପ୍ରଥମ ଆଲୋକ ସାଗର, ଦ୍ୱିତୀୟ ନିଖିଲ ସୁନା, ତୃତୀୟ ସେଖ୍ ଅଖତର। ୮୩ କେଜି ବିଭାଗରେ ପ୍ରଥମ ଯୁବରାଜ ବରୁଆ, ଦ୍ୱିତୀୟ ସିଦ୍ଧାନ୍ତ ପଡିହାରି, ତୃତୀୟ ସୁଶାନ୍ତ ମନହିରା। ୯୩ କେଜି ବିଭାଗରେ ପ୍ରଥମ ସାର୍ତକ ଶ୍ରୀଓ୍ୱସ୍ତବ, ଦ୍ୱିତୀୟରେ ସିବୁ ରାଉତ, ତୃତୀୟରେ ଆନନ୍ଦ ଛତର। ପ୍ରତିଯୋଗିତାରେ ସର୍ବାଧିକ ବେଂଚ ପ୍ରେସ ସାର୍ଥକ ଶ୍ରୀଓ୍ୱାସ୍ତବ ୧୪୦ କେଜି ମାରିଥିଲେ। ଷ୍ଟ୍ରଙ୍ଗ ମ୍ୟାନ ମନୋରଞ୍ଜନ ସାହୁ ଚମ୍ପିୟନ ଅଫ୍ ଚମ୍ପିୟନ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ସଫଳ କରିବାରେ ସଭ୍ୟ ବବନ ମିଶ୍ର, ଦିଲିପ୍ ପଟ୍ଟନାୟକ ଘନ ପଟେଲ, ବାଦଲ ପାତ୍ର, ରାମ ସିଂ ପ୍ରମୁଖ ସହଯୋଗ କରିଥିଲେ। ହେଣ୍ଡିକେପ୍ ପ୍ରତିଯୋଗିତାରେ ବବୁଲୁ ମିଶ୍ର ତାଙ୍କ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

# ଝାରସୁଗୁଡା ଜିଲ୍ଲାରେ ମାଣ୍ଡିଆ ସଚେତନତା ରଥର ଉଦ୍‌ଘାଟନ

ଝାରସୁଗୁଡ଼ା, ୦୪/୧୦ (ନି.ପ୍ର): ଅନ୍ତର୍ଜାତୀୟ ମିଲେଟ ବର୍ଷ ୨୦୨୩ ଶୁଭ ଅବସରରେ ଝାରସୁଗୁଡାରେ ପୁଷ୍ଟିଶସ୍ୟ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆବୋଲି ସୁନିଲ ନରଓ୍ୱଣେପତାକା ଦେଖାଇ ମିଲେଟ୍ ସଚେତନତା ରଥର ଶୁଭ ଉଦଘାଟନ କରିଛନ୍ତି। ମାଣ୍ଡିଆ, କୋଦୋ, ଗୁର୍ଜି, କାଙ୍ଗୁ, ବାଜରା ଆଦି କ୍ଷୁଦ୍ର ଶସ୍ୟରେ ପ୍ରଚୁର ଶରୀର ଉପକାରୀ ଗୁଣ ରହିଥିବା ଓ ଅଧୁନା ସମାଜରେ କ୍ଷୁଦ୍ର ଶସ୍ୟର ଚାହିଦା ହ୍ରାସ ପାଉଥିବାରୁ ଏହାକୁ ପୁନଃ ଖାଦ୍ୟଥାଳିକୁ ଫେରେଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଓଡିଶା ମିଲେଟ ମିଶନ ଜରିଆରେ ପ୍ରୟାସ ଆରମ୍ଭ କରାଯାଇଛି। ଓଡିଶା ମିଲେଟ ମିଶନ ପକ୍ଷରୁ ଆୟୋଜିତ ଏହି ସଚେତନତା ରଥ ଜିଲ୍ଲାର ପାଂଚଟି ଯାକ ବ୍ଲକରେ ଚାରି ଦିନ ଧରି ପ୍ରଚାର କରିବ। ପାଂଚଟି ଯାକ ରଥ ବ୍ଲକର ସମସ୍ତ ଗ୍ରାମାଂଚଳ ବୁଲି ମିଲେଟ ଚାଷ, ମିଲେଟର ଉପକାରିତା ଓ ଅନ୍ତର୍ଜାତୀୟ ମିଲେଟ ବର୍ଷ ୨୦୨୩ ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ତେଣୁ କୃଷକମାନେ ଏହି ଚାଷକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ଓ ବହୁଳ ପରିମାଣରେ ଚାଷ କଲେ ସେମାନେ ଆର୍ଥିକ ଦୃଷ୍ଟି କୋଣରୁ ସଶକ୍ତ ହୋଇପାରିବେ ଓ ଏହି ଅବସରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବଳଦେବ ମହାପାତ୍ର, ଓଡିଶା ମିଲେଟ ମିଶନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଟିକେଶ୍ୱର ବେହେରା, ସନ୍ଦୀପ ମଣ୍ଡଳ, ସ୍ୱର୍ଣ୍ଣଲତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଲଇକେରା, କୋଲାବିରା, ଝାରସୁଗୁଡ଼ା, କିର୍ମିରା ଓ ଲଖନପୁର ବ୍ଲକର ମାଣ୍ଡିଆ ରଥ ସହିତ ଏଥିରେ ସେବା, ସେବକ, ଓ ଆଜକା ସଂଗଠନର କର୍ମୀ ଓ ଅନ୍ୟ କୃଷି ପଦାଧିକାରୀ ମଧ୍ୟ ଯୋଗ ଦେଇଥିଲେ।

# ମୈତ୍ରୀ ମହଲର ୪୨ତମ ବାର୍ଷିକୋତ୍ସବ

ବଲାଙ୍ଗୀର, ୦୪/୧୦ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଲାଲବାହାଦୂର ଶାସ୍ତ୍ରୀଙ୍କ ପବିତ୍ର ଜୟନ୍ତୀ ତିଥିରେ ମୈତ୍ରୀ ମହଲର ୪୨ତମ ବାର୍ଷିକୋତ୍ସବ ହାଟପଦା ପଡା ସ୍ଥିତ ମୈତ୍ରୀ ମହଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଂଚାସୀନ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ଅନଙ୍ଗ ଉଦୟ ସିଂହଦେଓ, ଅନ୍ୟତମ ଅତିଥି ପୌରାଧକ୍ଷା ଶ୍ରୀମତୀ ଲିକା ସାହୁ, ମୁଖ୍ୟବକ୍ତା ଅବସର ପ୍ରାପ୍ତ ଅଧକ୍ଷ ଡ଼ିଏଭି କଲେଜ ଟିଟିଲାଗଡ଼ ଶିବପ୍ରସାଦ ନନ୍ଦ ଓ୍ୱାର୍ଡ଼ ନମ୍ବର ୬ଏବଂ ୮ର କାଉନସିଲର ପିଙ୍କି କବାଟ, ନନ୍ଦିନୀ ପୋଡ଼, ଯୁବନେତା ଲୋଟସ ଷଡ଼ଙ୍ଗୀ, ଆଦ୍ୟଶଙ୍କର ମିଶ୍ର, ଶୋଭାଗିନୀ ପତି ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ମୈତ୍ରୀ ମହଲ ଉନ୍ନତି କରଣ ଫଳକ ଉଦଘାଟନ ପୂର୍ବକ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ସ୍ମୃତିଚାରଣ ସହ ମୈତ୍ରୀମହଲର ଉନ୍ନତି ତଥା ଏକ ସୁସ୍ଥ ସମାଜ ଗଠନ ପାଇଁ ଯୁବପିଢ଼ି ଆଗଭର ହେବାପାଇଁ ମନ୍ତବ୍ୟ ପ୍ରଦାନ କରିଥିଲେ, ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଥିବା କ୍ରୀଡ଼ା ସଂଗଠିକା ଇନ୍ଦିରା ନନ୍ଦିନୀ ନାଥ, ସଙ୍ଗୀତ ଶିଳ୍ପୀ ମୂରଲି ଧାରି ପତି, ବନ୍ୟଜନ୍ତୁ ସଂରକ୍ଷକ ଅରିନ୍ଦମ ପରିଛା, ସାମ୍ବାଦିକ ବିଭୂକଲ୍ୟାଣ ଗଡ଼ତିଆ ନୃତ୍ୟଶିଳ୍ପୀ ସୁବଳ ମହାକୁର, କାଉନ୍‌ସିଲର ସଞ୍ଜୁଲତା ଦନ୍ତା, ସ୍ୱଚ୍ଛ ସଂକଳ୍ପ ସଙ୍ଘ ସଦସ୍ୟ ବୃନ୍ଦ ପ୍ରଭୃତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇ ଥିଲା ବିଜେଡି ନଗର ସଭାପତି ତଥା ଓ୍ୱାର୍ଡ଼ ୭ ନମ୍ବର କାଉନସିଲର ଶମ୍ଭୁ ନାଗ ସଭାକୁ ସଂଯୋଜନା କରିଥିବାବେଳେ ମୈତ୍ରୀ ମହଲର ସଭାପତି ରବି ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରଛାତ୍ରୀଙ୍କ ନୃତ୍ୟ ପ୍ରତିଯୋଗୀତା ତଥା ଡ଼ିଉଲୋକ ଆର୍କେଷ୍ଟ୍ରାର କଳାକାରମାନେ ସଂଗୀତ ବିଚିତ୍ରା ପରିବେଷଣ କରିଥିଲେ, ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ହାଟପଦା, ବ୍ରାହଣପଡ଼ା, ବରପାଲି ପଡ଼ା, ରାମେଶ୍ୱର ନଗର, ଚିମିନି ଭାଟି, ବିଭୂତିପଡ଼ା, ଗାନ୍ଧୀନଗର ଅଂଚଳ ତଥା ସହରର ଅନ୍ୟାନ୍ୟ କୋଣରୁ ସପରିବାର ଆସି ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ, କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ମୈତ୍ରୀ ମହଲର ସଦସ୍ୟ ବନ୍ଟୁ, ଜିତୁ, ତାଜୁ, ପ୍ରତୀକ, ଶିବରାଜ, ତଥା ଅନ୍ୟମାନେ ସହଯୋଗ କରିଥିଲେ।

# ଚମ୍ପୁଆରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା : ବିପଦ ସଂକୁଳ ଅବସ୍ଥାରେ ମଥୁରାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ

ଚମ୍ପୁଆ , ୦୪/୧୦ (ନି.ପ୍ର): ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ ମଥୁରାପୁର ଗାଁ । ଏଠାରେ ଶିକ୍ଷାର ବିକାଶ ପାଇଁ ୧୯୫୪ ମସିହାରେ ସ୍ଥାପିତ ହୋଇ ଥିଲା ସରକାରୀ ପ୍ରାଥମିକ ବିଦ୍ୟାଳୟ। ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ଆସୁଥିବା ଏହି ବିଦ୍ୟାଳୟଟି ଏବେ ଆନୁଶାଙ୍ଗିକ ଅବ୍ୟବସ୍ଥା ପାଇଁ ତାର ଗାରିମା ହରାଇ ବସିଛି, ଦୀର୍ଘ ୬୯ ବର୍ଷ ପରେବି ବିଦ୍ୟାଳୟ ପାଇଁ ଭଲ ଶ୍ରେଣୀ ଗୃହ ଖଣ୍ଡେ ଯୋଗାଇ ଦିଆଯାଇ ପାରିଲା ନାହିଁ । ଫଳରେ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି। ଟାଇଲ ଛପର ଘରେ ଶିକ୍ଷାଦାନ ଦିଆ ହୋଇ ଆସୁଥିବା ଏହି ବିଦ୍ୟାଳୟରେ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରାୟ ୧୦ ବର୍ଷ ପୂର୍ବେ ବିଭାଗ ପକ୍ଷରୁ ତିଆରି ହୋଇଥିଲା ଏକ ଛାତ ଘର । ହେଲେ ନିମ୍ନ ମାନର କାମ ଯୋଗୁଁ ତାହା ଦୀର୍ଘ ଦିନ ପୂର୍ବରୁ ବ୍ୟବହାର ଅନୁପଯୋଗୀ ହୋଇ ପଡିଛି । ଛାତରୁ ପ୍ଲାଷ୍ଟର ଖସି ରଡ୍ ଦିଶୁଛି । ସାଧାରଣ ବର୍ଷାରେ ଘର ଭିତରେ ଲହଡି ମାରୁଛି ବର୍ଷା ପାଣି । କେତେବେଳେ ଯେ ଛାତ ଖସି ପଡିବ କହି ହେବ ନାହିଁ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ ଘରକୁ ଅସୁରକ୍ଷିତ ମନେ କରି ଦୀର୍ଘ ଦିନରୁ ନିର୍ମାଣ ହୋଇଥିବା ପୁରୁଣା ଟାଇଲ ଛପର ଘରକୁ ଶ୍ରେଣୀ ସ୍ଥାନାନ୍ତରିତ କରିଥିଲେ। ଏହି ପୁରୁଣା ଟାଇଲ ଛପର ଘର ସଙ୍ଗା ଦବି ଯାଉଥିବା ବେଳେ ଲାଗିଥିବା ରୁଅ, ଶେଣୀ କାଠ ଗୁଡିକ ଦୁର୍ବଳ ହୋଇ ଭାଙ୍ଗିବାକୁ ବସିଲାଣି। ଶ୍ରେଣୀଗୃହ କାନ୍ଥ ଚାରି ପଟେ ଫାଟି ଆଁ କରିଥିବାବେଳେ 'ଆସ ଆମେ ପଢିବା ସାଙ୍ଗ ହୋଇ ମରିବା' ନୀତିରେ ନାଚାର ଶିକ୍ଷକ, ଶିକ୍ଷୟିତ୍ରୀ ଉକ୍ତ ଗୃହରେ ପିଲାଙ୍କୁ ବସାଇ ଶିକ୍ଷାଦାନ କରିବାକୁ ବାଧ ହେଉଛନ୍ତି । ଅନ୍ୟ ପକ୍ଷରେ ଏହି ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼େଇବା ସୁରକ୍ଷିତ ମନେ ନକରି ଅଭିଭାବକ ମାନେ ନିଜ ନିଜ ପିଲାଙ୍କୁ ଅନ୍ୟତ୍ର ନେଇ ଯାଉଥିବା ଦେଖିବାକୁ ମିଳୁ ଥିବାବେଳେ ବିଦ୍ୟାଳୟ କାନ୍ଥରେ ବଡ ବଡ ଅକ୍ଷରରେ ନିରାପତା ରକ୍ଷା ନିମନ୍ତେ ଲେଖାଯାଇଥିବା "ଆମ ବିଦ୍ୟାଳୟ ସମସ୍ତଙ୍କ ପାଇଁ ଏକ ବିପଦ ମୁକ୍ତ, ସୁରକ୍ଷିତ ଓ ଆନନ୍ଦ ଦାୟକ ସ୍ଥାନ ଅଟେ" ମାତ୍ର ଏହାର ବିପରିତ ପ୍ରତିଫଳନ ଏହି ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଯାହାକି ସିଧା ସଳଖ ୫ ଟି ଶିକ୍ଷା ବ୍ୟବସ୍ଥାକୁ ଉପହାସ କରୁଛି। ତେବେ ବିଦ୍ୟାଳୟର ଅସୁରକ୍ଷିତ ଶ୍ରେଣୀ ଗୃହ କୁ ନେଇ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ସରପଂଚଙ୍କୁ ବାରମ୍ବାର ଅଭିଯୋଗ ହୋଇ ଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ। ଏଠି ଛୋଟ ଛୋଟ ଶିଶୁ ମାନେ ବିପଦ ସଂକୁଳ ଅବସ୍ଥାରେ ଶିକ୍ଷା ଗ୍ରହଣ କରୁଥିବା ବେଳେ ସବୁ ଜାଣି କିଛି ନ ଜାଣିଲା ପରି ରହିଛନ୍ତି ଅଧିକାରୀ । ଏଥିରୁ ବେଶ ଅନୁମାନ କରାଯାଇପାରେ ଯେ ଆମ ୫ ଟି ସରକାରଙ୍କ ଯୋଜନା ଉପରେ ଯୋଜନା କେତେ କାର୍ଯ୍ୟକାରୀ। ବିଦ୍ୟାଳୟ ସହିତ ଶ୍ରେଣୀ ଗୃହର ଉନ୍ନତି ପାଇଁ ବିଭାଗୀୟ ପଦକ୍ଷେପର ନିହାତି ଆବଶ୍ୟକ ଥିଲେ ମଧ ଏହି ବିଦ୍ୟାଳୟକୁ ଜାଣିଶୁଣି ନଜର ଅନ୍ଦାଜ କରାଯାଉଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉ ଥିବାବେଳେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସ୍ୱଚ୍ଛ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୧୬ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୦୪/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀଯୁକ୍ତ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୧୬ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିବାବେଳେ ତନ୍ମଧ୍ୟରେ ୧୦ ଗୋଟି ବ୍ୟକ୍ତିଗତ ଓ ୦୬ ଗୋଟି ସାମୁହିକ ଦରଖାସ୍ତ ରହିଛି । ଶିବିରରେ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ସୋନପୁର-ଶ୍ରୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ଡ଼.ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡ଼ଃ ରମେଶ ଚନ୍ଦ୍ର ସ୍ୱାଇଁ , ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ , ଜିଲ୍ଲାପଂଚାୟତ ଅଧିକାରୀ ଶ୍ରୀ ଅର୍ଜୁନ ଚରଣ ମାଝୀ, ଡି ଏସ ଏସ ଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ,ଡି ଡବ୍ଲୁ ଓ ଅଚ୍ୟୁତାନନ୍ଦ ସିଂ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ,ତହସିଲଦାର ସୋନପୁର ନବୀନ କିଶୋର ପାଢ଼ୀ,ନିର୍ବାହୀ ଅଧିକାରୀ ପୌର ପରିଷଦ ସୋନପୁର ଶ୍ରୀ ସୂର୍ଯ୍ୟଂଶୁ ରୁଟ, ତଥା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଏଆଇଟିୟୁସି ରାଜ୍ୟ ପରିଷଦ ବୈଠକ ପାଇଁ ପ୍ରସ୍ତୁତି ବୈଠକ

ଜୟପୁର, ୦୪/୧୦ (ନି.ପ୍ର): ଆଜି ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଏଆଇଟିୟୁସି ଜିଲ୍ଲା କମିଟି ବୈଠକ ଶ୍ରମିକ ନେତା ଯୁଧିଷ୍ଠିର ରାଉଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୫ , ୧୬ ଦୁଇଦିନ ଧରି ଏଆଇଟିୟୁସି ର ରାଜ୍ୟ ସ୍ତରୀୟ ସାଧାରଣ ପରିଷଦ ବୈଠକ ଅବିଭକ୍ତ କୋରାପୁଟ ଜିଲ୍ଲାର ରାଜନୈତିକ ସାଂସ୍କୃତିକ ପ୍ରାଣ କେନ୍ଦ୍ର ଜୟପୁର ଠାରେ ଅନୁଷ୍ଠିତ ହେବ ଏବଂ ସମସ୍ତ କାର୍ଯ୍ୟକ୍ରମ ସୂଚାରୁରୂପେ ସଂଗଠିତ କରିବା ପାଇଁ ଏକ ଅଭ୍ୟର୍ଥନା କମିଟି ଗଠିତ ହୋଇଛି । ଏହି ଅଭ୍ୟର୍ଥନା କମିଟି ର ଅଧକ୍ଷ ରୂପେ ଯୁଧିଷ୍ଠିର ରାଉଳ ଙ୍କୁ ସର୍ବସମ୍ମତିକ୍ରମେ ଦାୟିତ୍ୱ ଦିଆ ଯାଇଛି । ସାଧାରଣ ସମ୍ପାଦକ ଓ କୋଷାଧକ୍ଷ ଭାବେ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି ଏବଂ ସଂଗଠନ ସମ୍ପାଦକ ଭାବେ ଉତମ ମଲ୍ଲିକ ଦାୟିତ୍ୱ ରେ ଅଛନ୍ତି । ତାସହ କୋରାପୁଟ ମାଲକାନଗିରି ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ଏଆଇଟିୟୁସି କର୍ମକର୍ତା ମାନେ ମଧ ଅଭ୍ୟର୍ଥନା କମିଟିର ସଦସ୍ୟ ରହିଛନ୍ତି। ଆସନ୍ତା ୧୫ ତାରିଖ ଦିନ ସକାଳ ଘ ୧୦.୦୦ ସମୟରେ ଏଆଇଟିୟୁସି ର ଏକ ପଟୁଆର ନୂଆ ବସ୍ ଷ୍ଟାଣ୍ଡ ନିକଟସ୍ଥ ଲକ୍ଷ୍ମୀ ଇନ୍ଦିରା ଛକ ଠାରୁ ବାହାରିବ ଏବଂ ବାବା ସାହେବ୍ କଲ୍ୟାଣ ମଣ୍ଡପ ସମ୍ମୁଖ ସ୍ଥଳରେ ସାଧାରଣ ସଭା ଅନୁଷ୍ଠିତ ହେବ। ସାଧାରଣ ସଭାକୁ ଜାତୀୟ ଏଆଇଟିୟୁସି ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ଏଆଇଟିୟୁସି ସଭାପତି ଶ୍ରୀ ଅଶୋକ ଦାଶ, ଏଆଇଟିୟୁସି ରାଜ୍ୟ ଉପ ସଭାପତି ତଥା ସିପିଆଇ ରାଜ୍ୟ ସମ୍ପାଦକ ଶ୍ରୀ ଅଭୟ ସାହୁ,ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସିପିଆଇ ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନଗୋ ପ୍ରମୁଖ ଉଦବୋଧନ ଦେବେ । ରାଜ୍ୟ ପରିଷଦର ବୈଠକ ବାବା ସାହେବ୍ କଲ୍ୟାଣ ମଣ୍ଡପ ଠାରେ ୧୫ ତାରିଖ ଅପରାହ୍ନ ରେ ଆରମ୍ଭ ହେବ ଏବଂ ୧୬ ଅକ୍ଟୋବର ସଂଧ୍ୟା ରେ ସମାପିତ ହେବ । ବିଭିନ୍ନ ସଂଗଠିତ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ସମୁଦାୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଧକ୍ଷ ଶ୍ରୀ ଯୁଧିଷ୍ଠିର ରାଉଳ କର୍ମୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି ।

# କନ୍ଧମାଳ ଜିଲ୍ଲାରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ

କନ୍ଧମାଳ, ୦୪/୧୦ (ନି.ପ୍ର): ଗାନ୍ଧୀ ଜୟନ୍ତୀ-୨୦୨୩ ପାଳନ ଅବସରରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମ ସାଇବର ସୁରକ୍ଷା ସଚେତନତା ଅଭିଯାନ ଶୁଭାରମ୍ଭ କରାଯାଇଛି । ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ, ସାଧାରଣ ଜନତା ଏବଂ ବିଭିନ୍ନ ବିଭାଗୀୟ ସରକାରୀ ପଦାଧିକାରୀମାନଙ୍କୁ ନେଇ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହେବା ସହିତ ଗୋଟିଏ ଭିଡିଓ ୱାଲ୍ ଥିବା ସଚେତନ ରଥକୁ ଜିଲ୍ଲା ପରିଭ୍ରମଣ ଉଦ୍ଦେଶ୍ୟରେ ଶୁଭାରମ୍ଭ କରାଯାଇଛି। କନ୍ଧମାଳ ବିଧାୟକ ଅଙ୍ଗଦ କହଁର କହିଲେ, ଆଜିର ତାରିଖରେ ସାଇବର ଅପରାଧ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି । ସେହିପରି, କନ୍ଧମାଳ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ରଦନ ମଲ୍ଲିକ ବ୍ୟାଙ୍କ ଆକାଉଂଟରେ ଅଧିକ ଟଙ୍କା ରଖିଥିବା ବ୍ୟକ୍ତିମାନଙ୍କୁ ଏହା ଉପରେ ଅଧିକ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର କହିଲେ, ଦେଶରେ ତଥା ରାଜ୍ୟରେ ଯେଉଁ ମାତ୍ରାରେ ଇଂଟରନେଟ୍ ର ବ୍ୟବହାର ବଢ଼ିଚାଲିଛି ସେହି ମାତ୍ରାରେ ସାଇବର ଅପରାଧ ମଧ୍ୟ ବଢ଼ିଚାଲିଛି । ତେବେ, ଡିଜିଟାଲ ଯୁଗରେ ଇଂଟରନେଟ୍ ର ବ୍ୟବହାରକୁ କମାଇପାରିବା ନାହିଁ ବରଂ ସତର୍କ ରହିବା ଆବଶ୍ୟକ । କାରଣ ଧନ ଜୀବନ ନଷ୍ଟ ହେବା ପରେ ପୋଲିସ ତା'ର କାରଣ ଖୋଜିବ । ତେଣୁ ଠକାମିର ଶିକାର ନ ହେବା ପାଇଁ ଆମେ ସଜାଗ ହେବା ଆବଶ୍ୟକ । ଫୁଲବାଣୀ ପୌରାଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି କହିଲେ, ଲୋକମାନେ ଜାଣିଶୁଣି ଲୋଭ ବଶତଃ ଠକାମିର ଶିକାର ହେଉଛନ୍ତି । ପିଲାମାନଙ୍କୁ ଅନ୍ ଲାଇନ୍ ରେ ପାଠପଢ଼ିବା ପାଇଁ ମୋବାଇଲ୍ ଦେବା ଠିକ୍ ମାତ୍ର ସେ ସେଥିରେ କ'ଣ କରୁଛି ତା'ର ତଦାରଖ କରିବାର ଆବଶ୍ୟକତା ମଧ ରହିଛି ବୋଲି ସେ କହିଥିଲେ । ଫୁଲବାଣୀ ସହରରେ ରାତି ପେଟ୍ରୋଲିଂ ପାଇଁ ଆରକ୍ଷୀ ଅଧୀକ୍ଷକଙ୍କୁ ସେ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବସନ୍ତ ପାତ୍ର ଏବଂ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡଃ. ସୁବାଷ ଚନ୍ଦ୍ର ପ୍ରଧାନ ମଧ ସଚେତନତାକୁ ଅଧିକ ଗୁରୁତ୍ୱ ଦେଇଥିଲେ । ଫୁଲବାଣୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏ' ଦିଗରେ ସଚେତନତା ବୃଦ୍ଧି ପାଇଁ ଅପରାହ୍ନରେ କନ୍ଧମାଳ ପୋଲିସ ତରଫରୁ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଛି ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ଉଦଯାପନୀ ଦିବସ ଦିନ ପୁରସ୍କୃତ କରାଯିବ ବୋଲି ସ୍ଥିର କରାଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମର ଅନ୍ୟତମ ପ୍ରାୟୋଜକ ତଥା ସେଂଟ୍ରାଲ ବ୍ୟାଙ୍କର ଶାଖା ପରିଚାଳକ ମଧୁସ୍ମିତା ଭୋଇ ବ୍ୟାଙ୍କ ଆକାଉଂଟରୁ କିଭଳି ଲୁଟେରାମାନେ ଟଙ୍କା ଠକି ନେଉଛନ୍ତି ସେ ବିଷୟରେ ବୁଝାଇଥିଲେ ଏବଂ ସଚେତନ ମଧ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲଳିତ କୁମାର ପଟ୍ଟନାୟକ ତାଙ୍କ ପ୍ରାରମ୍ଭିକ ଭାଷଣରେ କହିଥିଲେ ଯେ, ଯଦି ଆମେ ଇଂଟରନେଟ୍ ଓ ସୋସିଆଲ୍ ମିଡିଆର ବ୍ୟବହାର ଠିକ୍ ଭାବେ କରିବା ତେବେ ଏହି ଅପରାଧକୁ ରୋକିବାରେ ସକ୍ଷମ ହୋଇପାରିବା । ଗତ ତିନି ବର୍ଷ ମଧ୍ୟରେ କନ୍ଧମାଳ ଜିଲ୍ଲାରେ ୮୦ଟି ସାଇବର ଅପରାଧିକ ମାମଲା ରୁଜୁ ହୋଇଛି । ସେଥିରୁ ୧୦ଟି ମହିଳା ଓ ଶିଶୁଜନିତ ଏବଂ ୪୮ଟି ଅର୍ଥନୈତିକ ଜନିତ ଅପରାଧରେ ୨୨ ଜଣ ଅପରାଧିଙ୍କୁ ଗିରଫ କରାଯାଇଛି । ତେବେ, ଜନସାଧାରଣଙ୍କୁ ଏହା ଉପରେ ସଚେତନ କରିବା ପାଇଁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହି ସାଇବର ସୁରକ୍ଷା ସଚେତନତା ରଥ ଆମ ଜିଲ୍ଲାର ୧୭ଟି ଥାନା ଏବଂ ୧୨ଟି ବ୍ଲକ ଅଂଚଳ ପରିଭ୍ରମଣ କରି ଲୋକଙ୍କ ମଧ୍ୟରେ ତଥା ସ୍କୁଲ କଲେଜ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର କାର୍ଯ୍ୟକ୍ରମ ରହିଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଓ ଜନଗହଳି ଯାଗାରେ ଭିଡିଓ ପ୍ରଦର୍ଶନ, ପ୍ରଚାର ପତ୍ରିକା ବିତରଣ, ସର୍ବସାଧାରଣ ସ୍ଥାନରେ ସଚେତନତା ସଭା ଆୟୋଜନ କରିବା, ଅଙ୍ଗନୱାଡ଼ି କର୍ମୀ, ମିଶନ ଶକ୍ତି, ଆଶା କର୍ମୀମାନଙ୍କ ଦ୍ୱାରା ଗ୍ରାମାଚଂଳରେ ଘରକୁ ଘର ବୁଲି ସଚେତନତା କରାଇବା ସହିତ ପଥପ୍ରାନ୍ତ ସଭା ଓ ବିଭିନ୍ନ ସାଂସ୍କୃତିକ ସଭାମାନ ଆୟୋଜନ କରିବାର କାର୍ଯ୍ୟକ୍ରମ ମଧ ରହିଛି ବୋଲି ସେ କହିଥିଲେ। ଆଜିର ଏହି ସଭାରେ ସ୍ଥାନୀୟ ଜନସାଧାରଣ, ପୋଲିସ ଅଧିକାରୀ ତଥା ବିଭାଗୀୟ ପଦାଧିକାରୀ ଏବଂ ଗଣମାଧମର ପ୍ରତିନିଧିମାନେ ଯୋଗଦେଇଥିଲେ ।

# ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

କନ୍ଧମାଳ, ୦୪/୧୦ (ନି.ପ୍ର): ଜିଲ୍ଲା ପ୍ରଶାସନ କନ୍ଧମାଳ ଓ ଓଡ଼ିଶା ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଆଜି ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ-୨୦୨୩ ମହାସମାରୋହର ସହିତ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଯୋଗ ଶିବିର ଅନୁଷ୍ଠିତ ହେବା ସହିତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା ଏବଂ ମାଗଣା ଔଷଧ ବଣ୍ଟନ ମଧ କରାଯାଇଛି। ଏହି ଯୋଗ ଶିବିରରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ମନୋଜ କୁମାର ଉପାଧ୍ୟାୟ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏହି ଦିବସ ପାଳନ ଅବସରରେ, ବରିଷ୍ଠ ନାଗରିକ ମାନଙ୍କ ଯତ୍ନ ନେବା, ସେମାନଙ୍କୁ ଭଲ ପାଇବା ଏବଂ ସେମାନଙ୍କୁ ସମ୍ମାନର ସହିତ ବଞ୍ଚିବାକୁ ଦେବା ଭଳି ସଚେତନତା ବାର୍ତା ଦେବା ଉଦ୍ଦେଶ୍ୟରେ ରବିବାର ସକାଳେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ପରେ ଏକ ଅଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନ୍ୟବର ଫୁଲବାଣୀ ବିଧାୟକ ଅଙ୍ଗଦ କହଁର କହିଲେ, ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ସେହିପରି, ଫୁଲବାଣୀ ପୌରାଧକ୍ଷା ସ୍ମିତାରାଣୀ ମହାନ୍ତି କହିଲେ, ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ମୁଖ୍ୟ ଚିକିତ୍ସାଳୟ ରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଦରକାର। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସେଠୀ ତାଙ୍କ ପ୍ରାରମ୍ଭିକ ସୁଚନା ପ୍ରଦାନ ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ବରିଷ୍ଠ ନାଗରିକ ମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଥିବା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଉପଲକ୍ଷେ ଛାତ୍ରଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ସେହି ପ୍ରତିଯୋଗିତାର କୃତୀ ପ୍ରତିଯୋଗିମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସଭା ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବଲାଙ୍ଗିର ଜିଲ୍ଲା ସିନିୟର ନକଆଉଟ ଫୁଟବଲ ଦଶମ ଦିବସ: ସାଇଟ, ବିଏମ୍‌ସି, ରେଙ୍ଗଟାସିଲ, ମହିପୁର ଓ ପ୍ରୋଗ୍ରେସିବ୍ କ୍ଲବ ଏ ବିଜୟୀ

ବଲାଙ୍ଗୀର, ୦୪/୧୦ (ନି.ପ୍ର):ବଲାଙ୍ଗୀର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ୫ ଗୋଟି ପଡିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି । ପଲ୍ଲୀଶ୍ରୀ ବିହାର ଷ୍ଟାଡିୟମ ସଦାଇପାଲିରେ ସାଇଟ ଦଳ ରିଜର୍ଭ ପୋଲିସ ଦଳକୁ ୧-୦ ଗୋଲରେ ହରାଇ ବିଜୟୀ ହୋଇଛି । ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂସଦର ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ସାଇଟ ଅନୁଷ୍ଠାନର ଅଦିତ୍ୟ କୁମାର ପଟ୍ଟନାୟକ, ସନ୍ତୋଷ ବ୍ରହ୍ମା ଓ ପୂର୍ବତନ ଫୁଟବଲ ଖେଳାଳି ତଥା ଚୟନକମିଟି ସଦସ୍ୟ ଶ୍ରୀକାନ୍ତ ରାଉତ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସଂଜିବ ମହାରଣା, ସୁଦର୍ଶନ ସେଠ, ସୁରେଶ ନାଏକ ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ। ଖୁଜେନପାଲି ପଡିଆରେ ବିଏମ୍‌ସି ୧-୦ ଗୋଲରେ ସମଲେଶ୍ୱରୀ ଗଇଁତଲା ଦଳକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବରେ ନିହାର ରଂଜନ ସ୍ୱାଇଁ ଓ କ୍ରୀଡା ଅଧିକାରୀ ପରାଶର ବାଗ ଯୋଗ ଦେଇଥିଲେ। ଖେଳକୁ ଦେବାଶିଷ ବାଗ, ବିକି ବିଶି, ଖଲିଲଉର ରହେମାନ ଓ ନରସିଂସ୍ୱାମୀ ନାଇଡୁ ପରିଚାଳନା କରିଥିଲେ। ଚୁଡାପାଲି ପଡିଆରେ ରେଙ୍ଗଟାସିଲ ଦଳ ଭାଲୁପିଟା ଦଳକୁ ୩-୨ ଗୋଲରେ ହରାଇ ବିଜୟ ହାସଲ କରିଛି। ଅତିଥି ଭାବରେ ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷ ଗୁଲାପ ବାଗ ଯୋଗ ଦେଇଥିଲେ। ଖେଳକୁ ପୁରୁଷୋତମ ବୁଡେକ, ଜଳନ୍ଧର ସାହୁ, ଉମେଶ ଚନ୍ଦ୍ର ଭୋଇ ଓ ବୈକୁଣ୍ଠ ଜେନା ପରିଚାଳନା କରିଥିଲେ। ଜରାସିଂହା ମିନି ଷ୍ଟାଡିୟମରେ ମହିପୁର ୪-୦ ଗୋଲରେ କରେଲଧୁଆ ଦଳକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବରେ ଦେଓଗାଁ ସିଏଚ୍‌ସି ଡା. ଚିତ ରଂଜନ ମିଶ୍ର ଓ ଡା. ପ୍ରମୋଦ କୁମାର ସାହୁ ଯୋଗ ଦେଇଥିଲେ। ଖେଳକୁ ସଞ୍ଜନ କୁଦେଇ, କୈଳାସ ଚନ୍ଦ୍ର କର୍ତି, ଲକ୍ଷ୍ମୀଧର ମହାନ୍ତି ଓ ଶ୍ରୀବତ୍ସ ମେହେର ପରିଚାଳନା କରିଥିଲେ। ଟାଉନ ହାଇସ୍କୁଲ ଖେଳ ପଡିଆରେ ପ୍ରୋଗ୍ରେସିଭ୍ କ୍ଲବ(ଏ) ଠିକାଦାରପଡା ଆର.କେ ଷ୍ଟିଲ ଦଳକୁ ୩-୦ ଗୋଲରେ ହରାଇ ବିଜୟୀ ହୋଇଛି।

# ବାର୍ଦ୍ଧକ୍ୟରେ ଆଂଟି ଅକ୍ସିଡାଂଟର ଆବଶ୍ୟକତା

**ବାର୍ଦ୍ଧକ୍ୟାବସ୍ଥା ରୋଗ ନୁହେଁ, ଏହା ଜୀବବିଜ୍ଞାନ ପ୍ରକ୍ରିୟା। ଏହାକୁ କେହି ପରିହାର କରିପାରିବେନି। ଏହା ମନୁଷ୍ୟ ପାଇଁ ଅପରିହାର୍ଯ୍ୟ। ବୈଜ୍ଞାନିକ ଦୃଷ୍ଟିକୋଣରୁ ବାର୍ଦ୍ଧକ୍ୟ ହେଉଛି ଏକ ଜଟିଳ ପ୍ରକ୍ରିୟା। ଏହି ଅବସ୍ଥାରେ ଶରୀରରେ ଜୀବନକୋଷ କ୍ଷୟକ୍ଷତି ଘଟିବା ସହ ଶରୀରରେ ଶକ୍ତିର ଅଭାବ ଘଟେ। କାରଣ ଏହି ସମୟରେ ଶରୀରରେ ବିଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଦୃଢ଼ ପ୍ରତିରୋଧକ ଶକ୍ତିର ହ୍ରାସ ଘଟିଥାଏ। ବୃଦ୍ଧାବସ୍ଥାରେ ବହୁବିଧ ରୋଗର ଶିକାର ହେବାକୁ ପଡ଼େ। ଏଥିରୁ ଉପଶମ ପାଇବା ପାଇଁ ପୋଷଣ ଆଂଟିଅକ୍ସିଡାଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।**



ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ପରିଣତ ବୟସରେ ଯଦି ମନୁଷ୍ୟ ଆଣ୍ଟିଅକ୍ସିଡାଣ୍ଟର ନିର୍ଦ୍ଧାରିତ ଚିକିତ୍ସାରେ ରହେ, ତାହେଲେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିପାରିବ। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଚିକିତ୍ସାର ଅନ୍ୟ ଏକ ମହତଗୁଣ ହେଉଛି, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଅଧିକ ଔଷଧ ଖର୍ଚ୍ଚରୁ ବଞ୍ଚାଇବା ଓ ଡାକ୍ତରଖାନାର ରହଣି ସମୟକୁ କମାଇବା। ପୋଷଣ ବିଜ୍ଞାନର ଅନ୍ୟଏକ ଭୂମିକା ହେଉଛି ମନୁଷ୍ୟ ସମାଜକୁ ପୋଷଣ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଉପରେ ସଚେତନ କରାଇବା। କାର୍ଯ୍ୟଦକ୍ଷ ଆଣ୍ଟି ଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମଣିଷ ଉପରେ ଆଣ୍ଟି ଏଜିଂ ପ୍ରଭାବ ଅଛି।

ବାର୍ଦ୍ଧକ୍ୟ ଅବସ୍ଥାର କାରଣ: ଏହାର ମୁଖ୍ୟ କାରଣ ଗୁଡ଼ିକ ହେଲା: ୧- ଶରୀରର କାରଣ ଚାପ, ୨- ଜିନୀୟ ଦାନର ହ୍ରାସ, ୩- ଜୀବକୋଷ ବିଭେଦୀକରଣର କ୍ଷତି, ୪- ଅପରିବର୍ତ୍ତନୀୟ ଅଣୁବିଶିଷ୍ଟର ହାନି, ୫- ଶରୀର କ୍ରିୟାର କ୍ଷୟ ସାଧନ, ୬- ଶରୀରର ଉପଯୋଗୀକରଣ ଓ ସମସ୍ଥିତ ପ୍ରକ୍ରିୟାର ଅବନତି, ୭- ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ, ୮- ପରିବେଶ ପ୍ରଦୂଷଣ, ୯- ଫ୍ରିରାଡ଼ିକାଲର ଜୀବକୋଷ ଓ ଡି.ଏନ.ଏ. ଉପରେ ଆକ୍ରମଣ।

ଫ୍ରିରାଡ଼ିକାଲସ ଓ ବାର୍ଦ୍ଧକ୍ୟାବସ୍ଥା: ଫ୍ରିରାଡ଼ିକାଲ ହେଉଛି ଗୋଟିଏ ରାସାୟନିକ ଅବସ୍ଥା, ଯାହା ଜୀବକୋଷର ଦିଗ୍‌ବଳୟରେ ସ୍ୱାଧୀନ ଭାବେ ଅବସ୍ଥାନ କରିଥାନ୍ତି। ସେମାନଙ୍କ ଶରୀରରେ ଏକ କିମ୍ବା ଅଧିକ ଅନପେୟାର ଇଲେକ୍ଟ୍ରୋନ ଥାନ୍ତି। ସେହି ଅନପେୟାର ଇଲେକ୍ଟ୍ରୋନ ଗୁଡ଼ିକ ଶକ୍ତିଶାଳୀ ରସାୟନିକ ବନ୍ଧନ ଗଠନ କରି ଶରୀରର ଜୀବକୋଷର କ୍ଷତି ଘଟାଇଥାନ୍ତି। ଶରୀର ଭିତରେ ଥିବା ଏହି ମାରାତ୍ମକ ଫ୍ରିରାଡ଼ଫିକାଲ ଗୁଡ଼ିକ ଶରୀରରେ ଅନେକ କ୍ଷତି ଘଟାଇବା ସହିତ ମନୁଷ୍ୟକୁ ଶୀଘ୍ର ବାର୍ଦ୍ଧକ୍ୟ ଅବସ୍ଥାକୁ ଟାଣି ନେଇଥାନ୍ତି।। ଏହି ଉଗ୍ର ଓ ପ୍ରତିକ୍ରିୟାଶୀଳ ଫ୍ରିରାଡିକାଲ ସ୍ପେସିଜ୍ ସବୁ ଜୀବକୋଷର ଅନେକ କ୍ଷତି ଘଟଶଇ ମଣିଷର ଶରୀରରେ ଏକାଧିକ ରୋଗ ଉତ୍ପତ୍ତି କରିଥାନ୍ତି। ଏହି ପ୍ରତିକ୍ରିୟାଶୀଳ ରାସୋୟନିକ ସ୍ପେସିଜ ସମୂହ ମଧ୍ୟ ବାର୍ଦ୍ଧକ୍ୟବସ୍ଥା ପାଇଁ ମୁଖ୍ୟତଃ ଦାୟୀ। ଦେହ ଭିତରେ ଏହି ସ୍ପେସିଜ୍ ଗୁଡ଼ିକର ଉତ୍ପତ୍ତି କମିବା ଓ ଏହାର ପରିମାଣ ହ୍ରାସ ହେଲେ ବାର୍ଦ୍ଧକ୍ୟବସ୍ଥାର ବିଳମ୍ବ ଘଟିଥାଏ।



ବାର୍ଦ୍ଧକ୍ୟଅବସ୍ଥାର ଲକ୍ଷଣ:

୧- ଦୃଷ୍ଟି ଓ ଶ୍ରବଣ ।କ୍ତିର ହ୍ରାସ, ୨- ଶରୀରରେ ମାଂସପେଶୀର ବଳ କମିବା, ୩- ଗଣ୍ଠି ପୀଡ଼ା ରୋଗ ଦେଖାଯିବା, ୪- ଶରୀରର ଅଙ୍ଗ ସଚଳତା କମିବା, ୫- ଶରୀରର ଚେତନା ଶକ୍ତି ହ୍ରାସ ହେବା।

ଶରୀରରେ ଆଣ୍ଟି ଅକ୍ସିଡାଣ୍ଟର ଆବଶ୍ୟକତା: ଆଣ୍ଟିଅକ୍ସିଡାଣ୍ଟ ହେଉଛି ଗୋଟିଏ ରାସାୟନିକ ମଲ୍ଲିକୁଲ। ଏହା ଶରୀରର ଜୀବକୋଷର ଦିଗ୍‌ବଳୟରେ ବେଶ୍ ସ୍ଥିର ଭାବରେ ଥାଏ। ଏହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଶରୀର ଭିତରେ ଦକ୍ଷ ପ୍ରତିରକ୍ଷା ସିଷ୍ଟମ ଭାବେ କାର୍ଯ୍ୟ କରିଥାନ୍ତି। ଆଣ୍ଟି ଅକ୍ସିଡାଣ୍ଟ ମଲିକ୍ୟୁଲ ମାରାତ୍ମକ ଫ୍ରିରାଡ଼ିକାଲକୁ ଇଲେକ୍ଟ୍ରୋନ ଦାନକରି ସେ ସବୁକୁ ଅକାମୀ କରିଥାନ୍ତି। ଆଣ୍ଟିଅକ୍ସିଡାଣ୍ଟ ମଲିକ୍ୟୁଲ ନିରାପଦରେ ଫ୍ରିରାଡ଼ିକାଲ ସହ ଅନ୍ତକ୍ରିୟା ବା ପାରସ୍ପରିକ କ୍ରିୟା କରିଥାନ୍ତି। ସେହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ସାଧାରଣ ବିଚନ ପ୍ରକ୍ରିୟା ସମୟରେ ଶରୀର ଭିତରେ ଉତ୍ପତ୍ତି ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ କିଛି ଆଣ୍ଟିଅକ୍ସିଡାଣ୍ଟ ହେଉଛନ୍ତି, ଗ୍ଲୁଟାଥାୟନ, ଇୟୁବିକ୍ୟୁନେଲ ଏବଂ ଇୟୁରିକ ଅମ୍ଳ। ଅନ୍ୟ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରୁ ମିଳିଥଶନ୍ତି। ଶରୀର ଭିତରେ କେତେ ଗୁଡ଼ିଏ ଏନଜାଇମ



ସିଷ୍ଟମ ଓ ନନଏନଜାଇମ ସିଷ୍ଟମ ଫ୍ରିରାଡ଼ିକାଲକୁ ସ୍କାଭେଜିଂ କରିବାରେ ପ୍ରଧାନ ଭୂମିକା ନେଇଥାନ୍ତି। କିଛି ନନ୍ ଏନଜାଇମ ଆଣ୍ଟି ଅକ୍ସିଡାଣ୍ଟ ଗୁଡ଼ିକ ହେଲା- ଭିଟାମିନ-ଏ, ଭିଟାମିନ-ସି, ଏବଂ ବିଟା-କାରୋଟିନ। ଶରୀର ଭିତରେ ଏସବୁ ପଦାର୍ଥ ଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ହେଲା ଭିଟାମିନ-ଏ,. ଭିଟାମିନସି, ଏବଂ ବିଟା-କାରୋଟିନ। ଶରୀରର ଭିତରେ ଏସବୁ ପଦାର୍ଥଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରେ ସାମିଲ ହେବା ଉଚିତ୍।

ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ପଦ୍ଧତିର ଆବଶ୍ୟକତା:

ଆଣ୍ଟିଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମୁଖ୍ୟ କାର୍ଯ୍ୟ ଗଉଡ଼ିକ ହେଲା।୧- ଶରରର କ୍ରିୟାତ୍ମକ ଜୀବକୋଷକୁ କାରଣ କ୍ଷତିରୁ ରକ୍ଷା କରିବା, ୨- ମସ୍ତିଷ୍କ ରକ୍ତକୋଷର ଇଣ୍ଟିଗ୍ରିଟିକୁ ନିରାପଦରେ ରଖିବା, ୩- ମସ୍ତିଷ୍କ ନିୟୁରନ କୋଷକୁ ପୃଷ୍ଠପୋଷକତା ଦେବା, ୪- ଜିନ୍‌ର ଇଣ୍ଟିଗ୍ରିଟି ଓ ସ୍ଥିରତାକୁ ସଂରକ୍ଷଣ କରିବା ୫- ମନୁଷ୍ୟ ଶରୀରର ସିମେନର ବିଶେଷତ୍ୱରେ ଉନ୍ନତି ଆଣିବା ୬- ଡି.ଏନ.ଏ. ମରାମତିରେ ସହାୟକ ବେହା ଓ ଡି.ଏନ.ଏ.କୁ କ୍ଷତିରୁ ରକ୍ଷା କରିବା, ୭- ଶରୀରର ରୋଗ ପ୍ରତିରୋଧକ ସିଷ୍ଟମର ଉନ୍ନତି କରିବା ଓ ଶରୀରକୁ ନାନାବିଧ ରୋଗ ଦାଉରୁ ରକ୍ଷା କରିବା, ୮ - ଶରୀରର କ୍ରୋନିକ ରୋଗକୁ ନିୟନ୍ତ୍ରଣ କରିବା, ୯- ଶରୀରରେ ଜିନର ପ୍ରକାଶ କାରଣକୁ ନିୟନ୍ତ୍ରଣ କରିବାରେ ସହାୟକ ହେବା। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକର ଶରୀର ଉପରେ ଇନକ୍ରେଡିବିଲ ପ୍ରଭାବ ରହିଛି।

୧. ଭିଟାମିନ-ଏ, ଭିଟାମିନ-ଇ ଓ ଭିଟାମିନ-ସି ଯୌଗିକ ବସ୍ତୁ ଗୁଡ଼ିକ ପଥ୍ୟ ଆଣ୍ଟିଅକ୍ସିଡାଣ୍ଟ। ଏଗଉଡ଼ିକ ସବୁଜ, ହଳଦିଆ ଓ କମଳା ରଙ୍ଗ ପନିପରିବା ଓ ଫଳରେ ଅଧିକ ଥାନ୍ତି। ତେଣୁ ଏହି ଖାଦ୍ୟ ନିୟମିତ ଖାଇବା ଉପକାରୀ।

୨. ଲେମ୍ବୁ, କମଳା, ଅଙ୍ଗୁର ସମେତ ସବୁଜ ପତ୍ର ବହୁଳ ପନିପରିବା, ବନ୍ଧାକୋବି, ସବୁଜ ଲଙ୍କା, ପିଜୁଳି ଓ ଅଙ୍କୁରିତ ଡାଲିଜାତୀୟ ଶସ୍ୟ ଯଥା-ମୁଗ, ବିରି, ଶିମ୍ବ ଓ ମଟର ଆଦିରେ ପ୍ରଚୁର ପରିମାଣରେ ଭିଟାମିନ ସି ଥାଏ। ସେସବୁ ଖାଦ୍ୟ ବିଧିବଦ୍ଧ ଖାଇବା ଆବଶ୍ୟକ।

# 'ଏଫ୍‌ଏସ୍‌ଏସ୍‌ଏଆଇ'ର ସତର୍କ ସୂଚନା: ଆଉ ଖବରକାଗଜରେ ଖାଦ୍ୟପଦାର୍ଥ ଗୁଡ଼ାନ୍ତୁ ନାହିଁ

ଖବରକାଗଜରେ ଖାଦ୍ୟପଦାର୍ଥ ପ୍ୟାକିଙ୍ଗ୍ କରିବା, ରଖିବା, ପରିବେଷଣ କରିବା ତୁରନ୍ତ ବନ୍ଦ କରନ୍ତୁ ବୋଲି 'ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ସ ଅଥରିଟି ଅଫ୍ ଇଣ୍ଡିଆ'ର (ଏଫ୍‌ଏସ୍‌ଏସ୍‌ଏଆଇ) 'ସିଇଓ' ସତର୍କ କରାଇ ଦେଇଥିବା କଥା 'ପିଟିଆଇ' ରିପୋର୍ଟ କରିଛି। ରିପୋର୍ଟରେ ଉଲ୍ଲେଖ ଅଛି, ଖବରକାଗଜ ଛାପାରେ ବ୍ୟବହୃତ କାଳିରେ କେତେକ ରାସାୟନିକ ପଦାର୍ଥ ରହୁଛି ଯାହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବ। 'ଏଫ୍‌ଏସ୍‌ଏସ୍‌ଏଆଇ'ର 'ସିଇଓ' ଜି. କମଳା ବର୍ଦ୍ଧନା ରାଓ ଗୁରୁତ୍ୱାରୋପ କରି କହିଛନ୍ତି, ଖବରକାଗଜ ଛାପିବା ପାଇଁ ବ୍ୟବହାର କରାଯାଉଥିବା କାଳିରେ କେତେକ 'ବାୟୋଆକ୍ଟିଭ୍' ପଦାର୍ଥ ରହିଛି ଯାହା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଏ। ସେ ସବୁ ଖବରକାଗଜରେ ଗୁଡ଼ାଯାଇଥିବା ଖାଦ୍ୟପଦାର୍ଥକୁ ସଂକ୍ରମିତ କରିପକାଏ। ସେ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବ।

ଏହାଛଡ଼ା, କାଳିରେ ଥିବା ସୀସା ଓ ଭାରୀ ଧାତବ ପଦାର୍ଥର ଭାଗ ବି ମାନବ ଶରୀରକୁ ଏହି ଖାଦ୍ୟପଦାର୍ଥ ସହ ପ୍ରବେଶ କରେ। ଏହାଛଡ଼ା, ବଣ୍ଟନ କରାଯିବା ବେଳେ ଖବରକାଗଜ ବିଭିନ୍ନ ପରିବେଶ ପରିସ୍ଥିତି ଦେଇ ଆସିଥାଏ। ଫଳରେ ସେଥିରେ ବ୍ୟାକ୍ଟେରିଆ, ଭୂତାଣୁ ଓ ଅନ୍ୟାନ୍ୟ ଅଣୁଜୀବ ଥାଇପାରନ୍ତି। ସେଥିରୁ ସେସବୁ ଖାଦ୍ୟପଦାର୍ଥକୁ ଚାଲିଯାଇ ଖାଦ୍ୟଜନିତ ଅସୁସ୍ଥତା ସୃଷ୍ଟି କରନ୍ତି ବୋଲି 'ଏଫ୍‌ଏସ୍‌ଏସ୍‌ଏଆଇ' ସତର୍କ କରାଇ ଦେଇଛି।



# ଅଧିକ ଲୁଣ ଖାଉଛନ୍ତି ଭାରତୀୟ: ଦିନକୁ ୫ ଗ୍ରାମ ବଦଳରେ ଖାଉଛନ୍ତି ୮ ଗ୍ରାମ

ଭାରତୀୟମାନେ ଅଧିକ ଲୁଣ ଖାଉଛନ୍ତି। ଦିନକୁ ୫ ଗ୍ରାମ ଲୁଣ ଖାଇବା ଉପଯୁକ୍ତ ବିଚାର କରାଯାଉଥିବା ବେଳେ ଭାରତୀୟମାନେ ତା'ଠାରୁ ଅଧିକ ୮ ଗ୍ରାମ ଲୁଣ ଖାଉଛନ୍ତି। ଏହା ପ୍ରସ୍ତାବିତ ପରିମାଣଠାରୁ ୩ ଗ୍ରାମ ଅଧିକ। ନେଚର ପୋର୍ଟଫୋଲିଓ ନାମକ ଜର୍ଣ୍ଣାଲ୍‌ରେ ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ସୋଡିୟମ୍ ଉପାଦାନ ଥିବା ଲୁଣ ଅଧିକ ଖାଇଲେ ରକ୍ତଚାପ ବୃଦ୍ଧି ପାଏ। ତାହାର ପ୍ରଭାବରେ ଲୋକମାନେ ହୃଦଘାତର ଶିକାର ହେବା ଆଶଙ୍କା ରହିଛି। ଅଣ-ସଂକ୍ରାମକ ରୋଗ ନିରୀକ୍ଷଣ ସର୍ବେକ୍ଷଣ ଅଧୀନରେ ୩୦୦୦ ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ପରିସ୍ରାରେ ଶରୀର ବାହାରକୁ ଆସୁଥିବା ସୋଡିୟମ୍ ପରିମାଣକୁ ସେଥିରେ ଯାଞ୍ଚ କରାଯାଇଥିଲା। ସେଥିରୁ ଜଣାପଡ଼ିଛି ଯେ ଭାରତରେ ସବୁ ବର୍ଗର ଲୋକମାନେ ନିର୍ଧାରିତ ସୀମାଠାରୁ ଅଧିକ ଲୁଣ ଖାଉଛନ୍ତି। ପୁରୁଷମାନେ ଦୈନିକ ୮.୯ ଗ୍ରାମ ଓ ମହିଳାମାନେ ୭.୯ ଗ୍ରାମ ଲୁଣ ଖାଉଛନ୍ତି। ନିଯୁକ୍ତି ପାଇଥିବା ଲୋକମାନେ ଦିନକୁ ୮.୬ ଗ୍ରାମ ଲୁଣ ଖାଉଥିବା ବେଳେ ତମାଖୁ ସେବନକାରୀମାନେ ୮.୩ ଗ୍ରାମ, ମେଦବହୁଳ ଲୋକମାନେ ୮.୫ ଗ୍ରାମ, ଉଚ୍ଚ ରକ୍ତଚାପ ସମସ୍ୟା ଥିବା ଲୋକମାନେ ୮.୫ ଗ୍ରାମ ଲୁଣ ଖାଉଛନ୍ତି। ରୋଜଗାରକ୍ଷମ ଥିବା ଲୋକଙ୍କ ତୁଳନାରେ ବେକାର ଥିବା ଲୋକମାନେ କମ୍ ଲୁଣ ଖାଉଛନ୍ତି।





# ମନ୍ଦିର-ମସଜିଦ୍ ଏକାଠି

ସମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଏକ ନିଆରା ଉଦାହରଣ ପାଲଟିଛି ପଶ୍ଚିମବଙ୍ଗର ଝରଗାମ। ଏଠାରେ ଜଣେ ବ୍ୟକ୍ତି ତାଙ୍କ ଘର ଭିତରେ ମନ୍ଦିର ସହିତ ମସଜିଦର ନିର୍ମାଣ କରିଛନ୍ତି। ପ୍ରତିଦିନ ଏଠାରେ ମହା ମୃତ୍ୟୁଞ୍ଜୟ ମନ୍ତ୍ର ସହିତ କୋରାନ ବାଣୀ ବି ଶୁଣିପାରିବେ। ଲେକାମାନେ ବି ଗୋଟିଏ ସ୍ଥାନରେ ପୂଜା କରିବା ସହିତ ନମାଜ ପଢ଼ିବାକୁ କୁଣ୍ଠାବୋଧ କରୁନାହାଁନ୍ତି। ଝାରଗାମର ୧୦ନମ୍ବର ଧୋରାଧରା ଟାଉନସିପ ଅଂଚଳରେ ଏହି ଭାଇଚାରା ଭାବ ଦେଖିବାକୁ ମିଳିଛି। ଏଠାରେ ଗତ ୨୩ ବର୍ଷ ହେଲା ନାରାୟଣ ଚନ୍ଦ୍ର ଆଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ତାଙ୍କ ସରକାରୀ ବାଭବନରେ ଉଭୟ ମନ୍ଦିର ଓ ମସଜିଦ ନିର୍ମାଣ କରିଛନ୍ତି। ୭୮ ବର୍ଷୀୟ ନାରାୟଣଚନ୍ଦ ୧୯୮୬ ମସିହାରେ ତାଙ୍କ ଘରେ ଶିବ ମନ୍ଦିର ନିର୍ମାଣ କରିଥିଲେ। ପରେ ସେ ଜଣେ ମୁସଲମାନ ପୀରଙ୍କ ପ୍ରଭାବରେ ଆସିଥିଲେ। ୧୯୯୪ରେ ସେହି ପୀରବାବାଙ୍କର ପରଲୋକ ଘଟିଥିଲା। ପୀରବାବାଙ୍କ ଶେଷ ଇଚ୍ଛାକୁ ସମ୍ମାନ ଜଣାଇ ଆଚାର୍ଯ୍ୟ ଶିବଲିଙ୍ଗ ନିକଟରେ ତାଙ୍କର ମଜାର ନିର୍ମାଣ କରିଥିଲେ। ସେତେବେଳେ ଆଚାର୍ଯ୍ୟ ଇଲେକ୍ଟ୍ରିସିଟି ବିଭାଗରେ କାମ କରୁଥିଲେ।

ଏକ ସାକ୍ଷାତକାରରେ ଆଚାର୍ଯ୍ୟ କରିଛନ୍ତି, ଏଠାରେ କୌଣସି ପ୍ରକାରର ଧାର୍ମିକ ବିବାଦ ଦେଖାଯାଇ ନଥାଏ। ଏଠାକୁ ଉଭୟ ହିନ୍ଦୁ-ମୁସଲମାନ ଏକାଠି ଆସନ୍ତି। କୋରାନ ପଢ଼ନ୍ତି ଓ ଯଜ୍ଞ କରନ୍ତି। ଯେଉଁ ଲୋକମାନେ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ସମ୍ମାନ ଜଣାନ୍ତି, ସେମାନେ ଏଠାକୁ ଆସିବା କଥା ଓ ଜାଣିବା କଥା ଯେ ବାସ୍ତବରେ ଏହାର ଅର୍ଥ କ'ଣ ହୋଇଥାଏ। ୧୯୭୨ ମସିହାରେ ଆଚାର୍ଯ୍ୟ ଫୁରଫରା ଶରିଫ ଯାଇଥିଲେ। ସେଠାରେ ତାଙ୍କର ଭୋଟ ପୀରବାବା ହଜରତ ସଇଦ ଗୁଲାମ ଚିସ୍ତିଙ୍କ ସହିତ ସାକ୍ଷାତ ହୋଇଥିଲା। ସେହି ପୀରବାବା ସଂସ୍କୃତରେ ଗୀତା, ବେଦ ଓ ଉପନିଷଦ ପଢୁଥିଲେ। ପୀରବାବା ହିଁ ଆଚାର୍ଯ୍ୟଙ୍କୁ କହିଥିଲେ ଯେ, ବେଦ ଓ କୋରାନ ସବୁ ଗୋଟିଏ ପ୍ରକାରର। ଏଥିରେ ପରସ୍ପର ପ୍ରତି ଭଲ ପାଇବା, ଶାନ୍ତି ଓ ସୌହାର୍ଦ୍ଦ୍ୟର କଥା କୁହାଯାଇଥାଏ। ପୀରବାବାଙ୍କ ସେହି କଥାରେ ଆଚାର୍ଯ୍ୟ ଖୁବ ପ୍ରଭାବିତ ହୋଇଥିଲେ।

ଉଲ୍ଲେଖନୀୟ ଯେ, ପୁରା ଝାରଗାମର ଏହା ଗୋଟିଏ ମାତ୍ର ମଜାର ଓ ଦରଘା। କିନ୍ତୁ ଏଠାକୁ କୌଣସି ମୁଖ୍ୟମନ୍ତ୍ରୀ କେବେବି ପରିଦର୍ଶନରେ ଆସିନାହାଁନ୍ତି। କିନ୍ତୁ ଏହା ଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ଝାରଗାମ ଷ୍ଟାଡ଼ିୟମକୁ ଅନେକ ଥର ମୁଖ୍ୟମନ୍ତ୍ରୀ ବୁଲି ଆସିଛନ୍ତି।

# କୋଲେଷ୍ଟ୍ରେରଲରୁ ମୁକ୍ତି

**ଆବଶ୍ୟକତା ଠାରୁ କୋଲେଷ୍ଟେରଲ ଅଧିକ ହେଲେ ମଣିଷ ପାଇଁ ବିପଦ ପହଂଚିଥାଏ। ଶରରରେ ରକ୍ତ ଏବଂ କୋଷରେ ଥିବା ଏହା ଚର୍ବି ଜାତୀୟ ପଦାର୍ଥ। ତେବେ ଏହା କୌଣସି ଉଦ୍ଭିଦ ଜାତ ଦ୍ରବ୍ୟରୁ ମିଳେନି। ପ୍ରାଣୀଙ୍କ ଠାରେ ସ୍ନେହସାର ଭାବରେ ମିଳୁଥିବା ବେଳେ କୋଲେଷ୍ଟେରଲ ସ୍ନେହସାରଯୁକ୍ତ ଖାଦ୍ୟ ମାଧ୍ୟମରେ ରକ୍ତରେ ପ୍ରବେଶ କରିଥାଏ।**

କୋଲେଷ୍ଟେରଲ ପରିମାଣ ଶରୀର ପାଇଁ ଅଧିକ ହେଲେ ମଣିଷ ମୃତ୍ୟୁ ମୁଖରେ ପଡ଼ିଥାଏ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ନିହାତି ଜରୁରୀ। ବିଶେଷକରି ଏହା ଶରୀରରେ ଜୀବକୋଷ ତିଆରି କରିବାରେ ବହୁଳ ଭାବେ ସାହାଯ୍ୟ କରେ ଏହାଛଡ଼ା ପୁରୁଷ ଏବଂ ସ୍ତ୍ରୀ ହରମୋନ ସମେତ ଭିଟାମିନ ତିଆରି କରିବାରେ ସହାୟତା କରିଥାଏ। ମଣିଷ ଶରୀରରେ କୋଲେଷ୍ଟେରଲର ମାତ୍ରା ନିରୂପଣ ରକ୍ତ ପରୀକ୍ଷା ମାଧ୍ୟମରେ ଜାଣିହୁଏ। ଜଣେ ସୁସ୍ଥ ଲୋକର କୋଲେଷ୍ଟେରଲ ମାତ୍ରା ୧୦୦ ମିଲିମିଟର ଥିବାବେଳେ ରକ୍ତରେ ୧୫୦ରୁ ୨୨୦ ମିଲିଗ୍ରାମ ରହିଥାଏ। ତେବେ ଶରୀରରେ କୋଲେଷ୍ଟେରଲର ମାତ୍ରା ଅଧିକ ହେଲେ ଏହା ଶରୀରରେ ଥିବା ରକ୍ତନଳୀ ଭିତରେ ଜମା ହୋଇ ରକ୍ତନଳୀର ଛିଦ୍ରକୁ ସଙ୍କୁଚିତ କରିଦିଏ। ଯାହାଦ୍ୱାରା ରକ୍ତ ଚଳପ୍ରଚଳ ହେବାରେ ବାଧା ଉପୁଜିଥାଏ। ଏହାର ପରିଣାମ ସ୍ୱରୂପ ମନୁଷ୍ୟକୁ ଉଚ୍ଚ ରକ୍ତଚାପ,ପାରାଲିସିସ, ହୃଦଘାତ ଓ ପିତ୍ତକୋଷରେ ପଥର ଆଦି ସୃଷ୍ଟି ହୋଇଥାଏ।



ସତର୍କତା: ତେବେ ମଣିଷ ଏହି କୋଲେଷ୍ଟେରଲ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ପ୍ରଥମେ ଖାଦ୍ୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଜରୁରୀ। ଏଥିପାଇଁ ନିୟମିତ ବ୍ୟବଧାନରେ ରକ୍ତ ପରୀକ୍ଷା କରିବା ଆବଶ୍ୟକ। ଶାରୀରିକ ସନ୍ତୁଳନ ରକ୍ଷା ପାଇଁ ନିୟମିତ ଯୋଗ, ବ୍ୟାୟାମ ଆଦି କରିବା ଦରକାର। ଏତଦବ୍ୟତୀତ ଚର୍ବିଯୁକ୍ତମାଂସ, ଅଣ୍ଡାର କେଶର, ଲହୁଣି, ଘିଅ, ରିଫାଇନ ତେଲ ଆଦିରେ ଯଥେଷ୍ଟ କୋଲେଷ୍ଟେରଲ ଥିବାରୁ ଏଥିରୁ ନିବୃତ ରହିପାରିଲେ ଜଣେ ସୁସ୍ଥ ରହିପାରିବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବିଦାୟ ବେଳାରେ ମୌସୁମୀ...

ବରଷା କାଳ ଅଟେ ମଙ୍ଗଳକାରୀ...- କବିଙ୍କ ଲେଖନୀର ଏଇ ଧାଡ଼ି ସଂକ୍ଷେପରେ ସୂଚାଇ ଥାଏ କେବଳ ଭାରତ ଓ ଭାରତବାସୀଙ୍କ ପାଇଁ କାହିଁକି, ସମଗ୍ର ବିଶ୍ୱ ପାଇଁ ବର୍ଷା କେତେ ଅତ୍ୟାବଶ୍ୟକ । ଆଉ ଏଇ ବର୍ଷା, ବିଶେଷକରି ମୌସୁମୀ ପ୍ରବାହଜନିତ ବର୍ଷାର ଆକଳନ କରି ଋତୁକାଳୀନ ଫସଲ ଏବଂ ଜଳ ଭଣ୍ଡାରଗୁଡ଼ିକର ସ୍ଥିତି ସମ୍ପର୍କରେ ଭବିଷ୍ୟବାଣୀ କରିଥାଏ ପାଣିପାଗ ବିଭାଗ । ଭାରତରେ ଜୁନ୍‌ରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତର ସମୟକୁ ମୌସୁମୀ ବର୍ଷାର ସମୟ ଭାବରେ ଗ୍ରହଣ କରାଯାଇଥାଏ । ଏବେ ଅକ୍ଟୋବର ମାସ ଆରମ୍ଭ ହୋଇ ସାରିଛି ଏବଂ ତା' ସହିତ ଉପସ୍ଥିତ ହୋଇ ସାରିଛି ମୌସୁମୀ ତା'ର ବିଦାୟ ନେବାର ବେଳାରେ । ସ୍ୱାଭାବିକ ଭାବରେ ତେଣୁ ମୌସୁମୀର ଗତିବିଧି ସମ୍ପର୍କିତ ଏକ ସମୀକ୍ଷା- ଦକ୍ଷିଣ ପଶ୍ଚିମ ମୌସୁମୀ ଯାହା ଉପରୋକ୍ତ ମାସଗୁଡ଼ିକରେ ପ୍ରବାହିତ ହୋଇଥାଏ, ତାହା ସୂଚାଇଛି ଯେ ଦୀର୍ଘ ଚାରି ବର୍ଷ ପରେ ଭାରତ ଏହା ଯୋଗୁଁ ସ୍ୱାଭାବିକଠାରୁ ସାମାନ୍ୟ କମ୍ ପରିମାଣର ବର୍ଷା ଲାଭ କରିଛି ; ଦୀର୍ଘକାଳୀନ ହାରାହାରି (ଏଲ୍‌ପିଏ)ର ୯୪.୪ ପ୍ରତିଶତ ଅର୍ଥାତ୍ ସଞ୍ଚୟୀ ହିସାବରେ ୮୨ ସେଣ୍ଟିମିଟର ବୃଷ୍ଟିପାତ ଲାଭ କରିଛି । ଏହାକୁ ସ୍ୱାଭାବିକଠାରୁ ସାମାନ୍ୟ କମ୍ କୁହାଯିବାର କାରଣ, ୮୯ ସେଣ୍ଟିମିଟର ବର୍ଷାକୁ 'ସ୍ୱାଭାବିକ' ବର୍ଷା ଭାବରେ ବିବେଚନା କରାଯାଇଥାଏ । ଏପ୍ରିଲ ମାସରୁ ଯଦି ମୌସୁମୀ ବର୍ଷାର ଭବିଷ୍ୟତର ଗତିବିଧି ସମ୍ପର୍କରେ ଆଲୋଚନା କରାଯାଏ, ତା'ହେଲେ ଦିଗ୍‌ବଳୟରେ ଏଲ୍ ନିନୋର ଏକ ଆଭାସ ମିଳିଥିବାରୁ ମୌସୁମୀ ଏହାର କବଳିତ ହେବା ଆଶା କରାଯାଉଥିଲା । କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ଏହି ଚକ୍ରୀୟ ଉତ୍ତପ୍ତ ଅବସ୍ଥା ସାଧାରଣତଃ ଭାରତରେ, ନିର୍ଦ୍ଦିଷ୍ଟ ଭାବରେ ଉତ୍ତର-ପଶ୍ଚିମ ଭାଗରେ ବର୍ଷାର ପରିମାଣ କମ୍ ହେବାକୁ ସୂଚାଇ ଥାଏ। ୨୦୧୯ରୁ ୨୦୨୨ ମଧ୍ୟରେ ଭାରତୀୟ ମୌସୁମୀ ଏହାର ଏକ ବିପରୀତ ପ୍ରକ୍ରିୟା, ଅର୍ଥାତ୍ ଏକ ଶୀତଳ ଲା ନିନା, ଯାହାକି ବେଳେବେଳେ ସ୍ୱାଭାବିକଠାରୁ ଅଧିକ ପରିମାଣର ବୃଷ୍ଟିପାତ ସହିତ ସମ୍ପୃକ୍ତ ହୋଇଥାଏ, ତାହା ଦ୍ୱାରା ଉଲ୍ଲେଖନୀୟ ଭାବରେ ପ୍ରଭାବିତ ହୋଇଥିଲା। ସେହିସବୁ ମାପଦଣ୍ଡ ଅନୁସାରେ ତେଣୁ ୨୦୨୩ରେ ସ୍ୱାଭାବିକ ମୌସୁମୀ ମଧ୍ୟ କଦାଚିତ୍ ଆଶା କରାଯାଉଥିଲା। ତେବେ ଚଳିତ ବର୍ଷର ମୌସୁମୀ ସମ୍ପର୍କିତ ଅନୁଭୂତି ସାଧାରଣଠାରୁ ଅଧିକ ଦୂରରେ ରହିଥିଲା । ଦେଶର ହାରାହାରି ୯ ପ୍ରତିଶତ ଅଞ୍ଚଳ 'ଅତ୍ୟଧିକ' ପରିମାଣର ମୌସୁମୀ ବର୍ଷା ଲାଭ କରିଥିବା ବେଳେ ୧୮ ପ୍ରତିଶତ ଅଞ୍ଚଳ ବର୍ଷାର 'ନିଅଣ୍ଟିଆ' ପରିସ୍ଥିତିକୁ ଏବଂ ଅବଶିଷ୍ଟ ଭାଗ 'ସ୍ୱାଭାବିକ' ଅବସ୍ଥାକୁ ସାମ୍ନା କରିଛନ୍ତି । ମୌସୁମୀଜନିତ ବର୍ଷାର ଅପର ପାର୍ଶ୍ୱର ଦୃଶ୍ୟପଟ କିଛି ଏହିପରି- ମହାରାଷ୍ଟ୍ରରେ ମରୁଡ଼ି ଭଳି ସ୍ଥିତି ; ଛତିଶଗଡ଼, ବିହାର ଏବଂ କର୍ଣ୍ଣାଟକରେ ଜଳ ସଂକଟ ସୃଷ୍ଟି ହେବା ସମ୍ପର୍କିତ ସୂଚନା, ଯେତେବେଳେ କି କେବଳ ଜଳ ସଂକଟ କାରଣରୁ କାବେରୀ ନଦୀର ଜଳ ବଣ୍ଟନକୁ ନେଇ ପଡ଼ୋଶୀ ତାମିଲନାଡୁ ସହିତ କର୍ଣ୍ଣାଟକର ମୁହାଁମୁହିଁ ଅବସ୍ଥା ପୁଣିଥରେ ମୁଣ୍ଡ ଟେକିଛି । ଏହାରି ଭିତରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଭବିଷ୍ୟବାଣୀ କରିଛି ଯେ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ 'ସ୍ୱାଭାବିକ' ପରିମାଣର ଏବଂ ଉତ୍ତର-ପଶ୍ଚିମ ଭାରତ ଏବଂ ଦକ୍ଷିଣ ଉପଦ୍ୱୀପୀୟ ଅଞ୍ଚଳରେ ଏକ ବିସ୍ତୃତ ଭାଗରେ 'ସ୍ୱାଭାବିକଠାରୁ ଅଧିକ' ପରିମାଣର ବର୍ଷା ହେବ । ଆହୁରି ମଧ୍ୟ ଦକ୍ଷିଣ ଭାରତର କେତେକ ଅଂଶରେ ଅଧିକ ପରିମାଣର ବର୍ଷା ହେବାର ସଙ୍କେତ ମିଳୁଥିବା କହିଛି ଆଇଏମ୍‌ଡି । ଏହାର ଅର୍ଥ- ମୌସୁମୀର ସ୍ଥାନିକ ଏବଂ ସାମୟିକ ବିବିଧତା ଏହି ପରିସ୍ଥିତିକୁ ଏକ ଅଧିକ ସୁହାଇବା ଭଳି ଭିତ୍ତିଭୂମିର ଆବଶ୍ୟକତାରେ ନିବେଶ କରାଯିବାକୁ ଦୋହରାଉଛି, ଯାହା ବୈଶ୍ୱିକ ଜଳବାୟୁର ବେଳକୁ ବେଳ ବଢ଼ି ଚାଲିଥିବା ଅନନୁମେୟ ପରିସ୍ଥିତି ସହିତ ଖାପ ଖୁଆଇ ପାରିବ ଏବଂ ସବୁ ପ୍ରକାରର ପାଣିପାଗ ପାଇଁ ଏକ ବୀମା ଭଳି କାର୍ଯ୍ୟ କରିବ । ଜଳବାୟୁଜନିତ ବିପଦଗୁଡ଼ିକୁ ଏଡ଼ାଇବା ପାଇଁ ଧାନ ବ୍ୟତୀତ ସ୍ୱଳ୍ପ ପରିମାଣର ଜଳ ଆବଶ୍ୟକ କରୁଥିବା ଅନ୍ୟାନ୍ୟ ଫସଲଗୁଡ଼ିକ ଚାଷ କରିବା ସାମ୍ପ୍ରତିକ ସମୟର ଏକ ଆବଶ୍ୟକତା ହୋଇ ପଡ଼ିଛି, କାରଣ ଧାନ ଏକ ଅଧିକ ପରିମାଣର ଜଳ ଶୋଷଣକାରୀ ଫସଲ । ଏହାକୁ ଚାଷ କରାଯିବା କେବଳ ଜଳ ସଂକଟକୁ ବୃଦ୍ଧି କରି ନଥାଏ, ଏହା ମଧ୍ୟ କୃଷି କ୍ଷେତ୍ରକୁ ମାଗଣାରେ ବିଜୁଳି ଶକ୍ତି ଯୋଗାଯିବା କ୍ଷେତ୍ରରେ ସଂସ୍କାରର ଆବଶ୍ୟକ କରିଥାଏ। ଏଭଳି ପରିସ୍ଥିତିକୁ ସମ୍ଭାଳିବାକୁ ହେଲେ ଚାଷୀଙ୍କୁ ଧାନ ଓ ଗହମ ଚାଷରୁ ମିଲେଟଗୁଡ଼ିକର ଚାଷ ଆଡ଼କୁ ପରିବର୍ତ୍ତିତ କରାଇବା ନିମନ୍ତେ ପ୍ରୋତ୍ସାହନ ଦିଆଯିବା ଉଚିତ। ସୌଭାଗ୍ୟର କଥା ଯେ ପୋଷକ ତତ୍ତ୍ୱ ଏବଂ ପାରିବେଶିକ ଲାଭଗୁଡ଼ିକ ଯୋଗୁଁ ଜାତିସଂଘ ୨୦୨୩କୁ ଆନ୍ତର୍ଜାତିକ ମିଲେଟ୍ ବର୍ଷ ଭାବରେ ଘୋଷଣା କରିଛି । ଖାଦ୍ୟଶସ୍ୟଗୁଡ଼ିକ ମଧ୍ୟରେ ମିଲେଟଗୁଡ଼ିକ କେବଳ କମ୍ ପରିମାଣର ଜଳ ଆବଶ୍ୟକ କରି ନଥାନ୍ତି, ସେଗୁଡ଼ିକ ମଧ୍ୟ ଅଧି ଜଳବାୟୁ ନମନୀୟ। ଭାରତ ସରକାର ଅବଶ୍ୟ ଏହାର ଚାଷ ପାଇଁ ଏବେ ଅଧିକ ମନ ବଳାଇଛନ୍ତି। ତେବେ ମିଲେଟ୍ ଚାଷର ଅର୍ଥନୀତିକ ବିପଦଗୁଡ଼ିକୁ ହ୍ରାସ କରିବା ନିମନ୍ତେ ଦେଶର ଜଳବାୟୁ ଗ୍ରହଣୀୟତା କୌଶଳରେ ପରିବର୍ତ୍ତନ କରାଯିବା ଆବଶ୍ୟକ ।



# ସମାନତା ପ୍ରକୃତିଦତ୍ତ ଅଧିକାର

## ଅଧ୍ୟାପକ ଗୋପବନ୍ଧୁ

ସମାନତା ହେଉଛି ମନୁଷ୍ୟର ଜନ୍ମଗତ ଅଧିକାର। ଏ ଅଧିକାର ତାକୁ ପ୍ରକୃତି ପ୍ରଦାନ କରିଛି। ଜନ୍ମ ଆଧାରରେ କାହାକୁ ଉଚ୍ଚ କିମ୍ବା ନୀଚ କୁହାଯାଇ ପାରିବ ନାହିଁ। ଯେଉଁ ପ୍ରକ୍ରିୟା ମଧ୍ୟଦେଇ ସେ ଜନ୍ମ ନିଏ, ସେଥିରେ କୌଣସି ଅସମାନତା ନାହିଁ। ତାର ଜନ୍ମ ପ୍ରକୃତିର ଏକ ବ୍ୟବସ୍ଥିତ ପ୍ରକ୍ରିୟା ମଧ୍ୟରେ ହୁଏ। ଯେଉଁଥିରେ ଉଚ୍ଚ-ନୀଚର ସୋପାନ ନାହିଁ। ମନୁଷ୍ୟର ଜନ୍ମ ମୁକ୍ତ, କିନ୍ତୁ ଜନ୍ମପରେ ସେ ବନ୍ଧନ ଯୁକ୍ତ ହୁଏ। ଜନ୍ମ ହେଲାପରେ ଅନେକ ବନ୍ଧନରେ ସେ ବାନ୍ଧି ହୋଇଯାଏ। ଏ ସମସ୍ତ ବନ୍ଧନ ପ୍ରକୃତିଦତ୍ତ ନୁହେଁ। ଏଗୁଡିକ ମନୁଷ୍ୟକୃତ। ପିଲାଟି ଭୂମିଷ୍ଠ ହେବାମାତ୍ରେ କେବଳ ମୁକ୍ତପବନ ଓ ସ୍ୱଚ୍ଛ ଆଲୋକ ସ୍ପର୍ଶକରେ ନାହିଁ, ଏହା ସହିତ ଜାତି, ଧର୍ମ, ବଂଶ, ଗୋତ୍ର, ଗୋଷ୍ଠୀ ଇତ୍ୟାଦିର ବନ୍ଧନ ମଧ୍ୟ ତାକୁ ଜାବୁଡି ଧରେ। ସେ ସାମାଜିକ ଅସମାନତା ଓ ବାଛବିଚାରର ସମ୍ମୁଖୀନ ହୁଏ। ପ୍ରକୃତି ଏକ ସ୍ୱଚ୍ଛ ଓ ମୁକ୍ତ ବ୍ୟବସ୍ଥା ଯାହା ମନୁଷ୍ୟର ନିୟନ୍ତ୍ରଣାଧୀନ ନୁହେଁ। ଏହା ଏପରି ଏକ ବ୍ୟବସ୍ଥା ଯେଉଁଥିରେ ଅସମାନତା ନାହିଁ। ସମସ୍ତ ଅସମାନତା ମନୁଷ୍ୟ ତିଆରି।

ମନୁଷ୍ୟର ସ୍ୱାର୍ଥପରତାରୁ ଜନ୍ମ ନେଇଛି ଅସମାନତା। ନିଜକୁ ବଡ ଦେଖାଇବାର ମାନସିକତା, ନିଜେ ଶ୍ରେଷ୍ଠ ଓ ଅନ୍ୟମାନେ ନିକୃଷ୍ଟ, ଆମ ବିଶ୍ୱାସ ଉନ୍ନତ ଓ ଅନ୍ୟମାନଙ୍କ ବିଶ୍ୱାସ ଅନୁନ୍ନତ, ଆମେ ଯାହା କହୁ ଓ କରୁ ତାହା ଠିକ୍, ତେଣୁ ଆମେ ଉପରେ ରହିବା ଓ ଅନ୍ୟମାନେ ଆମ ତଳେ ରହିବେ ଇତ୍ୟାଦି ଅମାନବୀୟ ଭାବନାରୁ ଜାତ ହୁଏ ଅସମାନତା। ଏହିପରି ଭାବନାରୁ ଜାତ ହୁଏ ଜାତି, ଧର୍ମ, ଗୋଷ୍ଠୀ, ସମ୍ପ୍ରଦାୟ ଇତ୍ୟାଦିର ଅବଧାରଣା। ନିଜକୁ ଶ୍ରେଷ୍ଠବୋଲି ପ୍ରଦର୍ଶିତ କରିବା ପଛରେ କେତେକ ଚାଲାକ ଲୋକଙ୍କ ପାଇଁ ସାମାଜିକ ସମ୍ମାନ ଓ ଏହାକୁ ନେଇ ଆର୍ଥିକ ଲାଭ ପାଇବାର ଅଭିପ୍ରାୟ ଥାଏ। ଏହି ଲକ୍ଷ୍ୟରେ ଏମାନେ ଏକ ଅସମ ସମାଜ ଗଠନ କରନ୍ତି। ଏହାକୁ ଯୁକ୍ତିସଙ୍ଗତ କରିବା ପାଇଁ ଧର୍ମ ଓ ପରମ୍ପରାର ଆଶ୍ରା ନିଅନ୍ତି। ଅସମାନତା ଉପରେ ଧର୍ମର ଆସ୍ତରଣ ବିଛାନ୍ତି। କିଛି ଅନ୍ଧବିଶ୍ୱାସୀ ଓ ଅନ୍ଧଭକ୍ତ ସୃଷ୍ଟି କରନ୍ତି, ଯେଉଁମାନେ ଶୋଷିତ ଓ ଭର୍ତ୍ସିତ ହେଲେବି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ। ଏମାନେ ଭାବିନିଅନ୍ତି ଏହାହିଁ ପ୍ରକୃତିର ନିୟମ। ଏ ଅସମାନତା ପ୍ରାକୃତିକ।

ସେହିପରି ଆର୍ଥିକ ଅସମାନତା ମଧ୍ୟ ପ୍ରକୃତି ପ୍ରଦତ୍ତ ନୁହେଁ। ଜନ୍ମହେବା ମାତ୍ରେ ଏ ବିଶ୍ୱ ଉପରେ ସମସ୍ତଙ୍କ ସମାନ ଅଧିକାର ଥାଏ। ବିଶ୍ୱ ପ୍ରକୃତିକୁ ସମାନଭାବେ ଉପଭୋଗ କରିବା ଜଣକର ଜନ୍ମଗତ ଅଧିକାର। ସମାଜରେ ଧନୀ ଓ ଗରିବର ସୃଷ୍ଟି ପ୍ରକୃତି ପ୍ରଦତ୍ତ ନୁହେଁ। ଏହା ମଧ୍ୟ ସ୍ୱାର୍ଥପର ମନୁଷ୍ୟର କୃତ୍ରିମ ସୃଷ୍ଟି। ଧନୀ ଓ ଗରୀବର ପାର୍ଥକ୍ୟ ପଛରେ ରହିଛି ଆର୍ଥିକ ଶୋଷଣ। ଯିଏ ଯେତେ ପ୍ରାକୃତିକ ସମ୍ପଦକୁ ନିଜ ଅକ୍ତିୟାରରେ ରଖିପାରେ କିମ୍ବା ଏହାର ମୂଲ୍ୟ ବାବଦକୁ ରାଷ୍ଟ୍ର ଜାରିକରି ଥିବା ପ୍ରତୀକ ଟଙ୍କାକୁ ଠୁଳ କରିପାରେ ସେ ସେତେ ଧନୀ। ଯାହା ପାଖରେ ଏସବୁ ନଥାଏ ସେ ହୁଏ ନିର୍ଦ୍ଧନୀ। ଧନୀ ଘରେ ଯିଏ ଜନ୍ମ ହେଲା ସେ ଜନ୍ମରୁ ଧନୀ ଓ ଗରୀବ ଘରେ ଜନ୍ମ ନେଲେ ସେ ଜନ୍ମରୁ ଗରୀବ। ଏ ଧନୀ ଓ ଗରିବର ଅବଧାରଣା ମଧ୍ୟ ପ୍ରକୃତି ପ୍ରଦତ୍ତ ନୁହେଁ। ଏହା ମଧ୍ୟ ଚାଲାକ ଲୋକଙ୍କ କୃତ୍ରିମ ସୃଷ୍ଟି, ଶୋଷଣର ପରିପ୍ରକାଶ।

ପ୍ରାଚୀନ ମନୁଷ୍ୟ ଯେତେବେଳେ ବଣଜଙ୍ଗଲରେ ବସବାସ କରୁଥିଲା ସେ ସମୟରେ ବ୍ୟକ୍ତିଗତ ମାଲିକାନାରେ କୌଣସି ପ୍ରାକୃତିକ ସମ୍ପଦ ନଥିଲା। ଯାହାକିଛି ରଖୁଥିଲା ଲୁଚାଇ ରଖୁଥିଲା ତାର ନିଜସ୍ୱ ବ୍ୟବହାର ପାଇଁ। କ୍ରମେ ସେ ଗୋଷ୍ଠୀଗତ ଜୀବନ ଆରମ୍ଭ କଲା। ସେ ସମୟରେ ଗୋଷ୍ଠୀଗତ ମାଲିକାନାରେ ଗୋଟିଏ ଅଞ୍ଚଳକୁ ରଖାଯାଇ ଥିଲା। ଏହା ଥିଲା ମାନବ ସମାଜର ଆଦ୍ୟ ସାମ୍ୟବାଦ। କ୍ରମେ ଗୋଷ୍ଠୀ ବା ଦଳରୁ ତିଆରି ହେଲେ ଦଳପତି, ଦଳପତିରୁ ରାଜା-ମହାରାଜା, ତାଙ୍କ ତଳେ ଜମିଦାର-ସୁବେଦାର ପରି ଅନେକ ପଦାଧିକାରୀ ତିଆରି ହେଲେ। ଏହି ଅବସ୍ଥାରେ ପ୍ରାକୃତିକ ସମ୍ପତ୍ତି ବ୍ୟକ୍ତିଗତ ମାଲିକାନାକୁ ଆସିଲା। ଯାହା ଅଧୀନରେ ବେଶୀ ସମ୍ପଦ ରହିଲା ସେ ଧନୀ ହେଲା ଓ ଯାହା ପାଖରେ ଅଳ୍ପ କିମ୍ବା କମ ସମ୍ପଦ ରହିଲା ସେ ହେଲା ଗରୀବ। ରାଜ୍ୟ ବା ରାଷ୍ଟ୍ରର ବିକାଶ କାଳରେ ପ୍ରତୀକ ମୁଦ୍ରା ଆସିଲା, ତାପରେ ଆସିଲା କାଗଜ ଟଙ୍କା। ଯାହା ପାଖରେ ବେଶୀ ଟଙ୍କା ରହିଲା ସେ ଧନୀ ଓ ଯାହା ପାଖରେ କମ୍ ସେ ହେଲା ଗରୀବ। ତେଣୁ ଧନୀ ଓ ଗରୀବର ଅବଧାରଣା ପ୍ରାକୃତିକ ମଧ୍ୟ ନୁହେଁ। ଏହା ମନୁଷ୍ୟର ସୃଷ୍ଟି କୃତ୍ରିମ ବ୍ୟବସ୍ଥା। ଏ ଅସମାନତାକୁ ପ୍ରତିକ୍ରିୟା ଶୂନ୍ୟ କରିବା ପାଇଁ ମଧ୍ୟ ଧାର୍ମିକ ଲେପ ଦିଆଯାଏ। ଏହା ପ୍ରାକୃତିକ ବୋଲି ପ୍ରଚାର ହୁଏ।

ପ୍ରାଚୀନ ମନୁଷ୍ୟ ନିକଟରେ ଯଦିଓ ଗୋଷ୍ଠୀଗତ ଭାବନା ଥିଲା, କିନ୍ତୁ ସେ ଜାତିଗତ ଧାରଣାର ଉର୍ଦ୍ଧ୍ୱରେ ଥିଲା। ଅନ୍ୟ ରାଷ୍ଟ୍ରମାନଙ୍କରେ ଏ ଧାରଣା ନାହିଁ କେବଳ ଭାରତବର୍ଷକୁ ଛାଡି। ଭାରତବର୍ଷରେ ବର୍ଣ୍ଣବ୍ୟବସ୍ଥାର ଉଦ୍ରେକ ହେବାପରେ ଏହା ତାର କାୟା ବିସ୍ତାର କରିଛି। ସେହିପରି ବଂଶ, ଗୋତ୍ର, ଟୋଟେମ୍, ଜାତକ, ରାଶି ଇତ୍ୟାଦି ମଧ୍ୟ ବର୍ଣ୍ଣବ୍ୟବସ୍ଥାର ପରବର୍ତ୍ତୀ ଆନୁସାଙ୍ଗୀକ ଉତ୍ପାଦନ। ତେଣୁ ଏଗୁଡ଼ିକ ପ୍ରାକୃତିକ ସୃଷ୍ଟି ନୁହେଁ। ଏଗୁଡ଼ିକ ମନୁଷ୍ୟର କୃତ୍ରିମ ଉଦ୍ଭାବନ। ସେହିପରି ଧର୍ମ ମଧ୍ୟ ମନୁଷ୍ୟ ମନର ଅନ୍ୟ ଏକ ଚତୁର ଉଦ୍ଭାବନ। ପ୍ରାଚୀନ ମନୁଷ୍ୟ ଐଶ୍ୱରୀକ ଶକ୍ତିରେ ବିଶ୍ୱାସ କରୁଥିଲା। କିନ୍ତୁ ଏହା ଧାର୍ମିକ ବିବିଧତାର ରୂପରେଖ ନେଇ ନଥିଲା। ଏହାକୁ ମଧ୍ୟ ପ୍ରାକୃତିକ ବୋଲି କହିହେବ ନାହିଁ। କାରଣ ଐଶ୍ୱରୀକ ଭାବନା ବ୍ୟକ୍ତିସାପେକ୍ଷ। କିଏ ଈଶ୍ୱର ତ କିଏ ଆଲ୍ଲା, କିଏ ଭଗବାନ ତ ପୁଣି କିଏ ଅନ୍ୟ କୌଣସି ସତ୍ତାରେ ବିଶ୍ୱାସ କରେ। ପୁଣି ବୌଦ୍ଧିକତାର ବିକାଶ ସହିତ ଏମାନଙ୍କ ମଧ୍ୟରେ ନାସ୍ତିକ ମାନଙ୍କର ମଧ୍ୟ ଆବିର୍ଭାବ ହୋଇଛି। ବର୍ତ୍ତମାନର ଅବସ୍ଥାରେ ଥିବା ବିଭିନ୍ନ ଧର୍ମର ଧାରଣା ତା ନିକଟରେ ନଥିଲା। ତେଣୁ ବର୍ତ୍ତମାନର ଧାର୍ମିକ ସ୍ୱରୂପ ପ୍ରାକୃତିକ ନୁହେଁ। ଏହା ମନୁଷ୍ୟର କୃତ୍ରିମ ସୃଷ୍ଟି। ମନୁଷ୍ୟର କଳ୍ପନାରୁ ସୃଷ୍ଟି ଏକ ଅବଧାରଣା।

ଜୀବ ଜଗତରେ ମନୁଷ୍ୟ ହେଉଛି ଏପରି ସୃଷ୍ଟି ଯାହା ନିକଟରେ ବିଚାରବୁଦ୍ଧି ସମ୍ପନ୍ନତା ଗୁଣ ରହିଛି। ସମାନତାର ଭାବନା ତାର ଏହି ଗୁଣରୁ ନିସୃତ ହୁଏ। ତାର ବ୍ୟକ୍ତିତ୍ୱ କେବେ ସ୍ୱୀକାର କରିପାରେ ନାହିଁ ଯେ ତାର ସାମାଜିକ ସମ୍ମାନ ଅନ୍ୟମାନଙ୍କ ଠାରୁ ନ୍ୟୁନ ହେବ ବୋଲି। ଅର୍ଥନୈତିକ ଭାବେ ଦୁର୍ବଳ ହେଲେ ବି ସେ ଆର୍ଥିକ ଭାବେ ସବଳ ହେବାର ବାଟ ଖୋଜେ। ଧନୀ ଓ ଗରୀବର ପ୍ରକୃତ କାରଣ ଯେ ଆର୍ଥିକ ଶୋଷଣ ଏ କଥାକୁ ସେ ଯେତେବେଳେ ବୁଝିପାରିଛି, ସେତେବେଳେ ସେ ଶୋଷଣ ରହିତ ସମାନତା ଉପରେ ପ୍ରତିଷ୍ଠିତ ସାମ୍ୟବାଦୀ ସମାଜର ପରିକଳ୍ପନା କରିଛି ଓ ଏଥିପାଇଁ ବିପ୍ଳବର ମାର୍ଗକୁ ଆପଣେଇଛି। ଆର୍ଥିକ ସମାନତା ପ୍ରାପ୍ତ ହେବା ଉଦ୍ଦେଶ୍ୟରେ ନୂତନ ସମାଜ ବ୍ୟବସ୍ଥା ପାଇଁ ପ୍ରଚେଷ୍ଟା କରିଛି। ବିଶ୍ୱରେ ଅନୁଷ୍ଠିତ କମ୍ୟୁନିଷ୍ଟ ଆନ୍ଦୋଳନ ଏହାର ଦୃଷ୍ଟାନ୍ତ।

ସେହିପରି ସାମାଜିକ ଅସମାନତା ବିରୁଦ୍ଧରେ ମଧ୍ୟ ସେ ସ୍ୱର ଉତ୍ତୋଳନ କରି ଆସିଛି। ସେ ଜାତି ରହିତ ସମତାଭିତ୍ତିକ ସମାଜର ପରିକଳ୍ପନା ମଧ୍ୟ କରିଛି ଓ ଏହା ପ୍ରାପ୍ତ ହେବା ପାଇଁ ସଂଗ୍ରାମ ମଧ୍ୟ କରିଛି ଓ ଏବେବି ଏହା ଅବ୍ୟାହତ ରହିଛି। ଜାତିବ୍ୟବସ୍ଥା ଏକ ଅସମାନତାର ସମାହାର ମାତ୍ର। ଯାହା ଜନ୍ମରୁ କାହାକୁ ଉଚ୍ଚ ଓ କାହାକୁ ନୀଚ ହେବାର ଅବଧାରଣା ସୃଷ୍ଟି କରେ। ସେହିପରି ସମତାଭିତ୍ତିକ ଉନ୍ନତ ଧାର୍ମିକ ଚେତନା ଜାଗ୍ରତ କରିବା ପାଇଁ ମଧ୍ୟ ସେ ଚେଷ୍ଟାକରି ଆସିଛି। ଧାର୍ମିକ ମୌଳବାଦକୁ ହଟାଇ ସହନଶୀଳତା ଓ ଉଦାରବାଦ ଉପରେ ଏକ ପ୍ରଗତିଶୀଳ ବ୍ୟବସ୍ଥାର ସ୍ଥାପନ ପାଇଁ ଚେଷ୍ଟାକରି ଆସିଛି। ଏ ସମସ୍ତର ମୂଳରେ ପ୍ରେରଣାର ଉତ୍ସ ହେଉଛି ତା ମନରେ ସ୍ଥାପିତ ହୋଇ ରହିଥିବା ସମାନତାରେ ଭାବନା। ସମାନତା ହେଉଛି ତାର ପ୍ରକୃତିଦତ୍ତ ଜନ୍ମଗତ ଅଧିକାର।

ବାରିପଦା, ମୟୂରଭଞ୍ଜ,
ମୋ:୭୦୦୮୯୭୬୧୮୦



# ଭାରତର ମହାନ୍ ଶିକ୍ଷକମାନେ

## ତପସ୍ୱିନୀ ପଟ୍ଟନାୟକ

ପ୍ରତ୍ୟେକ ବୃତ୍ତି ସମାଜରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରେ - ଡାକ୍ତର ଆରୋଗ୍ୟତା ଆଣେ, ଇଂଜିନିୟର ଡିଜାଇନ୍ ପ୍ରସ୍ତୁତ କରେ, ବ୍ୟାଙ୍କର ଆମ ଅର୍ଥର ସୁପରିଚାଳନା ପରେ । ଏ ତାଲିକା ଖୁବ୍ ଲମ୍ବା । କିନ୍ତୁ ଯେତେବେଳେ ଜଣେ ଶିକ୍ଷକ ବିଷୟରେ ଚିନ୍ତା କରାଯାଏ ସେତେବେଳେ ଦେଖାଯାଏ ଏହା ଏକ ସମ୍ପୂର୍ଣ୍ଣ ବୃତ୍ତି । ଜଣେ ପିଲା ଡାକ୍ତର ହେଉ ବା ଶିକ୍ଷକ ତା ପଛରେ ଶିକ୍ଷକ ହିଁ ଥାନ୍ତି । ପ୍ରାଥମିକ ସ୍ତରରେ ଶିକ୍ଷକ ଛାତ୍ରକୁ ନିଜର ଭାବନା ପରିପ୍ରକାଶ କରିବା, ନିଷ୍ପତ୍ତି ନେବା, ଆଗପାଖର ପରିବେଶ ପ୍ରତି ତାକୁ ସଚେତନ କରିବା ଆଦିରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥାନ୍ତି । ଛାତ୍ର ମଧ୍ୟରେ ଥିବା ପ୍ରତିଭା ଆଉ ସାମର୍ଥ୍ୟ ଚିହ୍ନଟ କରିବାରେ ମଧ୍ୟ ଶିକ୍ଷକଙ୍କର ଭୂମିକା ଖୁବ୍ ଅଧିକ । ଶିକ୍ଷାର ପରବର୍ତ୍ତୀ ପର୍ଯ୍ୟାୟରେ ସେ ଯେତେବେଳେ କ୍ୟାରିଅର ଗଢ଼ିବା ରାସ୍ତାରେ ଆଗକୁ ବଢ଼େ ସେତେବେଳେ ଶିକ୍ଷକ ହିଁ ତାକୁ ଆଗକୁ ବଢ଼ିବାରେ ସାହାଯ୍ୟ କରନ୍ତି । ଉପଯୁକ୍ତ ପ୍ରୋତ୍ସାହନ, ସାହସ ଓ ରାସ୍ତା ଦେଖାଇ ଜଣେ ଶିକ୍ଷକ ପରବର୍ତ୍ତୀ ପିଢ଼ି ପାଖରେ ସବୁ ସୁଗୁଣ ଭରି ଦେଇପାରନ୍ତି, ସୁନାଗରିକ ଓ ସଫଳ ମଣିଷ ଭାବରେ ଗଢ଼ି ଦେଇ ପାରନ୍ତି ତାକୁ । ଯେତେବେଳେ ଶିଶୁଟିଏ ପ୍ରଥମ କରି ବାପା-ମାଆଙ୍କ ହାତ ଧରି ସ୍କୁଲରେ ପହଞ୍ଚେ ସେହିଠାରୁ ହିଁ ଆରମ୍ଭ ହୋଇଯାଏ ତାର ଶିକ୍ଷକଙ୍କ ସହ ସମ୍ପର୍କ । ସ୍ନେହ ମମତା ସହ ଏ ସମ୍ପର୍କ ଦୃଢ଼ ହୁଏ । ଏ ବୟସରେ ପିଲା ଅଲେଖା ସିଲଟ ପରି । ଶିକ୍ଷକ ଯାହା ଶିଖେଇ ଦିଅନ୍ତି, ଏକଦମ୍ ଛାପି ହୋଇଯାଏ ମନ ମସ୍ତିଷ୍କରେ । ସତ କହିବା ଠାରୁ, ସମୟାନୁବର୍ତ୍ତୀ ହେବା, ସ୍ପଷ୍ଟବାଦୀ ହେବାଠାରୁ ପରୋପକାରୀ ହେବା ସବୁ କିଛି ଶିକ୍ଷକ ଶିଖେଇ ପାରନ୍ତି ଏହି କୋମଳମତି ଛାତ୍ରଛାତ୍ରୀଙ୍କୁ । ବାସ୍ ଏଇଠାରେ ହିଁ ଶିକ୍ଷକ ଛାତ୍ର ସମ୍ପର୍କର ମୂଳଦୁଆ ପଡ଼େ । ଏହି ମୁଳଦୁଆ ଉପରେ ଠିଆହୁଏ ଭବିଷ୍ୟତର ସମ୍ପର୍କ । ପ୍ରତିଟି ସୋପାନରେ ସମ୍ପର୍କ ବଦଳେ କିନ୍ତୁ ମୂଳଦୁଆ ସମାନ ଥାଏ । ଧୀରେ ଧୀରେ ଶିକ୍ଷକ ସାଥୀ, ସମୀକ୍ଷକ, ପଥ ପ୍ରଦର୍ଶକ, ସହଯୋଗୀ ପାଲଟି ଯାଆନ୍ତି । ସେଥିପାଇଁ ଖ୍ୟାତନାମା ଆମେରିକୀୟ ଇତିହାସକାର ହେନରୀ ଆଡ଼ାମ୍ସ କହିଥିଲେ - ଶିକ୍ଷକର ପ୍ରଭାବ ଅସୀମ, ସେ ବି କେବେ କହିପାରିବ ନାହିଁ କେତେବେଳେ ଛାତ୍ର ଜୀବନ ଉପରେ ତା ବ୍ୟକ୍ତିତ୍ୱର ପ୍ରଭାବ ପଡ଼ିବା ଶେଷ ହୋଇଯିବ । ସେଥିପାଇଁ ମହାନ୍ ଗ୍ରୀକ୍ ଦର୍ଶନିକ ଆରିଷ୍ଟୋଟୋଲ୍ କହିଛନ୍ତି - ପିତା ମାତାଙ୍କ ଠାରୁ ଗୁରୁ ଆହୁରି ସମ୍ମାନନୀୟ । ପିତାମାତା ଜନ୍ମ ଦିଅନ୍ତି କିନ୍ତୁ ଗୁରୁ ପ୍ରକୃତ ଅର୍ଥରେ ଜୀବନ ଦିଅନ୍ତି, ବଞ୍ଚିବାର କଳା ଶିଖାନ୍ତି ।

ପୁରାକାଳରେ ଯେଉଁମାନେ ଜୀବନର ଅନେକ ବର୍ଷ ଅଧ୍ୟୟନ ଓ ଗବେଷଣାରେ ବ୍ୟୟ କରୁଥିଲେ ସେମାନେ ହିଁ ପରବର୍ତ୍ତୀ ପିଢ଼ିକୁ ଶିକ୍ଷିତ କରିବାର ଦାୟିତ୍ୱ ନେଉଥିଲେ । ଏହି ପରିପ୍ରେକ୍ଷୀରେ ଆସନ୍ତୁ ଦେଖିବା କିଛି ମହାନ୍ ଭାରତୀୟ ଶିକ୍ଷକଙ୍କୁ ।

ଚାଣକ୍ୟ (ଖ୍ରୀ:ପୂ. ୩୭୦-୨୮୩) : କୌଟିଲ୍ୟ ବା ବିଷ୍ଣୁଗୁପ୍ତ ଭାବରେ ସେ ଇତିହାସରେ ଖ୍ୟାତ । ଭାରତରେ ମୌର୍ଯ୍ୟ ବଂଶ ସ୍ଥାପନରେ ତାଙ୍କର ଭୂମିକା ସବୁଠାରୁ ଅଧିକ । ତକ୍ଷଶିଳା ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତିରେ ଶିକ୍ଷାଗ୍ରହଣ ପରେ ସେ ସେହିଠାରେ ଆଚାର୍ଯ୍ୟ ଭାବରେ ଅବସ୍ଥାପିତ ହୋଇଥିଲେ । ତାଙ୍କ ଲିଖିତ ଅର୍ଥଶାସ୍ତ୍ର ଏବଂ ନୀତିଶାସ୍ତ୍ର ଆଜି ମଧ୍ୟ ପ୍ରଯୁର୍ଜ୍ୟ । ଅତ୍ୟାଚାରୀ ରାଜା ଧନ ନନ୍ଦଙ୍କୁ ବିତାଡ଼ିତ କରି ନିଜର ଛାତ୍ର ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ସେ ମୌର୍ଯ୍ୟ ସମ୍ରାଜ୍ୟ ସ୍ଥାପନ କରିଥିଲେ । ସେ ଚନ୍ଦ୍ରଗୁପ୍ତ ଏବଂ ତାଙ୍କ ପୁତ୍ର ବିନ୍ଦୁସାରଙ୍କ ଉପଦେଷ୍ଟା ଥିଲେ ।

ଆର୍ଯ୍ୟ ଭଟ୍ଟ (୪୭୬-୫୫୦ ଖ୍ରୀ.ପୂ) : ପାଟଳିପୁତ୍ର ବିଶ୍ୱ ବିଦ୍ୟାଳୟର କୁଳପତି ଥିଲେ ଏହି ମହାନ୍ ଗଣିତଜ୍ଞ ଏବଂ ଜ୍ୟୋର୍ତିବିଦ୍ । ବିଶ୍ୱାସ କରାଯାଏ ପରବର୍ତ୍ତୀ ସମୟରେ ସେ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ହେଲେ । ସେ ସମୟରୁ ଉଭୟ ସ୍ଥାନରେ ମହାଜାଗତିକ ନିରୀକ୍ଷଣାଗାର ସ୍ଥାପନ କରିଥିଲେ । ତ୍ରିକୋଣମିତି ଓ ଆଲ୍‌ଜେବ୍ରା ବିଶ୍ୱ ଗଣିତ ଜଗତକୁ ଆର୍ଯ୍ୟଭଟ୍ଟଙ୍କର ଅବଦାନ ।

ସାବିତ୍ରୀ ବାଈ ଫୁଲେ (୧୮୩୧-୯୭) : ସାବିତ୍ରୀ ବାଈ ଜ୍ୟୋତିରାଓ ଫୁଲେ ଭାରତର ପ୍ରଥମ ବାଳିକା ବିଦ୍ୟାଳୟର ପ୍ରଥମ ମହିଳା ଶିକ୍ଷୟିତ୍ରୀ । ୧୮୪୮ ମସିହାରେ ସେ ତାଙ୍କ ସ୍ୱାମୀଙ୍କ ସହ ମିଶି ଝିଅମାନଙ୍କ ପାଇଁ ପ୍ରଥମ ବିଦ୍ୟାଳୟ ଖୋଲିଥିଲେ । ଝିଅମାନଙ୍କୁ ଶିକ୍ଷା ଦେବା ପାଇଁ ସଚେତନତା ସୃଷ୍ଟି କରୁଥିବାରୁ ସେ ସମୟର ସମାଜରେ ତାଙ୍କୁ ଖୁବ୍ କଠିନ ପରିସ୍ଥିତି ସାମ୍ନା କରିବାକୁ ପଡ଼ିଥିଲା । ସବୁଦିନ ଘରୁ ସ୍କୁଲକୁ ଯିବା ବେଳେ ତାଙ୍କ ଉପରେ ଅଣ୍ଡା, ଗୋବର, ଟମାଟୋ ଏବଂ ପଥର ମାଡ଼ ହେଉଥିଲା । ୧୮୪୮ ମସିହା ଶେଷ ବେଳକୁ ସେ ପୁନେରେ ୫ଟି ବାଳିକା ବିଦ୍ୟାଳୟ ସ୍ଥାପନ କରିପାରିଥିଲେ । ଏଥିସହ ସେ ବିଧବା ବିବାହ ଓ ଅସ୍ପୃଶ୍ୟତା ନିବାରଣ ଦିଗରେ ମଧ୍ୟ କାର୍ଯ୍ୟ କରୁଥିଲେ ।

ରବୀନ୍ଦ୍ରନାଥ ଟାଗୋର (୧୮୬୧-୧୯୪୧) : କବିଗୁରୁ ଭାବରେ ଖ୍ୟାତ ଶ୍ରୀ ଟାଗୋର ଭାରତର ଜଣେ କିମ୍ବଦନ୍ତୀ ପୁରୁଷ । ବିଶ୍ୱ ଦରବାରରେ ଭାରତକୁ ପରିଚିତ କରାଇବାରେ ଅନନ୍ୟ ଭୂମିକା ଥିଲା ତାଙ୍କର । ସେ ପୁରାତନ ଭାରତର ଗୁରୁକୁଳ ସଂସ୍କୃତିକୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ । ପଶ୍ଚିମବଙ୍ଗର ଶାନ୍ତି ନିକେତନରେ ତାଙ୍କ ଦ୍ୱାରା ସ୍ଥାପିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଛ ତଳେ ବସି ପାଠ ପଢୁଥିଲେ । ଶ୍ରୀ ଟାଗୋର ପ୍ରତ୍ୟକ୍ଷ ଭାବରେ ସେମାନଙ୍କ ପାଠପଢ଼ା ଦେଖୁଥିଲେ । ସେ ନୋବେଲ ପୁରସ୍କାରରୁ ଲବ୍ଧ ସମସ୍ତ ଅର୍ଥ ଏହି ବିଶ୍ୱବିଦ୍ୟାଳୟର ଉନ୍ନତି ଓ ପରିଚାଳନାରେ ବ୍ୟୟ କରିଥିଲେ ।

ପ୍ରେମଚାନ୍ଦ (୧୮୮୦-୧୯୩୬) : ଖବ୍ କମ୍ ଲୋକ ଜାଣନ୍ତି ଆଧୁନିକ ଭାରତୀୟ ସାହିତ୍ୟକୁ ନୂତନ ରୂପ ଦେଇଥିବା ପ୍ରେମଚାନ୍ଦ ପେସାରେ ଜଣେ ଶିକ୍ଷକ ଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣୀତ ଥିଲେ ପ୍ରେମଚାନ୍ଦ ।

ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍ (୧୮୮୮-୧୯୭୫) : ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡଃ ରାଧାକ୍ରୀଷ୍ଣନ୍ ଜଣେ ଶିକ୍ଷକ ଭାବରେ ପରିଚିତ ହେବାରେ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ । ମାଡ୍ରାସ ରେସିଡେନ୍ସି କଲେଜରୁ ଆରମ୍ଭ ହୋଇଥିଲା ତାଙ୍କର ଶିକ୍ଷକତା ଜୀବନ । ତାଙ୍କ ଜନ୍ମଦିନ ସେପ୍ଟେମ୍ବର ପାଞ୍ଚ ତାରିଖକୁ ଆମ ଦେଶରେ ଶିକ୍ଷକ ଦିବସ ଭାବରେ ପାଳନ କରାଯାଏ ।

ଅଧ୍ୟକ୍ଷା, ଡ୍ରିମ ଇଣ୍ଡିଆ ସ୍କୁଲ,
ସେକ୍ଟର-୧୦, ସିଡ଼ିଏ, କଟକ




## ପ୍ରୀତିର ଆଢୁଆଳରେ
### କବିତା ପଣ୍ଡା



କାହା ଆଦେଶରେ ବନ ବାସ କଲ
ଝୁରେ ମୁଁ ନିତି ଏଠି ।
ପ୍ରୀତିର ବେଦନା ଗାଇ ଗାଇ ଗଲେ
କିଏବା ଶୁଣିବ ସାଥି ।

କୋମଳ ହୃଦୟେ ଏତେ ଯେ ଶକ୍ତ
ଦେଖି ନ ଥିଲା ଏ ଆଖି ।

ବିଶ୍ୱାସର ବିଷ ଭରି ଦିଅ କେତେ
ଜୀବନ ଠୋ ବଡ଼ ସାଜି ।

ହସୁଥାଅ ତୁମେ ସୁଖର ନଇରେ
ଦୁଃଖ ଦେଇ ଯେତେ ସାଥି ।

ମନ ଅଗଣାରେ ସ୍ମୃତି ଫୁଲ କରି
ରଖିଥିବ ସଦା ଯଦି ।

ଦରକାର ନାହିଁ ଏ ଜୀବନ ଆଉ
ସହିବି ନିର୍ଜନ ତାତି ।
ଶେଷ ଠିକଣାରେ ହଜିଯିବା ପରେ
ଲେଖିବି ଯାଇ ମୁଁ ଇତି ।

ମଙ୍ଗଳପୁର
ସୋର,ବାଲେଶ୍ୱର

## ନୂତନ ଜୀବନ
### ଡ. ଦୀପକ କୁମାର ମିଶ୍ର



ଉତ୍ତୁଙ୍ଗ ଶିଖରରୁ ଜନ୍ମି
ବୋହିଆସିଲି ଏତେ ଦୂର
ଏବେ ସାମ୍ନାରେ ଛିଡ଼ା
ବିଶାଳ ସମୁଦ୍ର ।

ଖାଲ, ଖମା, ଢାଲୁ,ଢେପ
କାଟି କର୍କଶ ପାହାଡ଼
ଅତିକ୍ରମ କଲି
ଗାଁ ଓ ସହର, ନିର୍ଜନତା ଭିଡ଼ ।

ଭ୍ରମିତ କରିନି କେବେ
ହଳଦୀମଖା କେଉଁ ରମଣୀର ପାଦ
ବିଚଳିତ କରିନି କାହାରି ଶବ ଚିତାଭସ୍ମ
ବାନ୍ଧିପାରିନି ସବୁଜ ବନାନୀ
ନା ଛନ୍ଦି ପାରିଛି
କୁହୁକୁହୁ କୋଇଲିର ଗୀତ ।

ଜାଣେ.....
ଏବେ ଫେରିପାରିବିନି ପଛକୁ
ଭାଙ୍ଗି ନିକ୍ଷେପିତ କାଳର ନିୟମ
କିନ୍ତୁ ଭୟଲାଗେ ବେଳେବେଳେ
ମିଶିବାକୁ ସମୁଦ୍ରରେ
କାଳେ ହଜିଯିବ ନିଜର ଅସ୍ତିତ୍ୱ ।

ତଥାପି ଭାବୁଛି, ନେବି ନିର୍ଣ୍ଣୟ
ମିଶିଯିବି ନିଳାମ୍ବୁ ଜଳରେ
ହୋଇଯିବି ନୀଳମୟ
ମୃତ୍ୟୁ ନୁହେଁ ଏହା
ବରଂ ଆଉ ଗୋଟେ ନୂତନ ଜୀବନ
ଆରମ୍ଭ ।
ଅଅଅ

ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଶରତ ଆସିଛି
### ହରେରାମ ପଣ୍ଡା

ପାର୍ବଣର ଋତୁ ଶରତ ଆସିଛି
କୋଟି ମନେ ନୂଆ ଭାବ ନେଇ,
ଖଣ୍ଡ ଖଣ୍ଡ ଧଳା ବଉଦ ଆକାଶେ
ଯାଏ କୋଟି ଜନ ମନ ଛୁଇଁ ।
ନଦୀ ତଡାଗରେ ନିରିମଳ ଜଳ
ଦୃଶ୍ୟ ହୁଏ ଯେହ୍ନେ କାଚପରି,
ଶରତ ଜୋଛନା କରେ ଆନମନା
ବରଷା ଘରକୁ ଯାଏ ଫେରି ।
କଇଁରାଣୀ ହସେ ଜହ୍ନ ମୁହଁ ଦେଖି
ପ୍ରେମରେ ଅଧିର ମନ ତା'ର,
ଆକାଶରେ ଜହ୍ନ ମୁରୁକି ହସୁଛି
ସୁଷମାର ନାହିଁ ପଟାନ୍ତର ।
ନଈ ଧାରେ ଥାଇଁ କାଶତଣ୍ଡି ଝୁମେ
ଗାଏ ମାଆଙ୍କର ଆବାହନୀ,
ଧରାକୁ ଆସିବେ ଦେବୀ ଦଶଭୁଜା
ଦୁର୍ଗତି ନାଶିନୀ ସନାତନୀ ।
ଉତ୍ସବ ମୁଖର ଗ୍ରାମ ଠୁଁ ସହର
ବିଜେ ହେଉଛନ୍ତି ମହାମାୟୀ ,
ଶରତ ଆଗମେ ଅମୃତ ବରଷେ
ମାତାଙ୍କର ଦରଶନ ପାଇ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫

## ଗାନ୍ଧୀଙ୍କୁ ଝୁରୁଛି ଭାରତ ମାଟି
### ତୃପ୍ତି ରାଣୀ ପାତ୍ର



ହେ ଗାନ୍ଧୀ ନୀରବେ ରହିଛ କେମିତି
ଝୁରୁଛି ଭାରତ ମାଟି
ସମୟ ସ୍ରୋତରେ ହଜିଗଲ କାହିଁ
ଗାଉଛୁ ପ୍ରଶଂସା ଗୀତି ।

ନୀତି ନୈତିକତା ଆଦର୍ଶ ଦର୍ଶାଇ
ପିନ୍ଧୁଥିଲ ଖଣ୍ଡେ ଧୋତି
ପରାଧୀନତାର ବେଡ଼ିକୁ ହଟାଇ
ସ୍ୱାଧୀନତା ଦେଲ ମାଗି ।

ସାଧନାର ସ୍ୱର କାର୍ଯ୍ୟରେ ଦେଖାଇ
ଅହିଂସା ପଥରେ ରହି
ତ୍ୟାଗ ତିତିକ୍ଷାରେ ଜୀବନ ହଜାଇ
କାରାଗାରେ ଦୁଃଖ ସହି ।

ଆଣ୍ଠୁ ଉପରେ ଖଦଡ଼ ଧୋତିଟି
ଦେହରେ ଗାମୁଛା ଖଣ୍ଡେ
ଉଚ୍ଚ ଆସନରେ ବସିବାର ପାଇଁ
ନଥିଲା ହୃଦୟେ ଦଣ୍ଡେ ।

ଝୁରୁଛି ଭାରତ ମାଟି ମା ସନ୍ତାନ
ଦୁଃଖ ଦୁର୍ଦ୍ଦଶାରେ ରହି
ସାକାର ହୋଇଛି ତୁମର ଜୀବନ
ଭାରତରେ ଜନ୍ମ ନେଇ ।

ନାହିଁ ଆଉ ଦେଶେ ଏକତାର ମନ୍ତ୍ର
ଚାଲିଛି ବର୍ବର ନୀତି
ନାରୀକୁ ମିଳୁନି ସମ୍ମାନ ସ୍ୱତନ୍ତ୍ର
ଦୁଷ୍କର୍ମେ ଅତିଷ୍ଠ ଅତି ।

ଅହିଂସାର ମନ୍ତ୍ର କର୍ଣ୍ଣେ ଫୁଙ୍କି ଦିଅ
ଦୂରେ ଯାଉ ମନ୍ଦମତି
ମନପ୍ରାଣେ ଉଜ୍ଜୀବିତ କରିଦିଅ
ମାତୃତ୍ୱର ସ୍ନେହ ଭକ୍ତି ।

ଦେଖି ଦେଶ ନୀତି ସହିଛ କେମିତି
ଫେରି ଦେଖ ଜନ ଗତି
ଶ୍ରଦ୍ଧାଞ୍ଜଳି ପୁଟେ କରୁଛି ମିନତି
ତୁମେ ମାଟି ମା ସମ୍ପତ୍ତି ।

ସହଦେବଖୁଣ୍ଟା, ବାଲେଶ୍ୱର

# ବାକ୍ ସଞ୍ଚୟ



ଅନୀତା ପଟ୍ଟନାୟକ



ସେଦିନ ମୁଁ ଗୋଟିଏ ଗଛମୂଳରେ ବସିଥାଏ । ଗଛଟି କହିଲା ତୁମେ କେତେ ଭାଗ୍ୟବାନ । ମୁଁ ତାକୁ କହିଲି ତୁମେ ଏପରି କାହିଁକି କହୁଛ ? ସେ କହିଲା ଭଗବାନ ତୁମକୁ ଅମୃତ ସଦୃଶ ବାକ ଶକ୍ତି ଦେଇଛନ୍ତି କିନ୍ତୁ ଆମ ମାନଙ୍କୁ ଦେଇନାହାଁନ୍ତି । ଦୁଃଖର ବିଷୟ ଯେ ମନୁଷ୍ୟ ବାକଶକ୍ତି କିପରି ଓ କେତେବେଳେ ବ୍ୟବହାର କରିବା କଥା ତାହା ଜାଣେନାହିଁ । ମୋର କୌତୁହଳ ବଢ଼ିଗଲା । ମୁଁ ପଚାରିଲି ଗଛ ଭାଇ କହିଲ ଦେଖି ବାକ ଶକ୍ତିକୁ ମନୁଷ୍ୟ କିପରି ବ୍ୟବହାର କରିବା ଉଚିତ ?

ଗଛ ଉତ୍ତର ଦେଇ କହିଲା - ପ୍ରଥମେ ମନୁଷ୍ୟ ଭାବିବା ଦରକାର ସେ ଯେଉଁ କଥା କହିବାକୁ ଯାଉଛି ତାହା ନିତ୍ୟାନ୍ତ ଦରକାର କି ? ମନୁଷ୍ୟ ନିଜକୁ ପଚାରିବା ଦରକାର ସେ ଯେଉଁ କଥା କହିବାକୁ ଯାଉଛି ତାହା ହିତକାର କି ? ମନୁଷ୍ୟ ଏହା ମଧ ଚିନ୍ତା କରିବା ଦରକାର ସେ ଯେଉଁ କଥା କହିବାକୁ ଯାଉଛି ତାହା କାହାର ମନରେ ଆଘାତ ଦେବକି ? କଥା ସତ୍ୟ ଉପରେ ଆଧାରିତ କି ? ଓ ମଧୁର ସ୍ୱରରେ ବକ୍ତବ୍ୟ ରଖିହେବ କି ?

ମୁଁ କହିଲି ଗଛଭାଇ ସତରେ ଆଜି ପର୍ଯ୍ୟନ୍ତ ମୁଁ ଏ ବିଷୟରେ ଭାବିନାହିଁ । ତୁମକୁ ଦେଖି ଜାଣୁଥିଲି ଯେ ନୀରବତା ହିଁ ଆଧାତ୍ମିକ ସାଧନାର ପ୍ରଥମ ସୋପାନ । ଏପରି କଥାବାର୍ତ୍ତା ଚାଲୁଥିବା ସମୟରେ ଗୋଟିଏ କୁକୁର ହାଡ଼ ଖଣ୍ଡିଏ ପାଟିରେ ଧରି ସେଠାକୁ ଆସିଲା । ମୁଁ ଶ୍ୱାନକୁ ପଚାରିଲି ହାଡଠାରୁ ଆଖୁର ରସ ଅଧିକ ମଧୁର । ହେଲେ ତୁମେ ଆଖୁ ଖାଉନାହଁ କାହିଁକି ? ଶ୍ୱାନଟି ଉତ୍ତର ଦେଇ କହିଲା ଶ୍ୱାନମାନେ ଆଖୁରସ ଖାଆନ୍ତି ନାହିଁ । ସେମାନେ ହାଡ ମାଂସ ଖୋଜନ୍ତି । କିନ୍ତୁ ମନୁଷ୍ୟକୁ ଆଧାତ୍ମିକ ଚେତନାର ଓ ବିଶୁଦ୍ଧ ବାତାବରଣର, ବିବେଚନାର ଶକ୍ତି ଭଗବାନ ଦେଇଥିଲେ ମଧ ସେ ଆବର୍ଜନାପୂର୍ଣ୍ଣ ଗଳି ଓ ବସ୍ତୁରୁ ନିଜକୁ ଦୂରେଇ ରଖି ପାରେନାହିଁ । ମନୁଷ୍ୟ ପାଖରେ ସତ୍ତ୍ୱ, ରଜ ଓ ତମ ତିନୋଟି ଗୁଣ ଥିଲେ ମଧ ସେ ଷଡରିପୁର ପ୍ରଭାବରେ ରଜ ଓ ତମ ଗୁଣର ବହୁଳ ବ୍ୟବହାର କରିଥାଏ । ସତ୍ତ୍ୱଗୁଣକୁ ଆଦରି ଆବର୍ଜନା ପୂର୍ଣ୍ଣ ଗଳିରୁ ବାହାରି ମୁକ୍ତିର ରାଜରାସ୍ତାରେ ଚାଲିପାରି ନଥାଏ । ସେ ଆଖୁର ସ୍ୱାଦ ଜାଣିଥିଲେ ମଧ ପଶୁ ମାଂସ ଭକ୍ଷଣ କରିଥାଏ । ସେ ଭୁଲ ଗଛରେ ଚଢ଼ିଥାଏ ତେଣୁ ଭୁଲ ଫଳ ଖାଇ ରୋଗ, ଦୁର୍ଦ୍ଦଶା ଇତ୍ୟାଦିର ଶିକାର ହୋଇଥାଏ ।

ଏହି ସମୟରେ କେଉଁଠୁ ଏକ ମଦ୍ୟପ ଗାଳି ଗୁଲଜ କରି ଆମ ପାଖ ଦେଇ ଗଲା । ଗଛଭାଇ କହିଲା ଝିଅ ଦେଖ । ମଦ୍ୟପ କିପରି ଉନ୍ମତ୍ତ । ସେ ଚାକଚକ୍ୟ ପ୍ରତି ଉଦାସୀନ । ଆଦର୍ଶ ସହିତ ସଂପର୍କ ନଥିବା ବସ୍ତୁ ପରି ସେ ନିର୍ବିକାର । କ୍ଷୁଧା ଓ ତୃଷ୍ଣା ତାକୁ ଅସ୍ଥିର କରିପାରୁନାହିଁ । ଯୁକ୍ତି ତର୍କରେ ସେ ବାଟବଣା ନୁହେଁ । ମୁଁ କହିଲି ଠିକ କହିଛ । ଏକ ଅଜ୍ଞାନୀ ମଦ୍ୟପାନ କରିନଥିଲେ ମଧ ମଦ୍ୟପାନ କରିଥିବା ବ୍ୟକ୍ତିପରି ଏ ସଂସାରରେ ଝୁଣ୍ଟିପଡେ । ମୁଁ ଗଛକୁ କହିଲି ତୁମେ ଜାଣିଚ ଏହି ମଦ୍ୟପର ତୃଟି ବିଚ୍ୟୁତିର ମୂଳ ହେଉଛି ତାର ଭ୍ରମପୂର୍ଣ୍ଣ ଜୀବନଧାରା । ତାର ଭ୍ରମପୂର୍ଣ୍ଣ ଜୀବନ ଧାରାର ଉତ୍ପତ୍ତି କେଉଁଠାରୁ ଜାଣିଚ ? ଗଛ ଉତ୍ତର ଦେଇ ନପାରିବାରୁ ମୁଁ କହିଲି ଏହାର ଉତ୍ପତ୍ତି ହେଉଛି ନିଜର ପ୍ରକୃତ ସ୍ୱରୂପ ସଂପର୍କରେ ଅଜ୍ଞତା । ଏପରି ଅଜ୍ଞତା ମନୁଷ୍ୟର ଚିନ୍ତା, କଥାବାର୍ତ୍ତା ଓ ଜୀବନର କାର୍ଯ୍ୟଶୈଳୀକୁ କଳୁଷିତ କରେ । ଗଛ କହିଲା ଏହିପରି କଳୁଷ ଓ ଜୀବନ ସବୁକୁ ନଷ୍ଟ କରିବାର ଔଷଧ କଣ କିଛି ନାହିଁ । ମୁଁ କହିଲି ଅଛି । ତାହା ହେଉଛି ଜ୍ଞାନ, କର୍ମ, ଉପାସନା ଓ ଭକ୍ତି ।

ଏହି ସମୟରେ କେଉଁଠୁ ଗୋଟିଏ ଗାଈ ଆସି ସେଠାରେ ଉପସ୍ଥିତ ହେଲା ଓ ଗଛ ମୂଳରୁ ଘାସ ଚୋବାଇବାକୁ ଆରମ୍ଭ କଲା । ସେ ମଧ ଆମ ସହିତ ମିଶି ବକ୍ତବ୍ୟ ରଖି କହିଲା ମୋର ବାକ ଶକ୍ତି ନାହିଁ । କେବଳ କିଛି ଶବ୍ଦ କରିପାରେ । ମନୁଷ୍ୟକୁ ଅମୃତସ୍ୟ ପୁତ୍ର ବୋଲି କୁହାଯାଏ । ହେଲେ ସେ ମୋ ଦେହରୁ ନିର୍ଗତ ହେଉଥିବା ଅମୃତ ସ୍ୱରୂପ ଦୁଗ୍ଧକୁ ପାନ କରୁଥିଲେ ମଧ ବଚନରେ ଅମୃତ ନଥାଏ ଓ ବାକଶକ୍ତିର ଅପଚୟ କରିଥାଏ । ମନୁଷ୍ୟ ବାକକୁ ବାକଶକ୍ତି ବୋଲି କହିଥାଏ । ଶକ୍ତି ଭଗବାନଙ୍କ ପ୍ରତୀକ । ମନୁଷ୍ୟ କଥା ଛଳରେ ଭଗବାନଙ୍କୁ ସର୍ବଭୌମିକ ଶକ୍ତିର ଉତ୍ସ ବୋଲି କହିଥାଏ କିନ୍ତୁ ସଂସାରରେ ବାକଶକ୍ତିର ଅତ୍ୟଧିକ ଅପବ୍ୟୟ କରୁଥିବା ବ୍ୟକ୍ତି ହେଉଛି ମନୁଷ୍ୟ । ସେ ବାକସଂଜମ କରିପାରିନଥାଏ କିମ୍ୱା ବାକଶକ୍ତିର ସଂଚୟ କରିପାରିନଥାଏ । ମୋର ପିଠିକୁ ଦେଖ । ମୁଁ ଜଣକ ବାଡ଼ିରେ ପଶି ଯାଇଥିବାରୁ ଗୋଟିଏ ପରିବାରର ସବୁ ସଦସ୍ୟ ବଡ଼ ପାଟିରେ ଗାଳି ଗୁଲଜ କରି ମତେ ପିଟି ପକାଇଲେ । ଛୋଟ ନାତିଟି ସେମାନେ ଏପରି କରି ସାରିବା ପରେ ତାଙ୍କୁ ବୁଝାଇ କହିଥିଲା । ମା ତୁମେ ଗହ୍ମାପୂର୍ଣ୍ଣିମା ଦିନ ଗାଈକୁ ପୂଜା କରିଥିଲ । ଜନ୍ମାଷ୍ଟମୀ ଦିନ ଆମର କୃଷ୍ଣମୂର୍ତ୍ତି ଆଗରେ ଥିବା ଗାଈଟିକୁ ଧୋଇ ପୋଛି ପୂଜା କରିଥିଲ । ଆଜି ଗାଈଟିକୁ ପିଟି ଉଚ୍ଚଶବ୍ଦରେ ପାଟିକରି ଲହୁଲୁହାଣ କରିଦେଇଛ । ତୁମର ଏ ଦୁଇଟି ଆଚରଣରୁ କେଉଁଟି ଠିକ ? ମା ବାପା ପାଟିକରି ନାତିକୁ କହିଲେ ଚୁପକର । କଥାର ସଂଚୟ କର । ବାକଶକ୍ତି ଭଗବାନଙ୍କ ସଦୃଶ । ମୋର କଲେଜ ଯିବାର ବେଳ ହୋଇଯିବାରୁ ଗଛ ତଳେ ବସିଥିବା ସ୍ଥାନ ପରିତ୍ୟାଗ କଲି । କୁକୁର ହାଡଟି ଧରି ଅନ୍ୟତ୍ର ଚାଲିଗଲା । ଗଛ ସ୍ଥିର ଓ ନୀରବ ହୋଇ ଠିଆ ହୋଇଥାଏ । ଗାଈଟି ଖାଦ୍ୟ ଅନ୍ୱେଷଣରେ ଅନ୍ୟତ୍ର ଚାଲିଗଲା ।

+ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, ସେକ୍ଟର-୧୦, କଟକ,
ମୋ : ୯୬୯୨୯୮୦୦୨୬

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା

॥ ଭାଗ-୧୮(ଖ) ॥
(ପୂର୍ବ ପ୍ରକାଶିତ ଉତ୍ତାରୁ)



ପ୍ରାଣ ଚକ୍ର ବା ହୃଦୟ ଚକ୍ର ବା ବ୍ରହ୍ମର ସମ୍ୟକ୍ ଶକ୍ତି ବିଷୟରେ ମାନବ ଜ୍ଞାନ ଲାଭ କରିଥିଲା । ତେଣୁ ବ୍ୟାପକ ଭାରତ ବର୍ଷର ନାମକୁ ସନାତନୀମାନେ ପ୍ରଥମେ ଅଜ ବା ପ୍ରାଣଚକ୍ର ନାମରେ ନାମିତ କରିଥିଲେ । ଏହାର ଅନ୍ୟ ଅର୍ଥ ହେଲା, ଯେଉଁ ଭୂଭାଗ ଅଜ ବା କେବେ ଜନ୍ମ ହୋଇ ନାହିଁ । ଏହା କେବଳ ଏକ ବିଶାଳ ସ୍ଥୁଳ ଭାଗର ଅଂଶ ବିଶେଷ ଥିଲା ।

ଏହି ସନାତନ ଧର୍ମ ମାନବ ଜାତିର ଅଶେଷ ଉପକାର ସାଧନ କରିଥିଲା । ଏହାର ପ୍ରଭାବରେ ଜୋର୍ ଯାହାର, ମୁଲକ ତାହାର ନୀତିରେ ସ୍ୱେଚ୍ଛା ଚାରୀ ଜୀବନ ଯାପନ କରୁଥିବା, ଯାଯାବର, ବି ଶୃଙ୍ଖଳ ମଣିଷମାନଙ୍କ ମଧ୍ୟରେ ସାମାଜିକ ଶୃଙ୍ଖଳା ସହ ଜୀବନରେ ନୀତି, ନିୟମ ଓ ନୈତିକତା ସୃଷ୍ଟି ହୋଇ ଜୀବନ ଶୈଳୀକୁ ମାନବିକ କରିଥିଲା ତଥା ତାର ମନ, ବୁଦ୍ଧି ଓ ଚେତନାକୁ ଉନ୍ନତ ସ୍ତରକୁ ନେଇ ଯାଇଥିଲା । କ୍ରମେ ସେମାନେ ସଭ୍ୟ ଜୀବନ ଯାପନ କରିବା ଆରମ୍ଭ କଲେ । ଏପରିକି ଆର୍ଯ୍ୟମାନେ ସୃଷ୍ଟି ହେବାପରେ ଯୁଦ୍ଧରେ ମଧ ପୂର୍ବର ପାଶବିକ ପ୍ରବୃତ୍ତିକୁ ସଂଶୋଧନ କରି ମାନବିକ ଶୃଙ୍ଖଳ ଓ ନିୟମ ମାନ ପ୍ରଣୟନ କରାଗଲା । କ୍ରମେ ସନାତନୀ ବ୍ରାହ୍ମଣ, ଋଷି, ଯୋଗୀ, କ୍ଷତ୍ରିୟ ଆଦି ସମସ୍ତଙ୍କୁ ଆର୍ଯ୍ୟ ବୋଲି ଧାରଣା ହୋଇ ଗଲା ଓ ଏମାନଙ୍କ ବାସସ୍ଥାନକୁ ଆର୍ଯ୍ୟାବର୍ତ୍ତ ବୋଲି କୁହାଗଲା । ଏହି ଆର୍ଯ୍ୟମାନେ ମଧ ସନାତନ ଧର୍ମୀ ଥିଲେ ଓ ଏହାର ସୁରକ୍ଷା କରୁଥିଲେ । ଏପରିକି ସମୁଦ୍ରର ସୁନାମୀରେ ଦ୍ୱାରକା ସହ ପାଞ୍ଚ ହଜାର ବର୍ଷ ପୂର୍ବେ ଧ୍ୱସ୍ତ ହୋଇ ଯାଇଥିବା ସିନ୍ଧୁ ସଭ୍ୟତାର ରାଜା ଜୟଦ୍ରଥ ମଧ ଜଣେ ଆର୍ଯ୍ୟରାଜା ଥିଲା, ଯଦିବା ତାର ଚରିତ୍ର ଓ ସ୍ୱଭାବ ଦାନବ ସମାନ ଥିଲା ।

ଏହା ସତ୍ୟ ଯୁଗ ଥିଲା । ଭାଗବତ ଅନୁସାରେ ସତ୍ୟ ଯୁଗ ଚାରି ସହସ୍ର, ତ୍ରେତୟା ତିନି, ଦ୍ୱାପର ଓ କଳି ଏକ ସହସ୍ର ବର୍ଷ ଲେଖାଏଁ ଧରାଯାଏ । ଏମିତି ଦେଖିଲେ ସତ୍ୟ ଯୁଗ ଆଜକୁ ଏଗାର ହଜାର ବର୍ଷ ପୂର୍ବେ ନୂତନ ପ୍ରସ୍ତର ଯୁଗରୁ ଆରମ୍ଭ ହୋଇ ଖ୍ରୀଷ୍ଟ ଜନ୍ମଠାରୁ ସତ୍ୟ ଯୁଗ ଚାଲିଲାଣି । ଅନ୍ୟ ମତରେ ସମସ୍ତ ଯୁଗ ତେୟାଳିଶ ଲକ୍ଷ କୋଡିଏ ହଜାର ବର୍ଷ, ମାନେ ନୃବାନର ମଣିଷ ହେବା ଦିନଠାରୁ ହିଁ ଆରମ୍ଭ ହୋଇଅଛି ।

ଦ୍ରାବିଡ ରାଜା ସତ୍ୟବ୍ରତ ସେହି ଶତ ଜୁଣ ଦୈର୍ଘ୍ୟ ( ଜୁଣ ମାପର ଆଭିଧାନିକ ଅର୍ଥ ବୋଧହୁଏ ଏକ ଯୋଜନ ହୋଇଥାଇପାରେ । କିନ୍ତୁ, ମୋ ମତରେ ଏହା ସେତେବେଳେ ପ୍ରଚଳିତ ଥିବା ଚକରେ ଚକାଏ ବା ମଣିଷର ଗୋଟିଏ ପାହୁଣ୍ଡ ସହ ସମାନ ।) ବିଶାଳକାୟ ମୀନଙ୍କର ଭାଷା ଶ୍ରବଣ କରିବାରେ ଲାଗିଲେ ।

‘ ବେଦପତି ବ୍ରହ୍ମା ସିନ୍ଧୁ ତଟରେ ବେଦ ପୁସ୍ତକ ରଖି ସନ୍ଧ୍ୟା ତର୍ପଣ କରୁଥିଲେ । ମୁଁ ସେତେବେଳେ ହୟ ଗ୍ରୀବ ନାମକ ଏକ ଦାନବ ରୂପରେ ତାହାକୁ ଅପହରଣ କଲି ଏବଂ ଏକ ମତ୍ସ୍ୟ ରୂପରେ ତାହାକୁ ଉଦ୍ଧାର କରିଥିଲି ।’

(ବୋଧହୁଏ ହୟଗ୍ରୀବ ଏକ ପକ୍ଷ ଥିବା ସମୁଦ୍ର ଘୋଟକ ପରି ଜଳଚର ପ୍ରାଣୀ ଥିଲା । କାରଣ ହିରଣାକ୍ଷ ଓ ହିରଣ୍ୟକଶିପୁ ହିଁ ପୃଥିବୀର ପ୍ରଥମ ଦାନବ ଥିଲେ । ହୋଇପାରେ ମଧୁ, କୈଟଭ ପରି ଅନିଷ୍ଟ କର, ଭୟଙ୍କର ଜୀବ ଓ ମାନବମାନଙ୍କୁ ସେମାନେ ଦାନବ ବା ଅସୁର ବୋଲି କହୁଥିଲେ । ଦେବତାମାନଙ୍କ ଦ୍ୱାରା ପାଳିତ କ୍ଷିତ୍ ବା ଭୂମିକୁ ସେମାନେ ସୁରକ୍ଷିତ ଓ ଅସୁର ପାଳିତ ଭୂମିକୁ ଅସୁର କ୍ଷିତ ବୋଲି କହୁଥିଲେ । ଏହିପରି ସ୍ଥାନରେ ବାସ କରୁଥିବା ଅଧିବାସୀମାନେ ଅସୁରମାନଙ୍କୁ ଭୟ କରୁଥିଲେ ଓ ସେମାନଙ୍କୁ ସନ୍ତୋଷ କରିବାକୁ ଖାଦ୍ୟ ଆଦି ଦେଇ ନମ୍ର ବ୍ୟବହାର କରୁଥିଲେ । ଯେପରି ସୁରକ୍ଷିତ ସ୍ଥାନରେ ଉପକାରୀ ପ୍ରକୃତି ବା ମାନବକୁ ଦେବତା ରୂପେ ସନ୍ତୋଷ କରାଯାଉଥିଲା, ଏହି ଅସୁରକ୍ଷିତ ସ୍ଥାନରେ ମଧ ଅପକାରୀ ଅସୁରମାନଙ୍କୁ ସନ୍ତୋଷ କରାଯାଉଥିଲା ଓ ଅସୁରମାନେ ତାଙ୍କର ଆରାଧ ଥିଲେ । ଏମାନେ ସମସ୍ତେ ଭଗବାନଙ୍କର ଏକ ଏକ ସ୍ୱରୂପ ଥିଲେ ।)

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଉପହାର ମୂଲଚାଲ ନହେଉ

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍



ପ୍ରାୟ ଆପଣମାନେ ଦେଖିଥିବେ ବିବାହ, ବ୍ରତଘର, ଜନ୍ମଦିନ ଆଦି ଉତ୍ସବରେ ଶୁଭେଚ୍ଛା ବା ଆଶୀର୍ବାଦ ସ୍ୱରୂପ ସମସ୍ତେ କିଛି ଉପହାର ଦେଇଥାନ୍ତି । ଉପହାର ଦେବାର ପରମ୍ପରା ବହୁ ପ୍ରାଚୀନ । ଉପହାର, ଶ୍ରଦ୍ଧା ପ୍ରକଟ କରିଥାଏ । କିନ୍ତୁ ଆଜିକାଲି ଦିଆଯାଉଥିବା ଉପହାର ଶ୍ରଦ୍ଧା, ଶୁଭେଚ୍ଛା, ଆଶୀର୍ବାଦ ବଦଳରେ କେବଳ ଏକ କର୍ମ ସମ୍ପାଦନ ହୋଇଯାଇଛି । ଅନେକଙ୍କ ପାଇଁ ଉପହାର ଦେବା ସମୟ ଆସିଲେ ବୋଝ ପରିଲକ୍ଷିତ ହେଉଛି । ଉପହାର ଦେବା ଲୋକର ଆନନ୍ଦ ନାହିଁ କି ନେବା ଲୋକର କୃତଜ୍ଞତା ନାହିଁ ।

ଜଣେ ଜଣେ ନିଜ ପୁରୁଣା ଖାତା ଖୋଲି ଦେଖନ୍ତି ‘ମୋ ଝିଅ ବାହାଘରକୁ ସେ ଏତିକି ଦେଇଥିଲା, ମୁଁ କାହିଁକି ଅଧିକ ଦେବି ? ସେ ତ ସୁନା ନଦେଇ ଖାଲି ୫୦୦ ଟଙ୍କାଟିଏ ଦେଇଥିଲା, ମୁଁ କାହିଁକି ସୁନା କାନଫୁଲ ଦେବି ?’ ଯଦି କାହା ପିଲାର ଜନ୍ମଦିନ ଥାଏ, ମନେ ପକାଇ, ଖାତା ଦେଖି ତାକୁ ସେତିକି ଉପହାର ଦେଇଥାନ୍ତି, ଯେତିକି ସେ ଦେଇଥାଏ । ବନ୍ଧୁବାନ୍ଧବ ଭିତରେ ଯଦି ଅଧିକ ଭାର ବେଭାର ଦେବାକୁ ପଡେ ଜଣେ ଜଣେ ବିରକ୍ତ ହୋଇଯାଆନ୍ତି, ‘ଓହୋଃ ମଣିଷ କେତେ ରୋଜଗାର କରୁଛି ଯେ, ଖାଲି ବନ୍ଧୁ ବାନ୍ଧବ ବେଭାର ଦେଇ ଦେଇ ମଲା’ । ଉପହାର ପାଇବା ବେଳେ ମନ ଖୁସି ଥାଏ, କିନ୍ତୁ ଦେବା ସମୟରେ ମନ ଶୁଖିଯାଏ ।ବଡ ବଡିଆ ଲୋକ, ଦେଖିଲେ କଣ ଭାବିବେ, ଏତିକି ଟଙ୍କା ଦେଇଛି ଭାବି, କେହି କେହି ଅନିଚ୍ଛା ସତ୍ତ୍ୱେ ବି ଅଧିକ ଟଙ୍କା ଉପହାର ଦେଇଥାନ୍ତି । କେବେ ଆପଣ ଯଦି କାହାକୁ ହଜାରେ ଟଙ୍କା ଉପହାର ଦେଇଛନ୍ତି ଆଉ ଆପଣଙ୍କ କୌଣସି କାମରେ ସେ ଶହେ ଟଙ୍କା ଦେଇଦେଲା, ତ ଆପଣ ସଙ୍ଗେ ସଙ୍ଗେ ଭାବିବେ ‘ମୁଁ ତାକୁ ହଜାରେ ଦେଇଥିଲି, ସେ ଏଡ଼େ କଞ୍ଜୁସଟା ମତେ ଶହେ ଦେଇଛି ! ଆଉ ତାର କୌଣସି କାମରେ ଯିବାର ନାହିଁ’ ।

ଆମେ ସବୁବେଳେ ଉପହାରର ବି ହିସାବ ନିକାସ କରୁ । ଆମକୁ ହଜାର ଦେବାକୁ କେହି କହି ନଥାଏ, ଆମେ ଖୁସିରେ ଦେଉ ଓ ଆଶା କରୁ ଆମକୁ ବି ସେ ହଜାରେ ଦେବା ଉଚିତ୍, କିନ୍ତୁ ସେ ବ୍ୟକ୍ତି ତା ରୋଜଗାର ହିସାବରେ ଉପହାର ଦିଏ, ଅଥଚ ଆମେ ଆମ ଦେଇଥିବା ଉପହାର ସହ ତୁଳନା କରୁ । ଆମ ଘରକୁ କେହି ଅତିଥି ଆସିଲେ ଆମେ ବହୁତ ପ୍ରକାର ଖାଇବାକୁ ଦେଇ ନିଜ ଖାମଦାନୀପଣିଆ ଦେଖାଉ ଓ ଆମେ ତା ଘରକୁ ଗଲେ ସେ ଯେତେବେଳେ ତା ଯୋଗ୍ୟତା ଅନୁସାରେ ଆମକୁ ଚା ବିସ୍କୁଟଟିଏ ଦେଇଦିଏ, ଆମେ ରାଗିଯାଉ ‘ମୋ ଘରେ ମୁଁ ଏତେ ପ୍ରକାର ଖାଇବାକୁ ଦେଲି, ହେଲେ ତା ଘରେ ଚା, ବିସ୍କୁଟ ଦେଇ ଅପମାନ କରୁଛି’ ।

ବାସ୍ତବରେ ଆମକୁ ସେ କହି ନଥାଏ ଏତେ ପ୍ରକାର ଦେବାକୁ, ଆମେ ଆମ ଇଚ୍ଛାରେ ଦେଉ ଓ ତାଙ୍କଠୁ ଆମ ଇଚ୍ଛା ଅନୁସାରେ ଆଶା କରୁ । କିନ୍ତୁ ଆମ ଇଚ୍ଛା ପୂରଣ କରିବାକୁ ସମସ୍ତେ ବାଧ୍ୟ ନୁହନ୍ତି, ଏକଥା ଆମେ ବୁଝିବା ଉଚିତ୍ । ଯେଉଁ ଉପହାରରେ କିଛି ସ୍ୱାର୍ଥ, ଲୋଭ, ବିରକ୍ତି ଭାବ, ତୁଳନାତ୍ମକ ବିଚାର ନିହିତ ଥାଏ, ତାହା କେବେ ଆଶୀର୍ବାଦ ବା ଶୁଭେଚ୍ଛା ହୋଇପାରେନା ।

ଉପହାର ଏକ ଦାନ, ଯାହା ପୁଣ୍ୟର ପରିଭାଷା ହୋଇଥାଏ । ଉପହାରର ସଉଦା କରାଯାଏ ନାହିଁ କି ମୂଲ୍ୟ ନିର୍ଦ୍ଧାରଣ କରାଯାଏନାହିଁ । ଏହା ତ ଶ୍ରଦ୍ଧା, ଆତ୍ମିୟତା, ମଙ୍ଗଳ କାମନା ଓ ଶୁଭ ଚିନ୍ତାର ପ୍ରତୀକ ହୋଇଥାଏ । ଈଶ୍ୱର ଆମକୁ ଏତେ ସୁନ୍ଦର ପୃଥିବୀ ଉପହାର ଦେଇଛନ୍ତି, ପାଣି, ପବନ, ଫୁଲ ଫଳ, ଗଛ ଲତା, ଶରୀର, ଶକ୍ତି, ସାମର୍ଥ୍ୟ ସବୁକିଛି ଉପହାର ଦେଇଛନ୍ତି, ଆମକୁ ପ୍ରାଣବାୟୁ ଦେଇଛନ୍ତି, ଯାହା ଫଳରେ ଆମେ ଜୀବନର ସ୍ୱାଦ, ଜନ୍ମର ରହସ୍ୟକୁ ପ୍ରକୃତି କୋଳରେ ଉପଲବ୍ଧି କରି ପାରୁଛେ, ହେଲେ ପ୍ରତି ବଦଳରେ ଆମେ ଈଶ୍ୱରଙ୍କୁ କଣ ଦେଇଛେ ? ବରଂ ଆମର ପ୍ରତିଟି ଦୁଃଖଦ ପରିସ୍ଥିତି ପାଇଁ ଆମେ ଈଶ୍ୱରଙ୍କୁ ଦାୟୀ କରି ନିନ୍ଦିତ କରିଛେ । କେବେ ଈଶ୍ୱର ତ ଆମ ପାଇଁ ପ୍ରକୃତିର ପାଣି ପବନରୁ ବଞ୍ଚିତ କରି ନାହାନ୍ତି ! ଯିଏ ପ୍ରକୃତିର ନଷ୍ଟ କରୁଛି, ତାକୁ ବି ସମାନ ସୁବିଧାର ଉପହାର ଦେଇଛନ୍ତି, ଯାହା ସମସ୍ତଙ୍କୁ ଦେଇଛନ୍ତି । ତେବେ ଆମେ ଉପହାର ଦେବା ବେଳେ ଏତେ ହିସାବ ନିକାସର ସଉଦା କରି ନିଜ ହୀନମନ୍ୟତାର ପରିଚୟ ଦେଉନେ କି ? ଉପହାର ସବୁବେଳେ ଶ୍ରଦ୍ଧା ଉତ୍ସର୍ଗ କରୁ,ଆଶୀର୍ବାଦଯୁକ୍ତ ହେଉ । ଉପହାର ସଉଦା ଭଳି ମୂଲଚାଲ ନହେଉ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ଆଜିର କବିତା

### ଯିଏ ଏକ ଅଭିଧାନ

ରତ୍ନପ୍ରଭା ବାଇ



ଫଗୁଣରେ ଯେଉଁ ଫୁଲ,ସହଚି ଅଦିନ ଝଡ
ସେ, କିଆଁ ଡରିବ ଆଉ ବୈଶାଖି ଝଞ୍ଜାକୁ
ବୟସର ବସନ୍ତରେ, ଜଳିଛି ଯେ ଅଶାନ୍ତରେ
ସେ କିଆଁ ଡରିବ ଆଉ ନିଦାଘର ନିଆଁକୁ ।

ଠକି ଠକି ବାର ବାର, ଝୁଣ୍ଟିଚି ଥରକୁ ଥର
ସଂପର୍କ ଭିଡରେ ଯିଏ ସଂପୂର୍ଣ୍ଣ ନିଃସଙ୍ଗ
ମଉଳିଛି ଯାର ଆଶା, ଲୁହରେ ମରିଛି ତୃଷା
ସେ କିଆଁ ଭୁଲିବ ଦେଖି ମରୁରେ ତରଙ୍ଗ ।

ଛନ୍ଦ ହୀନ ଜୀବନରେ, ସୁଖଠୁ ରହିଛି ଦୂରେ
ବୁକୁରେ ବୋହିଛି ଯିଏ ବେଦନାର ବୋଝ
ବିଧବା ଯାହାର ମନ, ସାଉଁଟିବ କି ସପନ
ଆଖିରେ ନିଦ ବୋଳିଲେ ଏ ଶିତଳ ସଞ୍ଜ ।

ଦୁଃଖ ସୁଖ ଦିନ ରାତି, ଏକାକାର କରି ନିତି
ଚାଲିଛି ଯେ, ଅଙ୍କା ବଙ୍କା ଖାଲ ଢିପ ପଥରେ
ଜୀବନ ଯମୁନା ଘାଟେ
ମୃତ୍ୟୁକୁ ଯେ ନିତି ଭେଟ
ଆତଙ୍କିତ ହେବ କିଆଁ ବଞ୍ଚିବାର ମୋହରେ ।

ଭିନ୍ନ ଏକ ଭାବନାରେ
ଯା,ମନ ନିତି ବତୁରେ
ଆତ୍ମ ସମିକ୍ଷାର କରେ ହିସାବ ନିକାଶ
ସମସ୍ୟାର ସ୍ତୁପ ଡେଇଁ,
ବିଶ୍ୱାସର ବିଷ ପିଇ
ବଞ୍ଚିଛି ଯେ, ବିପଦରେ ହେବକି ବିବଶ ।

ପ୍ରତି ମୂହୁର୍ତ୍ତରେ ଯିଏ ,
ଜୀବନେ ପରିକ୍ଷା ଦିଏ
ନିଜକୁ ବୁଝିବା ପାଇଁ ହୋଇଛି ସମର୍ଥ
ଯିଏ ଗୋଟେ ଅଭିଧାନ,
ସାଜିଛି ଉଦାହରଣ
ତାକୁ କିଏ ବୁଝେଇବ ଶବ୍ଦର ଅର୍ଥ ।।

+ସଂପାଦିକା,ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ , ଅନୁଗୁଳ ।
ମୋ -୯୩୩୭୯୭୭୪୯

# ପୋତି ହେଲାଣି ମାଟିଆମୁଣ୍ଡା ବନ୍ଧ: ପୁନଃରୁଦ୍ଧାର ପାଇଁ ଗ୍ରାମବାସୀଙ୍କ ଦାବି

ଜୟପୁର , ୦୪/୧୦ (ନି.ପ୍ର): କୋରାପୁଟ ଜିଲ୍ଲା କୁମୁଲିପୁଟ ପଞ୍ଚାୟତ ଅନ୍ତର୍ଗତ ଡୁଟିଗୁଡା ଗ୍ରାମର ପ୍ରାୟ ୧୩ ଏକରରୁ ଅଧିକ ପରିବ୍ୟାପ୍ତ ବିଶାଳ ବନ୍ଧ ମାଟିଆମୁଣ୍ଡା ଧିରେ ଧିରେ ପୋତି ହୋଇଯାଉଛି । ତୁରନ୍ତ ଏହାର ପୁନଃରୁଦ୍ଧାର କରି ରକ୍ଷଣାବେକ୍ଷଣ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି। ସୂଚନାଅନୁଯାୟୀ, କୁମୁଲିପୁଟ ପଞ୍ଚାୟତ ଅନ୍ତର୍ଗତ ଡୁଟିଗୁଡା ଗାଁରେ ପଂଚାୟତ ଅଧିନରେ ଥିବା ୧୩ ଏକରରୁ ଅଧିକ ପରିବ୍ୟାପ୍ତ ଅଂଚଳରେ ଥିବା ଏହି ମାଟିଆମୁଣ୍ଡି ବନ୍ଦର ଉପଯୁକ୍ତ ରକ୍ଷଣାବେକ୍ଷଣ, ଦେଖାରଖା ନ କରିବା ଫଳରେ ଏହା ଧିରେ ଧିରେ ପୋତି ହେବା ଅବସ୍ଥାକୁ ପଳାଇ ଆସିଲାଣି। ରାଜ୍ୟ ସରକାର ଅମୃତସରୋବର ଯୋଜନା ସହ ଅନ୍ୟାନ୍ୟ ଯୋଜନାରେ ଜଳାଶୟ ଗୁଡିକର ପୁନଃରୁଦ୍ଧାର କରୁଥିବା ବେଳେ ଏହାକୁ ଭୁଲି ଯିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଜୟପୁର ସହରର ଜଗନ୍ନାଥ ସାଗର ଭଳି ଗ୍ରାମାଂଚଳରେ ଏହା ବିଶାଳ ସାଗର ସଦୃଶ୍ୟ । ଶୀତ ମାସରେ ଏଠାକୁ ବହୁ ଦୂର ଦୁରାନ୍ତରୁ ବହୁ ପ୍ରକାର ପକ୍ଷୀ ସବୁ ଉଡ଼ି ଉଡ଼ି ଆସିଥାନ୍ତି ଏବଂ ଜୈବ ବିବିଧତାରୁ ମଧ ବହୁତ ଗୁରୁତ୍ୱପୂର୍ଣ୍ଣ । ବନ୍ଧଟି ଉପର ମୁଣ୍ଡରେ ରହିଥିବାରୁ ଚାଷୀମାନେ ଖରାଦିନେ ପନିପରିବା ଚାଷ କରିବା ପାଇଁ ଏହି ଜଳାଶୟ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ। କିନ୍ତୁ ବର୍ତ୍ତମାନ ତାର ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ବନ୍ଧ ଧୀରେ ଧୀରେ ପୋତି ହୋଇଯାଉଛି । ଜଳଧାରଣର ପରିମାଣ କମି କମି ଯାଉଛି । ଫଳରେ ଚାଷୀ ମଧ ରବିରେ ଚାଷ କରିବା ପାଇଁ ହଇରାଣ ହେଉଛନ୍ତି। ବର୍ତ୍ତମାନ ସ୍ଥାନୀୟ ଏସଏଚଜି ଗୃପର ମହିଳାମାନେ ସରକାରୀ ସାହାଯ୍ୟ ଓ ନିଜସ୍ୱ ପୁଜିଂ ଲଗାଇ ମାଛ ଚାଷ କରୁଛନ୍ତି । ଏହି ବନ୍ଧକୁ ଲାଗି ଏକ ଛୋଟିଆ ପାଣି ନଳା ମଧ ଯାଇଛି । ବନ୍ଧର ମୁଣ୍ଡା (ହିଡ଼) ବହୁତ ସାନ ଓ ଦୁର୍ବଳ



ହୋଇଥିବାରୁ ବର୍ଷା ଦିନେ ଅଧିକ ବର୍ଷା ହେଲେ ବନ୍ଧ ମଧକୁ ବାହାରର ପାଣି ପଶିଯିବାରୁ ଜଳ ଉଛୁଳି ବନ୍ଧ ଉପରେ ବାହାରି ବୋହିଯାଉଛି। ଦିନକୁ ଦିନ ହିଡ଼ ଦୁର୍ବଳ ହେବା ସହ ବନ୍ଧ ଭାଙ୍ଗିବାର ଯଥେଷ୍ଟ ସମ୍ଭାବନା ରହୁଛି। ଯଦି ଏପରି ହୁଏ ତେବେ ଏସଏଚଜି ଗୃପର ମହିଳାମାନେ ଏଠାରେ ମାଛ ଚାଷ କରୁଥିବାରୁ କ୍ଷତି ସହିବାକୁ ପଡ଼ିବ। ତଳ ମୁଣ୍ଡରେ ଚାଷ କରୁଥିବା ଧାନ ଓ ପରିବା ଚାଷୀ କ୍ଷତି ସହିବେ। ଗତ ଲଗାଣ ବର୍ଷାରେ ଏପରି ଭାବେ ହରଡ଼ାପୁଟର ପୂର୍ଣ୍ଣ ବନ୍ଧର ହିଡ଼ ଭାଙ୍ଗି ଯିବା ଫଳରେ ମାଛ ଚାଷ ନଷ୍ଟ ହେବା ସହ ବହୁ କ୍ଷତି ହୋଇଥିଲା। ଏସମସ୍ୟା ସଂପର୍କରେ ବାରମ୍ବାର ପଂଚାୟତରୁ ବ୍ଲକ ପ୍ରଶାସନଙ୍କୁ ଅବଗତ କରୁଥିଲେ ସୁଦ୍ଧା ଆଶୁ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ତୁରନ୍ତ ମାଟିଆମୁଣ୍ଡା ବନ୍ଧର ମୁଣ୍ଡା(ହିଡ଼) ମରାମତି କରି ନାଳର ପାଣି ନିଷ୍କାସନ ପାଇଁ କଲଭର୍ଟ କରାଯାଉ ବୋଲି ଗ୍ରାମବାସୀ ମାନେ ଦାବି କରିଛନ୍ତି। ଏହି ଜଳାଶୟକୁ ପୁନଃରୁଦ୍ଧାର କରି ସୌନ୍ଦର୍ଯ୍ୟକରଣ କରି ପର୍ଯ୍ୟଟନସ୍ଥଳୀ ଭଳି ତିଆରି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

ଝାରସୁଗୁଡ଼ା, ୦୪/୧୦ (ନି.ପ୍ର): ଜିଲ୍ଲା ସାମାଜିକ ସୁରକ୍ଷା ଓ୍ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ସ୍ଥାନୀୟ ଝାରସୁଗୁଡା ଯାନ୍ତିକ ବିଦ୍ୟାଳୟ ପ୍ରେକ୍ଷାଳୟ ଠାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଦ୍ମଶ୍ରୀ ଡ. ଜିତେନ୍ଦ୍ରିୟ ହରିପାଲ, ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି, ପ୍ରଫେସର ଟହଲୁ ସାହୁ, ବାଳଗୋବିନ୍ଦ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଗୋପଲକ୍ଷ୍ମୀ ହୋତା 'ଏକ ପରିବର୍ତନଶୀଳ ଦୁନିଆଁ ରେ ବୟସ୍କ ବ୍ୟକ୍ତିଙ୍କ ସ୍ଥିରତା' ଏଇ ବର୍ଷର ପ୍ରସଙ୍ଗକୁ ନେଇ ନିଜର ବକ୍ତବ୍ୟ ରଖିବା ସହିତ ଝାରସୁଗୁଡା ଜିଲ୍ଲାରେ ଜିଲ୍ଲା ପ୍ରଶାସନ ବରିଷ୍ଠ ବ୍ୟକ୍ତି ମାନଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ ବିଷୟ ରେ ସଚେତନ କରିଥିଲେ କ୍ଷ ବିବେକାନନ୍ଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଝାଡ଼େଶ୍ୱରୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟର ଦୃଷ୍ଟି ବାଧିତ ଛାତ୍ରୀମାନେ ଦ୍ୱିପ ମନ୍ତ୍ର ପାଠ କରିବାସହ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମେଶ ଅଗ୍ରୱାଲ ଓ୍ ସାଥି ଗୁରୁ ମନ୍ତ୍ର ପାଠ କରିଥିଲେ। ନିରଞ୍ଜନ ମାଳିଙ୍କ ସଂଯୋଜନା ରେ ବକ୍ତୃତା ଓ୍ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅର୍ଥ ରାଶି ଓ୍ ପ୍ରମାଣ ପତ୍ର ଅତିଥି ମାନେ ପ୍ରଦାନ କରିଥିଲେ। ଉପସ୍ଥିତ ସମସ୍ତ ବରିଷ୍ଠ ବ୍ୟକ୍ତିମାନଙ୍କୁ ଅତିଥିମାନେ ଉତରୀୟ ଓ୍ ଗୋଲାପ ଫୁଲ ଦେଇ ଅଭିନନ୍ଦନ ଜଣାଇ ଥିଲେକ୍ଷ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଙ୍କ ରଙ୍ଗବତୀ ଗୀତରେ ପେକ୍ଷାଳୟ ଉତ୍ସବ ମୁଖର ହେବା ସହିତ ଦୃଷ୍ଟି ବାଧିତ ଛାତ୍ରୀ କଳ୍ପନା ଖଡିଆ ରଙ୍ଗବତୀକୁ ସାଥିରେ ଗାଇବା ଦେଖି ଶ୍ରୀ ହରିପାଳ ଭାବ ବିଭୋର ହୋଇ ପଡ଼ିଥିଲେ କ୍ଷ ପରେ ସଂସ୍କୃତିକ କାର୍ଯ୍ୟକ୍ରମକୁ ସୁରଙ୍ଗ ପ୍ରଧାନ ସଂଯୋଜନା କରିଥିବା ବେଳେ ଓଡିଶୀ ନୃତ୍ୟ ରେ ଗଣେଶ ବନ୍ଦନା ଓ୍ ପରେ ମିରର ଥିଏଟର ଦ୍ୱାରା ପ୍ରସ୍ତୁତ ଓ୍ ସୁବାଷ ପ୍ରଧାନ ନିର୍ଦ୍ଦେଶୀତ ନାଟକ 'ମୂର୍ତି ' ପ୍ରଦର୍ଶିତ ହୋଇଥିଲା ଶେଷରେ ଶ୍ରୀମତୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ର କନିଷ୍ଠ ସହାୟକ ଆଦିତ୍ୟ କୁମାର ବାଦି, ସୁସ୍ମିତା ଭୋଇ ଓ ଅରତିବାଇ ସାଂଘାଇ ଏବଂ ପ୍ରଜ୍ଞା ମିଶ୍ର, ପ୍ରଦ୍ୟୁମ୍ନ ପାଣିଗ୍ରାହୀ , ଜୟନ୍ତ ପ୍ରଧାନ, ଅଜିତ ସାହୁ ସହ ବ୍ଲକ ସାମାଜିକ ଅଧିକାରୀ ଶାନ୍ତି ରଞ୍ଜନ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।ଝାରସୁଗୁଡା ଯାନ୍ତିକ ବିଦ୍ୟାଳୟ ଠାରେ ତ୍ରିଲୋଚନ ନେତ୍ରାଳୟ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଚକ୍ଷୁ ଚିକିତ୍ସା ଶିବିର ତଥା ଚଷମା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀରେ ୧୩୯ ଅଭିଯୋଗ

କେନ୍ଦୁଝର, ୦୪/୧୦ (ନି.ପ୍ର): ୩ ତାରିଖ ମଙ୍ଗଳବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକରଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୧୩୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧରୁ ୪୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧରୁ ୨୬ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୧୩ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଏସ୍.ଡି.ପି.ଓ ମହେନ୍ଦ୍ରନାଥ ମୁର୍ମୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, ଡେପୁଟି କଲେକ୍ଟର (ଆପତକାଳୀନ) ସୁରଞ୍ଜିକା ବେହେରା, ଡେପୁଟି କଲେକ୍ଟର ସୁଚିସ୍ମିତା ଦାଶ, କେନ୍ଦୁଝର ସଦର ବିଡିଓ ବିକାଶ ଚନ୍ଦ୍ର ସାହୁ ଏବଂ କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡାଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୨୧ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା । ୦୯ଜଣ ହିତାଧିକାରୀଙ୍କୁ ମୋଟରାଇଜ୍ ହୁଇଲ ଚେୟାର ଏବଂ ୦୩ ଜଣ ହିତାଧିକାରୀଙ୍କୁ ରେଟ୍ରୋଫିଟେଡ୍ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ପୂର୍ବରୁ ଜିଲ୍ଲା ମୁଖ୍ୟାଳୟରେ ହେଉଥିବା ଜନ ଶୁଣାଣୀ ମାନଙ୍କରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯେଭଳି ବହୁ ଅଧିକ ସଂଖ୍ୟାରେ ସାଧାରଣ ଲୋକ ସେମାନଙ୍କର ଅଭିଯୋଗର ତୁରନ୍ତ ନ୍ୟାୟ ପାଇ ପାଇଁ ଜନ ଶୁଣାଣୀକୁ ଆସୁଥିଲେ ଏବେ ଆଜିକାଲି ପ୍ରାୟ ସେଭଳି ଲୋକଙ୍କର ସମାଗମ ହେଉ ନଥିବା ଅନେକ ମତ ଦେଉଥିବାରୁ ଏହାର କାରଣ ଅବଶ୍ୟ ଖୋଜିବା ଆବଶ୍ୟକ ବୋଲି କେତେକ ମଧ୍ୟ ମତ ଦେଇଛନ୍ତି ।

# କଲରାପତରିଆ ଛାଲ ଜବତ: ଜଣେ ଶିକାରୀ ଗିରଫ, ଅନ୍ୟ ଜଣେ ଫେରାର



ମୁନିଗୁଡ଼ା, ୦୪/୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ବଡ଼କାନ୍ଦୁଲପଡ଼ା ଗାଁରୁ ମୁନିଗୁଡ଼ା ରେଞ୍ଜ ବନ ବିଭାଗ କଲରାପତରିଆ ଛାଲ ଜବତ କରିଛି। ଜଣେ ଶିକାରୀକୁ ଗିରଫ କରିଥିବା ବେଳେ ଦୁଇଟି ଦେଶୀ ବନ୍ଧୁକ ଏବଂ କିଛି ବାରୁଦ ଜବତ କରିବାରେ ସଫଳ ହୋଇଛି। ତେବେ ବନ ବିଭାଗର ଚଢ଼ଉ ଖବର ପାଇ ଅନ୍ୟ ଜଣେ ଶିକାରୀ ଫେରାର ହୋଇଯାଇଛି। ଦ୍ୱିତୀୟ ଶିକାରୀର ସନ୍ଧାନ ଜାରି ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କଲରାପତରିଆ ଶିକାର ପରେ ଛାଲକୁ କନ୍ଧମାଳ ଜିଲ୍ଲା ସୀମାନ୍ତ ବଡ଼କାନ୍ଦୁଲପଡ଼ା ଗାଁର ଶିକାରୀ ନିଜ ପାଖରେ ରଖିଥିବା କୌଣସି ସୂତ୍ରରୁ ଜଗଦଲପୁର ଫରେଷ୍ଟ ବିଟ୍‌କୁ ଖବର ମିଳିଥିଲା। ଏହାପରେ ରେଞ୍ଜର ଅନିଲ କୁମାର ଓ୍ୱାଲାଙ୍କ ନିର୍ଦ୍ଦେଶରେ ଗୋଟିଏ ଟିମ୍ ଗଠନ ହୋଇଥିଲା। ଫରେଷ୍ଟର ସୁରେଶ ପାତ୍ର, ମୁନିଗୁଡା ଫରେଷ୍ଟର ପ୍ରମୋଦିନୀ ମଣ୍ଡାଙ୍ଗୀ, ରୋନିତ କୁମାର ମହାରଣା, ପ୍ରଳୟ ଦଣ୍ଡସେନା, ଜଗଦଲପୁର ବନରକ୍ଷୀ ସୁଭାସିନୀ ମୁଳିଙ୍କ ସମେତ ୧୦ଜଣିଆ ଟିମ୍ ଶିକାରୀ କିତାନା ଆନ୍ଦକିଆ ଘରେ ଚଢ଼ଉ କରିଥିଲେ। ଯାଞ୍ଚ କରିବାରୁ ଗୋଟିଏ କଲରାପତରିଆ ଛାଲ, ଦୁଇଟି ଦେଶୀ ବନ୍ଧୁକ ଏବଂ ବାରୁଦ ଆଦି ଘରୁ ମିଳିଥିଲା। ଜବତ ଛାଲ ଏକ ଅଣ୍ଡିରା ବାଘର ଏବଂ ଏହାର ଲମ୍ବା ୨୨୦ସେଣ୍ଟିମିଟର, ଚଉଡ଼ା ୬୦ସେଣ୍ଟିମିଟର ବୋଲି ଜଣାପଡ଼ିଛି। ପଚରାଉଚରା ସମୟରେ ପୂର୍ବରୁ ନଖ ଏବଂ ହାଡ଼ ବିକ୍ରି କରିସାରିଥିବା କିତାନା ସ୍ୱୀକାର କରିଛି। ଶିକାରରେ ସଂପୃକ୍ତ ଅନ୍ୟ ଜଣେ ଶିକାରୀ ସାମନ୍ତ ସିକକା ଫେରାର ହୋଇଯାଇଥିବା ବନ ବିଭାଗ ପ୍ରକାଶ କରିଛି। ଏନେଇ ମୁନିଗୁଡ଼ା ବନ ବିଭାଗ କାର୍ଯ୍ୟାଳୟରେ ମାମଲା ରୁଜୁ କରି ଶିକାରୀକୁ କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ଅନିଲ କୁମାର ଓ୍ୱାଲା ସୂଚନା ଦେଇଛନ୍ତି।

## ଗାଡି ସାଇଡ଼ ମରାକୁ ନେଇ ଯୁବକଙ୍କୁ ଆକ୍ରମଣ: ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ

କୋରେଇ, ୦୪/୧୦ (ନି.ପ୍ର): ଯାଜପୁର ସଦର ଥାନା ଅଂଚଳରେ ବାଇକରେ ଯାଉଥିବା ଜଣେ ଯୁବକଙ୍କୁ ଅନ୍ୟ ଜଣେ କାର ଚାଳକ ସାଇଡ଼ ମାଜିବା ସହିତ ଜାତିଆଣ ମନ୍ତବ୍ୟ ଦେଇ ପାଂଚ ଛଅ ଜଣ ଯୁବକଙ୍କ ସହିତ ଆକ୍ରମଣ କରିଥିବା ବେଳେ ଯୁବକଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ସେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନ୍ୟାୟଭିକ୍ଷା କରିଛନ୍ତି। ସୁଚନାନୁସାରେ ଯାଜପୁର ସଦର ଥାନା ଅନ୍ତର୍ଗତ କଂଟାବଣିଆ ଗ୍ରାମର ସିଦ୍ଧେଶ୍ୱର ମଳିକଙ୍କ ପୁଅ ପ୍ରଦୀପ ଏକ ବାଇକ ଯୋଗେଁ ଖରସ୍ରୋତୀ ନଦୀର ବନ୍ଧରେ ଜହଳ ଗ୍ରାମକୁ ଯାଉଥିବା ବେଳେ ଏକ କଳା ରଙ୍ଗର କାର ଆସି ପ୍ରଦୀପଙ୍କ ବାଇକ ସମ୍ମୁଖରେ ଆଡ଼ା ପକାଇବା ସହିତ ଚାଳକ ଆର୍ତ ନାୟକ ବାଇକ ପଛକୁ ଘୁଂଚା ବୋଲି କହି ଅଶ୍ରାବ୍ୟ ଓ ଜାତିଆଣ ମନ୍ତବ୍ୟ ଦେଇ ଗାଳିଗୁଲଜ କରିଥିଲା। ପରେତାର ପାଂଚ ଛଅ ଜଣ ସାଙ୍ଗଙ୍କୁ ନକାଇ ପ୍ରଦୀପକୁ ମରଣାନ୍ତକ ଆକ୍ରମଣ କରିଥିଲା। ଏ ନେଇ ସିଦ୍ଧେଶ୍ୱର ଥାନାରେ ଗତ ମାସ ୨୦ ତାରିଖ ଦିନ ଥାନାରେ ଅଭିଯୋଗ କରିବା ପରେ ମଧ୍ୟ ପୁଲିସ କୌଣସି ପଦକ୍ଷେପ ନନେବାରୁ ସିଦ୍ଧେଶ୍ୱର ଆଜି ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

# ଜିଲ୍ଲା କଳାକାର ସଂଘ ବଲାଙ୍ଗିରର ସାଧାରଣ ପରିଷଦ ବୈଠକ ଓ ନୂଆଖାଇ ଭେଟଘାଟ

ବଲାଙ୍ଗୀର, ୦୪/୧୦ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଜିଲ୍ଲା କଳାକାର ସଂଘର ସାଧାରଣ ପରିଷଦ ବୈଠକ ତଥା ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଗତକାଲି ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରିଥିଲେ ସଭାପତି ଅବଦୁଲ ଜମାଲ ଖାନ, ସଂପାଦକୀୟ ବିବରଣୀ ପାଠ କରିଥିଲେ ସଂପାଦକ ପ୍ରଭାକର ମିଶ୍ର ଓ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ କୋଷାଧକ୍ଷ ପ୍ରଭଞ୍ଜନ ରାୟଗୁରୁ । ସଭାପତି ଶ୍ରୀ ଖାନ ଉପସ୍ଥିତ ସଦସ୍ୟମାନଙ୍କୁ ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ସଂଗଠନକୁ କିପରି ସୁଦୃଢ଼ କରାଯାଇ ପାରିବ ସେ ଉପରେ ପରାମର୍ଶ ଦେଇଥିଲେ । ଏତଦ ବ୍ୟତିତ ଜିଲ୍ଲା କଳାକାର ସଂଘ ତରଫରୁ ଏକ ପୁସ୍ତିକା "କଳାକାର ପରିଚିତି" ପ୍ରକାଶ କରାଯିବା ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଯଥା ସମସ୍ତ କଳାକାରମାନଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯିବା, କଳାକାରମାନେ କୌଣସି ସମୟରେ ସ୍ୱାସ୍ଥ୍ୟ ସମସ୍ୟାରେ ଯଦି ପଡିବେ ସେ ସମୟରେ କଳାକାରମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଆମ୍ବୁଲାନ୍ସର ବ୍ୟବସ୍ଥା କରି ସୁବିଧା ଚିକିତ୍ସା ଯୋଗାଇ ଦେବା, ପ୍ରକୃତ କଳାକାରମାନଙ୍କୁ ଚିହ୍ନଟ କରି କଳାକାର ଭତା ଦେବା, ଜିଲ୍ଲାର ଇଚ୍ଛୁକ କଳାକାରମାନଙ୍କୁ ସଦସ୍ୟ ଭାବରେ ଗ୍ରହଣ କରିବା, ଉପଖଣ୍ଡ ପଂଚାୟତ ସମିତି ତଥା ଗ୍ରାମପଂଚାୟତ ସ୍ତର ପର୍ଯ୍ୟନ୍ତ ସଂଗଠନକୁ ସମ୍ପ୍ରସାରିତ କରିବା, କଳା ମଣ୍ଡଳ ପଡିଆରେ ଏକ ଅଡିଟୋରିୟମ ନିର୍ମାଣ କରାଯିବା, କଳା ମଣ୍ଡଳ ପଡିଆ ପାଇଁ ଆସିଥିବା ଅନୁଦାନ ଠିକ୍ ଭାବରେ ଖର୍ଚ୍ଚ କରି ପଡିଆର ଉନ୍ନତି କରିବା, ସଂସ୍କୃତି ବିଭାଗ ବଲାଙ୍ଗିର ତରଫରୁ ସହରାଚଂଳ ପାଇଁ ନଗର କଳା ସାଂସ୍କୃତିକ କମିଟି ଗଠନ କରାଯିବା, ସଂସ୍କୃତି ବିଭାଗ ତରପରୁ ଗଢା ଯାଇଥିବା କମିଟିର ପୁର୍ନଗଠନ କରିବା ଇତ୍ୟାଦି । ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ତଥା ସଂଗଠନ ପାଇଁ ସଦସ୍ୟ ସଂଖ୍ୟା ବୃଦ୍ଧି କରିବା ପାଇଁ ଦୁଇ ଗୋଟି କମିଟି ଗଠନ କରାଯାଇଛି । ଏଥିରେ ମୁରଲିଧାରୀ ପତି ଓ ରାମ ପ୍ରସାଦ ଦାଶଙ୍କୁ ଆବହକ ଭାବେ ମନୋନିତ କରାଯାଇଥିଲା । ଆଗାମୀ ଦିନରେ ସଂଘକୁ ସୁଦୃଢ଼ କରିବା ପାଇଁ ଆଜିବନ ସଦସ୍ୟ ଗ୍ରହଣ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲ ।

ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ପ୍ରହଲ୍ଲାଦ ଦର୍ଜୀ, ମଧୁସୁଦନ ନାୟକ, ମଳୟ ତ୍ରିପାଠି, ଦିଲ୍ଲିପ କୁମାର ସିଂଦେଓ, ମୁରଲୀଧାରୀ ପତି, ପ୍ରକାଶ ଥନାପତି, ବ୍ରହ୍ମାନନ୍ଦ ବନଛୋର, ଆଲୋକ ଦାସ, ମୀନ କେତନ ପଧାନ, ଭକ୍ତ ନାଏକ, ପ୍ରଶାନ୍ତ ଖମାରୀ, ପ୍ରଫେସର ତରୁଣ କୁମାର ମିଶ୍ର, ସନାତନ ଠାକୁର, ଦିପ୍ତୀ ରଂଜନ ଦାସ, ସୁରେନ୍ଦ୍ର କୁମାର ତ୍ରିପାଠୀ, କାଳୀପ୍ରସାଦ ଷଡଙ୍ଗୀ, କପିଳେଶ୍ୱର ଖମାରୀ, ପ୍ରଦୀପ କୁମାର ବରାଳ, ସଂଗୀତା ଦାସ, ମିଲି ବାରିକ ଓ ଲଳିତ ପୁଝାରୀ ପ୍ରମୁଖ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଯୁଗ୍ମ ସଂପାଦକ ମଧୁସୁଦନ ନାୟକ ।

## ଡୁଙ୍ଗୁରିପାଲିରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବୃକ୍ଷରୋପଣ

ବଲାଙ୍ଗୀର, ୦୪/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ କୁଟାସିଂହା ପଂଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲି ଗାଁରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବିଜେପି ମଣ୍ଡଳ ସଭାପତି ପିତାମ୍ବର କଂଟାଙ୍କ ନେତୃତ୍ୱରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା, ଏଥିରେ ସାମିଲ ହୋଇଥିଲେ ଗାଁର ଯୁବକ ସଙ୍ଘର ରକ୍ଷ ଅମାତ, ସଦାନନ ପଧାନ, ଶ୍ରୀତମ ବିଶ୍ୱାଳ, ତ୍ରିନାଥ, ଶିବାଶିଷ, ସୁବ୍ରତ, ଯୁଗୀନ୍ଦ୍ର, ପପୁନ, ମୁନା, ବୁଲୁ, ବିପ୍ଳବ, ବସନ୍ତ,ସୁଶାନ୍ତ, ରୁପେଶ ତଥା ଗାଁର ସମସ୍ତ ବ୍ୟକ୍ତି ବିଶେଷ, ସମସ୍ତେ ମିସି ଗାଁ ସରଂକ୍ଷିତ ଜଙ୍ଗଲ ନିକଟ ଫୁଟବଲ ପଡିଆ ପାର୍ଶ୍ୱରେ ଚାରା ଗୁଡିକ ଲଗାଇଥିଲେ, ଏହି କାର୍ଯ୍ୟ ଦେଖି ଆଖ ପାଖର ଶିକ୍ଷିତ ମହଲରୁ ପ୍ରଶଂସା ର ସୁଅ ଛୁଟିଥିଲା, ଗଛ ହିଁ ଜୀବନ ଗଛ ବଞ୍ଚିଲେ ଆମେ ବଂଚିବା ସମସ୍ତଙ୍କୁ ଏହି ଆହ୍ୱାନ ଦେଇ ଶ୍ରୀ କଣ୍ଟା ଗଛ ଲଗାଇବାକୁ ଅନୁରୋଧ କରିଥିଲେ, ଶେଷରେ ଗଛର ଉପକାରିତା ପ୍ରକୃତି ଆଉ ପରିବେଶ ବାବଦରେ କିଛିକହି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଲକ୍ଷ୍ମୀ ଯୋଜନାରେ ଘରୋଇ ବସ୍‌କୁ ସାମିଲ କରାନଗଲେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ୧୦ରେ ଅଖଚକ ବନ୍ଦ କରିବାକୁ ଚେତାବନୀ




ଜୟପୁର, ୦୪/୧୦ (ନି.ପ୍ର): ରାଜ୍ୟ ସରକାର ସଂପ୍ରତି ପଂଚାୟତରୁ ବ୍ଲକ, ବ୍ଲକରୁ ଜିଲ୍ଲା, ଜିଲ୍ଲାରୁ ଭୁବନେଶ୍ୱର ଓ ପୁରୀ ପାଇଁ ଆରମ୍ଭ କରିବାକୁ ଥିବା ଲକ୍ଷ୍ମୀ ବସ୍ ଯୋଜନାରେ ଘରୋଇ ବସ୍‌କୁ ଅର୍ନ୍ତଭୁକ୍ତ କରିବାକୁ ଦାବି କରିଛନ୍ତି ଘରୋଇ ବସ ମାଲିକ। ତୃତୀୟ ପକ୍ଷକୁ ସାମିଲ କରି ନୂଆ ନୂଆ ବସ୍ ଆଣିବା ବଦଳରେ ରାଜ୍ୟରେ ଚାଲିଥିବା ଘରୋଇ ବସ୍‌ଗୁଡ଼ିକୁ ଏଥିରେ ନିୟୋଜିତ କରି ରାଜ୍ୟ ସରକାର ତୃତୀୟ ପକ୍ଷକୁ କିଲୋମିଟର ପିଛା ଯାହା ସହାୟତା ଦେବାକୁ ଯୋଜନା କରିଛନ୍ତି ତାହା ଘରୋଇ ବସ୍ ମାଲିକଙ୍କୁ ଦିଆଯାଉ ବୋଲି ଦାବି କରିଛନ୍ତି ଜୟପୁର ଘରୋଇ ବସ ମାଲିକ ସଂଘ ଓ ଅବିଭକ୍ତ କୋରାପୁଟଜିଲ୍ଲା ଘରୋଇ ବସ୍ ମାଲିକ ସଂଘର ଆବାହକ ନରେନ୍ଦ୍ର ମହାନ୍ତି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଦାବି କରିବା ସହ ଗତ ବର୍ଷ ବର୍ଷ ଧରି ବହୁ ବସ ମାଲିକ ସରକାରଙ୍କ ସବୁ ଯୋଜନା ଓ ସ୍ଥିତିରେ ସହଯୋଗ କରି ବସ ସେବା ଯୋଗାଇ ଆସୁଥିବା ବେଳେ ସେମାନଙ୍କୁ ଏଥିରୁ ବାଦ୍ ଦେଇ ତୃତୀୟ ପକ୍ଷକୁ ସାମିଲ କରା ନଯାଉ ବୋଲି କହିଛନ୍ତି ଶ୍ରୀ ମହାନ୍ତି। ଲକ୍ଷ୍ମୀ ଯୋଜନାକୁ ବିରୋଧ କରାଯାଉନି କି, ସରକାରଙ୍କୁ ବିରୋଧ କରୁନୁ, କିନ୍ତୁ ଏହି ଯୋଜନାରୁ ଘରୋଇ ବସ ମାଲିକଙ୍କୁ ଦୁରେଇ ନୂଆ ତୃତୀୟ ପକ୍ଷକୁ ସାମିଲ କରିବା ଫଳରେ ଘରୋଇ ବସ ମାଲିକଙ୍କ ପେଟପାଟଣା ଉପରେ ମାଡ଼ ହେବ। ବସ ମାଲିକ ମାନେ ସରକାରୀ ନିୟମ ଅନୁଯାୟୀ ୧୫ବର୍ଷ ପୁରଣ କରୁଥିବା ୭୦ପ୍ରତିଶତ ଗାଡ଼ି ସ୍କ୍ରାପ ଆକାରରେ ବିକ୍ରୀ କରି ନୂଆ ଗାଡ଼ି ଆଣି ଚଳାଉଛନ୍ତି। ଗୋଟିଏ ପଟେ ବସ ମାଲିକ ବ୍ୟାପକ କ୍ଷତି ସହିବାସହ ବସରେ କାମ କରୁଥିବା ଘରୋଇ ବସ କର୍ମଚାରୀ ମାନେ ମଧ କ୍ଷତି ସହିବେ ବୋଲି କହିଛନ୍ତି ଶ୍ରୀ ମହାନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଗତ କାଲି ବନ୍ଦ ଶାନ୍ତିପୁର୍ଣ୍ଣ ଭାବେ ହୋଇଛି। ଆସନ୍ତା ୧୦ତାରିଖ ଦିନ ରାଜ୍ୟସରକାର ଲକ୍ଷ୍ମୀ ବସ ସେବା ଆରମ୍ଭ କରିବାକୁ ଯାଉଛନ୍ତି। ରାଜ୍ୟ ଘରୋଇ ବସ ଫେଡରେସନ୍ ମଧ ଏହି ସେବାକୁ ବିରୋଧ କରି ୧୦ତାରିଖ ଦିନ ସମଗ୍ର ରାଜ୍ୟରେ ବସ ଚଳାଚଳ ବନ୍ଦ ରଖିବାକୁ ଆହ୍ୱାନ ଦେଇଛନ୍ତି। ତାହାକୁ ଜୟପୁର ଘରୋଇ ବସ ମାଲିକ ସଂଘ ସହ ଅବିଭକ୍ତ କୋରାପୁଟ ଜିଲ୍ଲା ଘରୋଇ ବସ ମାଲିକ ସଂଘ ମାନେ ସଂପୁର୍ଣ୍ଣ ରୁପେ ସମର୍ଥନ କରୁଛନ୍ତି। ୧୦ତାରିଖ ସୁଦ୍ଧା ସରକାର ଆମକୁ ଲକ୍ଷ୍ମୀ ବସ ଯୋଜନାରେ ସାମିଲ କରାନଗଲେ ରାଜ୍ୟଫେଡରସନର ଡାକାରାକୁ ସମର୍ଥନ କରି ବସ ବନ୍ଦ କରିବା ସହ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଅଖଚକ ସଂପୁର୍ଣ୍ଣ ରୁପେ ବନ୍ଦ କରିବୁ ବୋଲି ଶ୍ରୀ ମହାନ୍ତି ଚେତାବନୀ ଦେଇଥିଲେ। ସେ ସମୟରେ ଯଦି କିଛି ଆଇନଗତ ବିଶୃଙ୍ଖଳାସୃଷ୍ଟି ହେଲେ ସେଥିପାଇଁ ସରକାର ହିଁ ଦାୟୀ ରହିବେ ବୋଲି କହିଛନ୍ତି ଶ୍ରୀ ମହାନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଉପଦେଷ୍ଟା ରାମଚନ୍ଦ୍ର ପାଢ଼ୀ, ପ୍ରଶାନ୍ତ ପାଣିଗ୍ରାହୀ, ବନବିହାରୀ ତ୍ରିପାଠୀ, ସୁବ୍ରମଣ୍ୟମ ପାତ୍ର , ସୁନିଲ କୁମାର ପାଢ଼ୀ, ଅଶୋକ ମହାପାତ୍ର, ଏନ.ଶଙ୍କର ରାଓ, ଶାମ୍ବାଶିବା ରାଓ, ବିଦ୍ୟାଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## କେବାଡ ଗ୍ରାମରେ ତହଁକ୍ କୁଟୁମର ନୂଆଁଖାଇ ଭେଟ୍ - ୨୦୨୩

ବଲାଙ୍ଗୀର, ୦୪/୧୦ (ନି.ପ୍ର): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ଆଗଲପୁର ପଂଚାୟତର କେବାଡ ଗ୍ରାମରେ ତହଁକ ସାହିତ୍ୟ କୁଟୁମ, ବଲାଙ୍ଗୀରର ନୂଆଁଖାଇ ଭେଟ୍ - ୨୦୧୩ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମର ଅନନ୍ତ ବ୍ରତ କମିଟି ବନ୍ଧପଡା ଦ୍ୱାରା ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଗଣେଶ୍ୱର ଭୋଇଙ୍କ ସଭାପତିତ୍ୱରେ ଦିଗାମ୍ବର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନିରଞ୍ଜନ ପଣ୍ଡା, ପ୍ରୀତମ ଠାକୁର, ପଦ୍ମବାଗ ଯାଦବ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ସମ୍ପାଦକ ରାଜେଶ ଦଣ୍ଡସେନା ବିବରଣୀ ପ୍ରଦାନ କରିଥିବାବେଳେ ଅକ୍ରୂର ବାଗ ସ୍ୱାଗତ ଭାଷଣ ଦେଇଥିଲେ । ଦିଲିପ ମିଶ୍ର ଅତିଥି ପରିଚୟ ପ୍ରଦାନ ଏବଂ ଅର୍ଜୁନ ସାହୁ ମଂଚ ପରିଚାଳନା କରିଥିଲେ। ସମାଜସେବୀ ଆଶୁତୋଷ ମେହେର ଏବଂ ଅନନ୍ତ ବ୍ରତ କମିଟୀ କେବାଡ କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦ୍ୱିତୀୟ ଅଧିବେଶନରେ କବି ଶ୍ରୀୟାକାନ୍ତ ଦାଶଙ୍କ ସଭାପତିତ୍ୱରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା । ପ୍ରବଚକ ଅଶୋକ ମିଶ୍ର, ବିଇଓ ନେପାଳ ବାଗ, ଦିବାକର ଯୋଶୀ, ଦୁର୍ବାଦଳ ମେହେର, ଦିଲୀପ ମିଶ୍ର, ଜଗଦୀଶ ଭୋଇ, ଉପଦେଷ୍ଟା ଦେବେନ୍ଦ୍ର କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଂଚାସୀନ ଥିଲେ। ଆହ୍ଲାଦିନୀ ପାଣିଗ୍ରାହୀ ଦାଶ, ରବି ଚନ୍ଦ୍ର ସାହୁ, କବିତା ମିଶ୍ର ଏବଂ ସବିତା ମହରା କବିତା ସଂଯୋଜନା କରିଥିଲେ। ଏଥିରେ ବଲାଙ୍ଗୀର ଜିଲ୍ଲା ସମେତ ବରଗଡ଼, ନୂଆଁପଡା, ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର ପ୍ରଭୃତି ଅଂଚଳର ଶତାଧିକ କବି କବୟିତ୍ରୀ ସ୍ୱରଚିତ କବିତା ଆବୃତି କରିଥିଲେ।

# ଦୁର୍ଗାପୂଜା ଉପଲକ୍ଷେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

## ଶବ୍ଦ ନିୟନ୍ତ୍ରଣ ଉପରେ ଯତ୍ନବାନ ହେବାକୁ ପରାମର୍ଶ

ବାଲେଶ୍ୱର, ୦୪/୧୦ (ନି.ପ୍ର): ଆସନ୍ତା ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଆଜି ଅପରାହ୍ନ ଘ. ୩.୩୦ମି ସମୟରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ବାଲେଶ୍ୱର ଶ୍ରୀ ସ୍ୱରୂପ କୁମାର ଦାସ ଯୋଗଦେଇଥିବା ବେଳେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ, ଉପଜିଲ୍ଲାପାଳ ଶ୍ରୀ କୁନାଲ ମୋତିରାମ ଚହ୍ୱାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ଦୁଲାଲ ସେନ ଜଗତଦେଓଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟ, ପୁଲିସ, ବିଭାଗୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ଓ ଜିଲ୍ଲା ଗୁଇନ୍ଦା ଡି.ଏସ.ପି ଶ୍ରୀମତୀ ବ୍ରଜେଶ୍ୱରୀ ବଳ ପୂର୍ବ ବର୍ଷର ବିବରଣୀ ପାଠ କରିବା ସହିତ ବିଭିନ୍ନ ନିୟମାବଳୀ ସମ୍ପର୍କରେ ସଭାକୁ ସୂଚନା ଦେଇଥିଲେ ।



ଦୁର୍ଗାପୂଜା ଲାଗି ବାଲେଶ୍ୱର ସହରରେ ପ୍ରାୟ ୯୬ଟି ମେଢ ନିର୍ମିତ ହେବାକୁ ଥିବା ବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଦୁର୍ଗାପୂଜା ଅବସରରେ ମହାଷଷ୍ଠୀ ପୂଜା ଅକ୍ଟୋବର ୨୦ ତାରିଖରେ ଆରମ୍ଭ ହେବାକୁ ଥିବା ବେଳେ ଅକ୍ଟୋବର ୨୪ ତାରିଖ ଦିନ ଦଶହରା ପୂଜା ଅନୁଷ୍ଠିତ ହେବ । ୨୨ ତାରିଖ ବୀରାଷ୍ଟମୀରେ ଓ ୨୪ ତାରିଖ ଦଶହରାଦିନ ଆଖଡ଼ା ଶୋଭାଯାତ୍ରା ଅନୁଷ୍ଠିତ ହେବ ଯେଉଁଥିରେ ପ୍ରଶାସନ ସ୍ଥିର କରିଥିବା ସମୟରେ ଏହା ସମାପନ କରିବାକୁ ନିବେଦନ କରାଯାଇଛି ଓ ୨୫ ତାରିଖ ଭସାଣୀ ଯାତ୍ରା ନିଜନିଜର କ୍ରମାଙ୍କ ଅନୁଯାୟୀ ଅନୁମୋଦିତ ସମୟ ମଧ୍ୟରେ ଶୋଭାଯାତ୍ରା ସାରି ମୂର୍ତ୍ତି ବିସର୍ଜନ କରିବେ ଓ ସେହିପରି ବାଡି ଖେଳରେ ଯେପରି ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଅସ୍ତ୍ରଶସ୍ତ୍ର ବ୍ୟବହାର ନ ହୁଏ ସେଥିପାଇଁ କମିଟିଗୁଡିକ ଯତ୍ନବାନ ହେବା ସହ ପୋଲିସ ତନଖି କରିବାକୁ ମତପ୍ରକାଶ ପାଇଥିଲା । ଏହି ସମୟ ମଧ୍ୟରେ ଆଇନଶୃଙ୍ଖଳା ଏବଂ ଟ୍ରାଫିକ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି । ଭସାଣୀ ଯାତ୍ରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ଏବଂ ଡି.ଜେ ମ୍ୟୁଜିକ ସିଷ୍ଟମ ଉପରେ କଟକଣା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ତୋରଣର ଉଚ୍ଚତା ମେଢ଼ ଠାରୁ ଅଧିକ ରହିବ, ମାତ୍ର ସୁରକ୍ଷିତ ଉଚ୍ଚତା ମଧ୍ୟରେ ରହିବ।

ବାଲେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ପୂଜା କମିଟିମାନଙ୍କୁ ସମସ୍ତ ପ୍ରକାର ଅନୁମତି ପତ୍ର ଏବଂ ଆପତ୍ତି ବିହୀନ ପ୍ରମାଣପତ୍ର ଯୋଗାଇ ଦିଆଯିବ । ସିଙ୍ଗଲ ୱିଣ୍ଡୋ ଲାଗି ଆସନ୍ତା ଅକ୍ଟୋବର ୧୨,୧୩,୧୪ ତାରିଖରେ ଆବେଦନ କରିହେବ । ସୁରକ୍ଷା ଲାଗି ସମସ୍ତ ପୂଜାମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା । ପୂଜା ସମୟରେ ବିଭିନ୍ନ ଜାଗାରେ ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥର ମାନକୁ ଯାଞ୍ଚ କରାଯିବା ଲାଗି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଖଡା ଖେଳ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ନିର୍ଦ୍ଧାରିତ ସମୟରେ ଏହାକୁ ଆରମ୍ଭ ଓ ଶେଷ କରିବା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରାସ୍ତାଘାଟ ମରାମତି, ମାଦକ ଦ୍ରବ୍ୟ ନିଷେଧ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସମ୍ପର୍କରେ ଏହି ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା । ବିଶେଷ କରି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ବୈଠକରେ ମତାମତ ପ୍ରକାଶ ପାଇଥିବା ବେଳେ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶବ୍ଦର ତୀବ୍ରତା ୬୫ଡେସିବଲ ମଧ୍ୟରେ ସୀମିତ ରହିବ ଏବଂ ଏହାର ଉଲ୍ଲଙ୍ଘନ ହେଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ । ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ଅନ୍ୟାନ୍ୟ କଟକଣାକୁ ମଧ୍ୟ ପୂଜା କମିଟିମାନଙ୍କୁ ମାନିବାକୁ ପଡିବ । ସ୍ଥାନୀୟ ପ୍ରଶାସନ ଦ୍ୱାରା ଚିହ୍ନଟ ହୋଇଥିବା କୃତ୍ରିମ ଜଳାଶୟ ଯଥା ବାଲିଘାଟ ଓ ନୁନିଆଯୋରିରେ ମୂର୍ତ୍ତି ବିସର୍ଜନ କରାଯିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ....

ଏହା ଜନ ସାଧାରଣଙ୍କର ବିଜୟ। ଧର୍ମର ଜୟ ହୋଇଛି। ଆମେ ସମସ୍ତେ ବିଜେଡିର ଲୋକ। ଆମେ ସମସ୍ତେ ମିଳିମିଶି କାମ କରିବୁ। ଆମେ ସମସ୍ତଙ୍କୁ ନେଇ ଚଳିବୁ। ସୂଚନାଯୋଗ୍ୟ, କିଛି ମାସ ମାସ ପୂର୍ବରୁ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନୀତା ସେଠୀଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ପରେ ବ୍ଲକ ଅଧ୍ୟକ୍ଷ ପଦ ଖାଲିପଡ଼ିଥିଲା। ଗତ ଅଗଷ୍ଟ ୩୧ ତାରିଖରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନ ହେବ ବୋଲି ତାରିଖ ଘୋଷଣା ହୋଇଥିଲା। ନିର୍ବାଚନ ବେଳେ ପ୍ରବଳ ହିଂସା ହୋଇଥିବାରୁ ଅଧାରୁ ନିର୍ବାଚନକୁ ବାତିଲ କରାଯାଇଥିଲା।

## ରାଜ୍ୟସଭା ମୁଖ୍ୟ ସଚେତକ....

ନବୀନଙ୍କ ବେକରେ ସାଂସଦ ସୁଲତା ଉତ୍ତରୀୟ ପକାଇଥିଲେ। ସେହି ସମୟରେ ନବୀନ ବିରକ୍ତ ପ୍ରକାଶ କରୁଥିବା ଦେଖିବା ମିଳିଥିଲା। ଏପରିକି ବିରକ୍ତ ହୋଇ ନବୀନ ନିଜେ ସେହି ଉତ୍ତରୀୟକୁ କାଢ଼ି ଦେଇଥିଲେ। ସେଥିପାଇଁ ସୁଲତା ଦେଓଙ୍କ ପକ୍ଷ ଛେଦନ କରାଯାଇଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ରାଜ୍ୟସଭା ଚେୟାରମ୍ୟାନ୍ ପ୍ୟାନେଲରେ ସୁଲତାଙ୍କ ସ୍ଥାନରେ ମମତା ମହାନ୍ତଙ୍କୁ ଦେଖିବାକୁ ମିଳିଥିଲା। ତେବେ ଏନେଇ ସୁଲତା ଦେଓ ପ୍ରତିକ୍ରିୟା ମିଳିପାରି ନାହିଁ।

## ଗ୍ୟାସ୍ ସିଲିଣ୍ଡର...

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଏହି ସୂଚନା ଦେଇଛନ୍ତି। ଉଜ୍ୱଳା ହିତାଧିକାରୀମାନେ ବର୍ତ୍ତମାନ ୧୪.୨ କିଲୋଗ୍ରାମ ଏଲପିଜି ସିଲିଣ୍ଡର ପାଇଁ ୭୦୩ ଟଙ୍କା ଦେଉଥିବାବେଳେ ଏହାର ବଜାର ମୂଲ୍ୟ ୯୦୩ ଟଙ୍କା ରହିଛି। କେନ୍ଦ୍ର କ୍ୟାବିନେଟର ଏହି ନିଷ୍ପତ୍ତି ପରେ ସେମାନେ ୬୦୩ ଟଙ୍କାରେ ସିଲିଣ୍ଡର ପାଇବେ। କିଛିଦିନ ପୂର୍ବରୁ ଉଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ସିଲିଣ୍ଡର ପିଛା ୨୦୦ ଟଙ୍କା ସବସିଡି ମିଳିଥିଲା।

## ବିପଦ ସଂକେତ ଉପରେ...

ଜଳକା ନଦୀର ଉପର ମୁଣ୍ଡ ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ହେବା ପରେ ଜଳସ୍ତର ଅଧିକ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାରୁ ବନ୍ୟା ଆଶଙ୍କାରେ ଅଛନ୍ତି ନଦୀ ତଟବର୍ତ୍ତୀ ଅଞ୍ଚଳ ବାସୀ। ଜଳକା ନଦୀର ଉପର ମୁଣ୍ଡ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା, ମୋରଡା, ଚିତ୍ରଡା, ରାସଗୋବିନ୍ଦପୁର ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ବିଭିନ୍ନ ନଦୀର ଜଳସ୍ତର ବଢୁଛି। ବର୍ତ୍ତମାନ ଯଦି ବନ୍ୟା ହୁଏ, ତା'ହେଲେ ବସ୍ତା ଓ ସଦର ବ୍ଲକର ପାଖାପାଖି ୧୨ ଟି ପଞ୍ଚାୟତର ଚାଷ କ୍ଷତି ହେବାର ଆଶଙ୍କା ରହିଛି।

## ଆପ୍ ରାଜ୍ୟସଭା ...

ଲିକର୍ ପଲିସି ଘୋଟାଲା ସମୟରେ ସିସୋଦିଆ ଅବକାରୀ ମନ୍ତ୍ରୀ ଥିଲେ। ପ୍ରକାଶ ଥାଉକି ଉଭୟ ସିସୋଦିଆ ଏବଂ ଆରୋରା ଜେଲରେ ଅଛନ୍ତି। ତେବେ ଦଳର ପ୍ରମୁଖ ନେତା ଗିରଫ ତାଲିକାର ତିନି ନଂରେ ଅଛନ୍ତି ସଞ୍ଜୟ। ଗତ ବର୍ଷ ମେ' ମାସରେ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଗିରଫ ହୋଇଥିଲେ। ସେ ମଧ ଅର୍ଥ ହେରଫେର ମାମଲାରେ ଗିରଫ ହୋଇଥିଲେ। ଦଳ ପାଇଁ ସବୁଠାରୁ ବଡ ଝଟକା ଚଳିତ ବର୍ଷ ଫେବୃଆରୀରେ ଲାଗିଥିଲା। ଫେବ୍ରୁଆରୀରେ ଦିଲ୍ଲୀର ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ତଥା ଅରବିନ୍ଦ କେଜ୍ରିୱାଲଙ୍କ ଘନିଷ୍ଠ ସହଯୋଗୀ ମନୀଷ ସିସୋଦିଆଙ୍କୁ ଗିରଫ କରିଥିଲା ସିବିଆଇ। ସିସୋଦିଆଙ୍କୁ ସିବିଆଇ ଲିକର୍ ପଲିସି ଦୁର୍ନୀତି ମାମଲାରେ ଗିରଫ କରିଥିଲା।

## ଫଳକ ପଡ଼ି ....

ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅସିତଙ୍କ ମୃତ୍ୟୁ ନେଇ ଖବର ପ୍ରକାଶ ପାଇବା ପରେ ସ୍କୁଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଥିଲେ ଅଭିଭାବକ ଓ ଗାଁ ଲୋକେ। କ୍ଷତିପୂରଣ ଦାବିରେ ଗାଁ ଲୋକେ ରାସ୍ତାରୋକ କରିଥିଲେ। ସ୍ଥିତି ଅଣାୟତ୍ତ ହେଉଥିବା ଜାଣିପାରି ସଦର ଥାନା ପୁଲିସ ସ୍କୁଲରେ ପହଞ୍ଚିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛନ୍ତି। ଏବେ ମଧ ରାସ୍ତାରୋକ ଚାଲିଥିବା ଜଣାପଡ଼ିଛି।

## ଉଦଘାଟନୀ ଉତ୍ସବ...

ଯାଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବେ ଆଇସିସିର ଗ୍ଲୋବାଲ ବ୍ରାଣ୍ଡ ଆମ୍ବାସଡର ନିଯୁକ୍ତ ହୋଇଥିବା ସଚିନ୍ ତେନ୍ଦୁଲକର । ତେବେ ସବୁଠୁ ବଡ଼ କଥା ହେଉଛି ଆୟୋଜକ ଭାରତକୁ ଏହି ବିଶ୍ୱକପରୁ ୧୩ ହଜାର କୋଟିରୁ ଅଧିକ ଫାଇଦା ମିଳିବ । ବିଶ୍ୱକପ ଯୋଗୁ ଭାରତକୁ ବିଦେଶୀ ଲୋକ ଆସିବେ, ଭାରତର ବେପାର ବଢିବ, ଟିକେଟ ବିକ୍ରି, ବିଜ୍ଞାପନ ଆଦି ସବୁ କ୍ଷେତ୍ରରୁ ଭାରତକୁ ୧୩ ହଜାର ୩୧୮ କୋଟି ଟଙ୍କାର ଫାଇଦା ମିଳିବ ବୋଲି ଇକୋନୋମିକ୍ସ ଟାଇମ୍ସ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି । ସେପଟ ପ୍ରଥମ ମ୍ୟାଚ ପାଇଁ ଦୁଇ ଦେଶ ଇଂଲଣ୍ଡ ଏବଂ ନ୍ୟୁଜିଲ୍ୟାଣ୍ଡ ଟିମ ଅହମ୍ମଦାବାଦରେ ପହଂଚିସାରିଛି । ନ୍ୟୁଜିଲ୍ୟାଣ୍ଡ ତୁଳନାରେ ଇଂଲଣ୍ଡର ପଲା ଭାରି ରହିଥିଲେ ବି ଉଦଘାଟନୀ ମ୍ୟାଚରେ କଡା ଟକ୍କର ଦେଖିବାକୁ ମିଳିବ ବୋଲି ଆଶା ରଖିଛନ୍ତି କ୍ରିକେଟ ପ୍ରେମୀ ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର / ୨୦୨୩/୪୨ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଏବଂ ବିଭାଗୀୟ ରେଳ ପରିଚାଳକ (ଇଂ ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫:୩୦ ଘଣ୍ଟାରେ ଖୋଲାଯିବ। ସିରିଏଲ ନଂ. ଟେଣ୍ଡର ନମ୍ବର ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନରେ ଦିଆଯାଇଛି: (୧) ଇ-କେଜିପି-ଦକ୍ଷିଣ- ୩୫-୨୦୨୩। ନିଧିପଣ୍ଡାଠାରେ ବ୍ରିଜ୍ (Br. No ୨୫୯) ନିକଟରେ ମେଟ୍ରୋ ନିର୍ମାଣ ADEN / BLS ଅଧୀନରେ ଥିବା ହାଳଦିପଡା-ବାଲେଶ୍ୱର ବିଭାଗ ମଧ୍ୟରେ ୨୨୨ / ୮-୧୦ କିମି । ଟେଣ୍ଡର ମୂଲ୍ୟ: ୧୨,୩୭,୯୮,୮୦୦.୫୬ ରୋଜଗାରର ଅର୍ଥ: ୭,୬୯,୦୦୦। (୨) A- KGP-WEST- 29-2023 । ବିଦ୍ୟମାନ କାର୍ଯ୍ୟର ନୂତନ କାର୍ଯ୍ୟ, ଯୋଗ ଏବଂ ପରିବର୍ତ୍ତନ, ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ନିର୍ମାଣ ସାମଗ୍ରୀର ଯୋଗାଣ, ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଅତିକ୍ରମ ନକରିବା ADEN / ଝାରଗ୍ରାମ ଅଧୀନରେ KKQ (Ex) -CKU (Ex) ବିଭାଗରେ ୦୧.୦୭.୨୦୨୩ ରୁ ୩୦.୦୬.୨୦୨୫ ପର୍ଯ୍ୟନ୍ତ ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସହିତ ୫,୦୦,୦୦୦ / - ଅନ୍ତର୍ଭୁକ୍ତ। (ଦ୍ୱିତୀୟ କଲ୍) ଟେଣ୍ଡର ମୂଲ୍ୟ: ୧,୯୦,୦୦,୦୯୬.୬୨ ରୋଜଗାରର ଅର୍ଥ: ୨,୪୫,୦୦୦। (୩) E-KGP-EAST-40-2023 । (୧) ହାଓ୍ୱଡ଼ା-ଖଡ଼ଗପୁର - TTR (FS + TWS + WCMSC) -୪୯ ସେଟ୍ ଏବଂ TTR (DS) - 18 ସେଟ୍ (୨) ହାଓ୍ୱଡ଼ା- ସାନ୍ତ୍ରାଗାଛି Jn.-TTR (FS + CS + CMSC) - 23 ସେଟ୍ର କାର୍ଯ୍ୟକାରିତା । (୧: .୫..୫) ଟେଣ୍ଡର ମୂଲ୍ୟ: ୭,୮୪,୦୮,୪୩୮ / -। ରୋଜଗାରର ଅର୍ଥ: ୫,୪୨,୧୦୦ / -। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ପ୍ରତ୍ୟେକ ପାଇଁ। ଖୋଲିବାର ତାରିଖ: ସିରିଏଲ ନଂ. ପାଇଁ 17.10.2023 । SI ନମ୍ବର ୧ନମ୍ବର, ୨ ନଂ ଏବଂ ୩ ନଂ ପ୍ରତ୍ୟେକଙ୍କ ପାଇଁ ୧୯.୧୦.୨୦୨୩ । କାର୍ଯ୍ୟର ସମାପ୍ତି ଅବଧି: SI ପାଇଁ ୯ ମାସ । SI ପାଇଁ ନମ୍ବର ୧, ୨୪ ମାସ । SI ପାଇଁ ନମ୍ବର ୨ ଏବଂ ୧୬ ମାସ । ନଂ ୩. ବିଡିଂ ଆରମ୍ଭ ତାରିଖ: SI ପାଇଁ । ୦୩.୧୦.୨୦୨୩ ରୁ ନମ୍ବର ୧ ଏବଂ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ । ୧୭.୧୦.୨୦୨୩ ରେ ଏବଂ SI ପାଇଁ ୦୫.୧୦.୨୦୨୩ ରୁ ନମ୍ବର ୨ ରୁ ୩ ଏବଂ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ । ୧୯.୧୦.୨୦୨୩ ରେ ଆଗ୍ରହୀ ଟେଣ୍ଡରଗୁଡିକ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । N.B: ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟୀମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ ।

(PR-663)


# ପାଣିଘେରରେ ବହୁ ଗ୍ରାମ: ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ଆବଶ୍ୟକ

ଜଳେଶ୍ୱର ୪/୧୦(ନିପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ଜଳେଶ୍ୱରରେ ଚଳିତବର୍ଷର ସର୍ବାଧିକ ବର୍ଷା ହୋଇଥିବାରୁ ବ୍ଲକ ଓ ପୌର ପରିଷଦ ଅଂଚଳ ଜଳମଗ୍ନ ହୋଇଛି । ଜଳ ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ପରିସ୍ଥିତ ଜଟିଳ ହୋଇଛି । ଫଳରେ କଂଗ୍ରେସ ଓ ବିଜେପି ପୃଥକ ପୃଥକ ସାମ୍ବାଦିକ ସମ୍ମିଳନୀ କରି ଶାସକ ଦଳକୁ ଦାୟୀ କରିଛନ୍ତି । ସୋମବାର ରାତି ଓ ମଙ୍ଗଳବାର ଦିନରେ ଜଳେଶ୍ୱର ଅଂଳରେ ୨୨୦ ଏମ୍ଏମ୍ ବର୍ଷା ହୋଇଥିବା ରେକଡ କରାଯାଇଛି । ହଠାତ୍ ଏତେ ବର୍ଷା ହେବାରୁ ଜଳେଶ୍ୱର ସହର ଅବସ୍ଥା ଶୋଚନୀୟ ହୋଇ ପଡିଛି । ବିଶେଷ କରି ନନ୍ଦିକା, ୧୧ନଂ ୱାର୍ଡ, ୧୦ନଂ ୱାର୍ଡ, ୧ନଂ ୱାର୍ଡର ପରିସ୍ଥିତି ଏବେବି ଜଟିର ରହିଛି । ଲୋକଙ୍କ ଘରେ ପାଣି ପଶିଥିବାରୁ ବହୁ ଘରେ ରନ୍ଧାବଢା ହୋଇ ପାରିନାହିଁ । ମ୍ୟୁନିସିପାଲଟି ପକ୍ଷରୁ ଜେସିବି ଲାଗି ଜଳନିସ୍କାସନ ପଥ ସଫା କରାଯାଇଛି । ସେହିପରି ଜଳେଶ୍ୱର ବ୍ଲକ ଅଂଚଳର ବିଭିନ୍ନ ଅଂଚଳ ଜଳବନ୍ଦି ଅବସ୍ଥାରେ ରହିଛି । ସୁଗୋ ପଂଚାୟତର ସୁଗୋ ହାଇସ୍କୁଲ ପରିସରରେ ୨ ଫୁଟର ପାଣି ଏବେ ଜମି ରହିଛି । ବାଣିଦା ଗାଁ ମଧ୍ୟରେ ଆଣ୍ଠୁଏ ପାଣିର ସୁଅ ଛୁଟୁଛି । ନେତୁଆ ଆଦିବାସୀ ସାହିରେ ପାଣି ପଶିବାରୁ ସେମାନେ ଉପବାସରେ ଦିନ କାଟିଛନ୍ତି । ଖାଲିନା, ଝାଡପିମ୍ପଳ, ବାଇଗଣ ବାଡିଆ, ପର୍ଣ୍ଣିମବାର୍ଡି, ବର୍ତ୍ତନା, ଖୁଲୁଡା, ପାଇକସିଦା, ରାୟାଁରାମଚନ୍ଦ୍ରପୁର, ଆରୁହା ପଂଚାୟତର ବହୁ ରାସ୍ତା ବୁଡି ରହିଥିବା ବେଳେ କେତେକ ଘରେ ପାଣି ପଶିଛି । ଶିଖରପୁର, ଶ୍ରୀରାମପୁର, ଚମାର ଗାଁ, କାଳିକ ପଂଚାୟତ ମଧ୍ୟ ବର୍ଷାପାଣି ଘେରରେ ରହିଛି । ଗ୍ରାମାଂଚଳର ବହୁ ଘରେ ପାଣି ପଶିବା ଯୋଗୁଁ କାନ୍ଥ ଭାଂଗିଛି । ନଡା ଛପର ଘରଗୁଡିକର ବ୍ୟାପକ କ୍ଷତି ଘଟିଛି । ୩ଦିନ ଧରି ବହୁ ଲୋକେ କାମ କରିବାକୁ ଅନ୍ୟତ୍ର ଯାଇପାରିନାହାନ୍ତି । ପର୍ଣ୍ଣିମବଂଗର ଉଦ୍‌ବୃତ୍ତ ବଣ;ାପାଣି ଓ ଜଳେଶ୍ୱର ଅଂଚଳରେ ପ୍ରବଳ ବର୍ଷା ହୋଇଥିବାରୁ ତଳିଆ ଅଂଚଳ ବର୍ଷାପାଣିରେ ବୁଡି ରହିଛି । ଅଳ୍ପଦିନ ପରେ ଧାନ ଥୋଡ ବାହାରିବାକୁ ଥିବାରୁ ଖରିଫ ଧାନର କ୍ଷତି ସଂପର୍କରେ ଚାଷୀମାନେ ସନ୍ଦେହ ପ୍ରକଟ କରିଛନ୍ତି । ଏବେ ପରିବା ଚାଷରେ ବର୍ଷା ହୋଇଥିବାରୁ ସେ ସବୁର କ୍ଷତି ଆଶଙ୍କା ପ୍ରକାଶ ପାଇଛି । ଆସନ୍ତା ଦିନ ପାଇଁ ଫୁଟ ଓ ବନ୍ଧାକବି, ଟମାଟୋ ତଳି ପଚୁଥିବାରୁ ସେ ସବୁର ବ୍ୟାପକ କ୍ଷତି ଘଟିଛି । ସର୍ବୋପରି କ୍ଷୟକ୍ଷତି ସଂପର୍କରେ ତଦନ୍ତ କରିବାକୁ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଦାବି କରିଛନ୍ତି । ବନ୍ୟା ସଂପର୍କରେ ଆଜି କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଶାସକ ଦଳକୁ ଦାୟୀ କରିଛି । ଜଳ ନିଷ୍କାସନ ହୋଇ ପାରୁନଥିବାରୁ ଡାକ୍ତରଖାନା, ସତକୁଲ, ରାସ୍ତାଘାଟ, ଚାଷ ଜମି ଇତ୍ୟାଦି ଜଳ ଘେରରେ ରହିଛି । ଜଳ ନିଷ୍କାସନ ସମସ୍ୟା ଆଜି ନୁହେଁ, ବହୁ ବର୍ଷଧରି ଲାଗି ରହିଥିଲେ ମଧ୍ୟ ଅଦ୍ୟାବଧି ମାଷ୍ଟର ପ୍ଲାନ ନ ହୋଇ ପାରିବା ନେତୃତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି



କଂଗ୍ରେସ ନେତା ସୁଦର୍ଶନ ଦାସ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ପୁଣି ଜିକେ ଭଟ୍ଟର ହସ୍‌ପିଟଲରେ ପାଣି ପଶିବା ଯୋଗୁଁ ରୋଗୀସେବା ବନ୍ଦ ହେବା ଦୁର୍ଭାଗ୍ୟ ଜନକ । ଟାଉନ୍ ପ୍ଲାନ ଓ ମ୍ୟୁନିସିପାଲଟିର ଦକ୍ଷତା ସଂପର୍କରେ ପ୍ରଶ୍ନ ଉଠାଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜୀବ ପରିଡା, ଗିରିଜା ଶଂକର ଦାସ, ହେମନ୍ତ ଗିରି, ସୁଦାମ ପାତ୍ର, ଗୋପାଳ କୃଷ୍ଣ ଜେନା, ସାର୍ବେଶ୍ୱର ଦାସ, ପଦ୍ମଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପୂର୍ବାହ୍ନରେ ବିଜେପି ପକ୍ଷରୁ ଅନ୍ୟଏକ ସାମ୍ବାଦିକ ସମ୍ମିଳନୀରେ ଜଳେଶ୍ୱର ମ୍ୟୁନିସିପାଲଟିର ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ହୋଇନପାରିବା ମ୍ୟୁନିସିପାଲଟିର ପ୍ରଶାସନୀକ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ମହାନାଳ ଖନନରେ ୭୦ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପରେ ମଧ୍ୟ ଜଳ ନିଷ୍କାସନ ହୋ ନପାରିବା ଦୁର୍ଭଗ୍ୟର ବିଯେ ବୋଲି ବିଜେପି ପକ୍ଷରୁ ଆରୋପ କରାଯାଇଛି । ଜିକେଭଟ୍ଟର ଡାକ୍ତରଖାନାରେ ବାରମ୍ବାର ବର୍ଷାପାଣି ପ୍ରବେଶ କରିବା ଏବଂ ଏଥିପ୍ରତି ଗୁରୁତ୍ୱ ଦିଆଯାଉନଥିବାରୁ ବିଜେପି ଆର୍‌କେଏସ୍‌ର ସ୍ୱଚ୍ଛତା ପ୍ରତି ଅଂଗୁଳି ନିର୍ଦ୍ଦେଶ କରୁଛି । ସାମ୍ବାଦିକ ସମ୍ମିଳନୀରେ ଫାଲଗୁନୀ ପାଣିଗ୍ରାହୀ, ଇନ୍ଦୁମତୀ ଗିରି, ଶାନ୍ତନୁ ପଟ୍ଟନାୟକ, ସମୀର ପାତ୍ର, ଅନନ୍ତ ଦାସ, ତରୁଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଦ୍ରକରେ ଶତାଧିକ ବର୍ଷର ପ୍ରସିଦ୍ଧ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ପୂଜୋତ୍ସବ ପାଳିତ

ଭଦ୍ରକ, ୦୪/୧୦ (ନି.ପ୍ର): ଭଦ୍ରକ ସହର ଅନ୍ତର୍ଗତ ଠାକୁର ଅନନ୍ତ ନାରାୟଣ ମାର୍ଗ, ନରିପୁର (ଅସ୍ତଳ) ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର 'ଅନନ୍ତ ବ୍ରତ' ଉପଲକ୍ଷେ ପ୍ରସିଦ୍ଧ ଠାକୁର ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ, ଭଜନ ଓ ବିଭିନ୍ନ କାର୍ଯ୍ୟକ୍ରମ ସାତ ଦିନ ବ୍ୟାପୀ ନିରାଡ଼ମ୍ବରରେ ପାଳିତ ହୋଇ ଯାଇଛି । ଏହି ଉତ୍ସବ ସାର୍ବଜନୀନ ଓ ଗଣପର୍ବ ରୂପ ନେଇ ଶହେ ବର୍ଷରୁ ଉର୍ଦ୍ଧ୍ୱଧରି ଭକ୍ତି ଓ ନିଷ୍ଠାର ସହ ପାରମ୍ପରିକ ରୀତିରେ ପୁରଷାନୁକ୍ରମେ ପାଳିତ ହୋଇ ଆସୁଅଛି । ସାଳନ୍ଦୀ ନଦୀରେ କଳସ ବୁଡ଼ା ଯାଇ ଜଳ ଅଣାଯିବା ପରେ ଘଟ, ପୂଜା,ପାଠ, ହୋମ ଓ ପୂଜାର୍ଚ୍ଚନା ଆଦି ପ୍ରଭୁଙ୍କ ନୀତିକାନ୍ତି ପରମ୍ପରା ଅନୁଯାୟୀ ସମ୍ପନ୍ନ ହୋଇଥିଲା । ବାଙ୍ଗାଲୋର ଓ କୋଲକାତାରୁ ଆସିଥିବା କାରୀଗରଙ୍କ ଦ୍ୱାରା ବିଭିନ୍ନ କିସମର ସୁବାସିତ ପୁଷ୍ପମାଲ୍ୟରେ ବିଗ୍ରହଙ୍କୁ ସୁସଜ୍ଜିତ କରାଯାଇ ମନ୍ଦିରର ଶୋଭାବର୍ଦ୍ଧନ କରାଯାଇଥିଲା । ମହାପ୍ରଭୁଙ୍କ 'ଅନନ୍ତ ଶୟନ'ଦୃଶ୍ୟ ଚିତ୍ତାକର୍ଷକ ହୋଇଥିବାରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶ୍ରଦ୍ଧାଳୁ ମାନେ ଦର୍ଶନ କରିଥିଲେ । ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପୂଜାରେ ପଣ୍ଡିତ ସହଦେବ ପଣ୍ଡା, ପଣ୍ଡିତ ଗୋବର୍ଦ୍ଧନ ଦାଶ ପୂଜାପାଠ କରିଥିଲେ। ଏଠାକୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ରତଧାରୀ ମହିଳାମାନେ ଉପବାସ କରି ମନ୍ଦିରରେ ନାଗ ଓ ବ୍ରତପୂଜା କରିଥିଲେ । ଏହା ଏକ ସାର୍ବଜନୀନ ଗଣପର୍ବର ରୂପ ନେଇଥିବାରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ମନ୍ଦିର ପ୍ରତିଷ୍ଠାତା ରାଜ୍ୟଗୋପବନ୍ଧୁ ପୁରସ୍କାରପ୍ରାପ୍ତ ସମାଜସେବୀ ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ନାୟକ ଓ ସହଧର୍ମିଣୀ ୰ ହରିପ୍ରିୟା ନାୟକ ମୁଖ୍ୟ ସେବିକା ଭାବେ ଦୀର୍ଘ ବର୍ଷ ଧରି ପ୍ରଭୁଙ୍କୁ ପୂଜା କରି ଆସୁଥିଲେ । ପରେ ଜ୍ୟେଷ୍ଠପୁତ୍ର ଅମର ନାୟକ ମୁଖ୍ୟ ପୂଜାକର୍ତ୍ତା ଭାବେ ପୂଜା କରିଆସୁଥିବା ବେଳେ ନିକଟରେ ତାଙ୍କର ଦେହାନ୍ତ ଘଟିଛି। ପ୍ରଭୁ ଅନନ୍ତଙ୍କ ନିକଟରେ ଯିଏ ଯାହା ମାନସିକ କରେ ସେମାନଙ୍କର ମନକାମନା ପୂର୍ଣ୍ଣ ହୋଇଯାଏ ବୋଲି ବିଶ୍ୱାସ ରହିଥିବା କିମ୍ବଦନ୍ତୀ ରହିଛି । ଶହେବର୍ଷରୁ ଉର୍ଦ୍ଧ୍ୱ ଧରି ଧର୍ମୀୟ ପରମ୍ପରାକୁ ନେଇ ଅନନ୍ତ ନାଗ ବ୍ରତ ପୂଜା ଉତ୍ସବ ପାଳନ ହୋଇ ଆସୁଥିବା ବେଳେ ୧୯୭୯ ମସିହାରେ ସ୍ୱପ୍ନାଦେଶ ହେବାରୁ ତିହିଡ଼ି ଥାନା ପାଳିଆ ଗ୍ରାମର ମୂର୍ତ୍ତି କାରିଗର ବାବାଜୀ ପୃଷ୍ଟି ଅନନ୍ତ ଶଯ୍ୟା ବିଶିଷ୍ଟ ବିଗ୍ରହ ନିର୍ମାଣ କରି ପବିତ୍ର ଅକ୍ଷୟ ତୃତୀୟାରେ ମନ୍ଦିର ପ୍ରତିଷ୍ଠା ହୋଇ ଅଦ୍ୟାବଧି ଭକ୍ତି ନିଷ୍ଠାର ସହ ନରିପୁର ଅସ୍ତଳ ଗ୍ରାମରେ ଆଡମ୍ବର ସହକାରେ ଅଦ୍ୟାବଧି ପାଳିତ ହୋଇ ଆସୁଅଛି।

# ବାରିପଦା ପୌର ପରିଷଦ ପକ୍ଷରୁ ଆବାସ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ବାରିପଦା, ୦୪/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାରିପଦା ସହରର ୨୮ ଗୋଟି ୱାର୍ଡରେ ନବମ ପର୍ଯ୍ୟାୟରେ ୫୭୩ ଜଣ ହିତାଧାରିଙ୍କୁ ଆଜି କାର୍ଯ୍ୟାଦେଶ ବଣ୍ଟନ କରାଯାଇଅଛି। ବାରିପଦା ପୌରପାଳିକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିବା ସହ ଜାଗାମିଶନ ମାଧ୍ୟମରେ ସରକାରୀ ଜାଗାରେ ରହୁଥିବା ଗରୀବ ଜନସାଧାରଣଙ୍କୁ ପଟ୍ଟା ଦେଇ ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ଦେବାରେ ସାରା ଦେଶରେ ଓଡିଶା ଏକମାତ୍ର ରାଜ୍ୟ ହୋଇ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ।



ନଗରପାଳ କୃଷ୍ଣାନନ୍ଦ ମହାନ୍ତି କାର୍ଯ୍ୟକ୍ରମରେ ଅଧକ୍ଷତା କରି ନିର୍ଦ୍ଧାରିତ ୪ମାସ ମଧ୍ୟରେ କାମସାରି ରାଜ୍ୟସରକାରଙ୍କ ତରଫରୁ ଆର୍ଥିକ ୨୦ହଜାର ଟଙ୍କାର ଆର୍ଥିକ ସହାୟତାର ସୁଯୋଗ ନେବାକୁ ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ସୀମା ଦାସ, ସମସ୍ତ ୱାର୍ଡର କାଉନସିଲର ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସୂଚନା ମୁତାବକ ପୂର୍ବରୁ ବାରିପଦା ପୌରପାଳିକା ପକ୍ଷରୁ ୨୭୩୫ ଜଣ ହିତାଧାକାରୀଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଅଛି। ପୌରପରିଷଦର ଆବାସ ଯୋଜନା ଦାୟିତ୍ୱରେ ଥିବା ଅମିତ ମହାପାତ୍ର, ଗୋଷ୍ଠୀ ସଂଯୋଜିକା କୁନିଆ ସାହୁ, ଦିପ୍ତିରାଣୀ ମହାନ୍ତ, ନମିତା ସାମଲ, ପଙ୍କଜ ମିଶ୍ର, ଗୌରୀଶଙ୍କର ନାୟକ, ସାର୍ଥକ ପ୍ରୟାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହାନତା ଦେଖାଇଲେ ସମାଜସେବୀ ସୁଦର୍ଶନ ସାହୁ

ବସ୍ତା୪.୧୦(ନିପ୍ର) ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତଗତ ଅର୍ମଦାରୋଡ ସ୍ଥିତ ଶ୍ୱରସ୍ୱତୀ ଶିଶୁ ମନ୍ଦିର ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତି ଅବସରରେ ବରୁଣଗଡିଆ ଗ୍ରାମପଞ୍ଚାୟତ ସଦାନନ୍ଦପୁର ଗ୍ରାମର ସମାଜସେବୀ ସୁଦର୍ଶନ ସାହୁ ଉକ୍ତ ଶିକ୍ଷା ଅନୁଷ୍ଠାନ ଯାଇ ଏକ କାନୁଘଣ୍ଟା, କାଚର ଟେବୁଲ କ୍ଲଥ, ଷ୍ଟିଲରେ ପତକା ବାଡି ଦେଇଥିବା ଜଣାପଡିଛି। ଏହି ବଦ୍ୟାନ ବ୍ୟକ୍ତିଙ୍କ ମହାନତାପାଇଁ ଅନୁଷ୍ଠିନର ପ୍ରଧାନଗୁରୁମା ଆରତୀ



ପାତ୍ର,ସମେତ ପରିଚାଳନାକମିଟିର ସଦସ୍ୟ ସଦସ୍ୟା ତାଙ୍କୁ ଭୂୟିଅସି ପ୍ରଶଂଶା କରିଛନ୍ତି ।ତେବେ ଶ୍ରୀସାହୁ ବିଭିନ୍ନ ଅନୁଷ୍ଠାନ କୁ ଯାଇ ସହଯୋଗର ହାତ ବଢାଉଥିବାଯୋଗୁ ତାଙ୍କ ନିକଟକୁ ଅଞ୍ଚଳବାସୀ ପକ୍ଷରୁ ପ୍ରଶଂସାର ସୁଅ ଛୁଟୁଛି ।

ଗୁରୁବାର, ଅକ୍ଟୋବର ୦୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାରିପଦାଠାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ବାରିପଦା, ୦୪/୧୦ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ତତ୍ତ୍ୱାବଧାନରେ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି. ଆଜିର ଶିବିର ରେ ଜନସାଧାରଣଙ୍କ ଠାରୁ ମୋଟ ୧୧୮ ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୧୦୫ ଟି ବ୍ୟକ୍ତିଗତ ଏବଂ ୧୩ଟି ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୦୯ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ସହ ୨ଜଣଙ୍କୁ ୧୦ହଜାର ଟଙ୍କା ଲେଖାଏଁ, ୦୩ ଜଣ ବ୍ୟକ୍ତିଙ୍କୁ ୫ହଜାର ଟଙ୍କା ଲେଖାଏଁ, ଜଣଙ୍କୁ ୩ହଜାର ଟଙ୍କା ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ୨ହଜାର ଟଙ୍କା ଏହିପରି ୭ ଜଣଙ୍କୁ ମୋଟ ୪୦ହଜାର ଟଙ୍କା ମୁଖ୍ୟ ମନ୍ତ୍ରୀ ସହାୟତା ପାଣ୍ଠିରୁ ଜିଲ୍ଲାପାଳ ମଂଜୁର କରିଛନ୍ତି। ଅନ୍ୟାନ୍ୟ ଅଭିଯୋଗ ଗୁଡିକର ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୟୁରଭଞ୍ଜ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀ କାନ୍ତ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ରୁପଭାନୁ ମିଶ୍ର ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅଧିନସ୍ଥ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,



ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀ ଅଧିକାରୀ ତଥା ପି.ଜି. ସେଲର ନୋଡାଲ ଅଧିକାରୀ ପ୍ରମିଳା ମଲ୍ଲିକଙ୍କ ତତ୍ତ୍ୱାବଧାନ ରେ ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ




ବସ୍ତା, ୦୪/୧୦ (ନି.ପ୍ର): ବ୍ଲକ୍ ପରିସରରେ ଦକ୍ଷତା ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକ ସ୍ତରୀୟ ଉଦ୍ୟାନ ଓ କୃଷି କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ ବିଭାଗ ର ଉପ ନିର୍ଦ୍ଦେଶକ ତପନ କୁମାର ମହାନ୍ତି ଙ୍କ ଅଧ୍ୟକ୍ଷତା ରେ ବାଲେଶ୍ୱର ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ ,ଉଦ୍ୟାନ ଓ କୃଷି ବିଭାଗ ର ବ୍ଲକ୍ ଅଧିକାରୀଣୀ ଶୁଭଲକ୍ଷ୍ମୀ ସେନାପତି, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଲଲାଟେନ୍ଦୁ ଦାସ, ବ୍ଲକ ଉପାଧକ୍ଷ ଦୀଲ୍ଲିପ କୁମାର ଦାସମହାପାତ୍ର , ଜିଲ୍ଲା ପରିଷଦ ସଞ୍ଜୟ କୁମାର ସେଠୀ, ପ୍ରମୁଖ ଯୋଗ ଦେଇ ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଓଡ଼ିଶା ଜଳବାୟୁ ସ୍ଥାୟୀ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ ସହିତ ରାଜ୍ୟ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ,ସଭ୍ୟା , ଏସଏଚ ଜି ଗୃପ ର ମହିଳା ମାନେ ଉପସ୍ଥିତ ରହି କୃଷି ଭିତ୍ତିକ ବିକାଶ ଉପରେ ଆଲୋଚନା କରିଥିଲେ। ଏଥିରେ ବିଶେଷତଃ ଫଳ ଚାଷ, ଛତୁଚାଷ, କୋଲ୍ଡଷ୍ଟୋର, ପନିପରିବା ଚାଷ,ଜିଆଖତ ପ୍ରସ୍ତୁତି ଆଦି ଉପରେ ଆଲୋଚନା ଚକ୍ର କରିବା ସହିତ, ସରକାରୀ ସୁବିଧା ସୁଯୋଗ ସହିତ ରିହାତି ମିଳିପାରିବ ବୋଲି ମଞ୍ଚାସିନ ଅତିଥି ପରାମର୍ଶ ଦେଇଥିଲେ। ବସ୍ତା ଉଦ୍ୟାନ ବିଭାଗ ର କ୍ଷେତ୍ର ପରିଦର୍ଶକ ସେକ୍ ରହିମ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ଦେବାଶିଷ ରାମ, ଜଗନ୍ନାଥ ବେହେରା ସହଯୋଗ କରିଥିଲେ।

## ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୦୪/୧୦ (ନି.ପ୍ର):ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବୁଧବାର ରାଜ୍ୟ ଲୋକସେବା ଭବନଠାରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍ (ପୋର୍ଟାଲ୍)ର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ ଏହି ୱେବ୍‌ସାଇଟ୍ (ପୋର୍ଟାଲ) ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ନିମନ୍ତେ ଉପଯୋଗୀ ସାବ୍ୟସ୍ତ ହେବ। ବିଭାଗୀୟ ଅଧିକାରୀମାନେ ଏହି ପୋର୍ଟାଲର କାର୍ଯ୍ୟପ୍ରଣାଳୀ ବାବଦରେ ଅଧିକ ଦକ୍ଷ ହେବା ପାଇଁ ସେ ପରାମର୍ଶ ଦେବା ସହ ୱେବ୍‌ସାଇଟ୍ ନେଇ ଖୁସିବ୍ୟକ୍ତ କରିଛନ୍ତି ।

## ଶ୍ରମିକଙ୍କ ମଜୁରୀ ବଢାଇଲେ ରାଜ୍ୟ ସରକାର

ଭୁବନେଶ୍ୱର, ୦୪/୧୦ (ନି.ପ୍ର): ରାଜ୍ୟରେ କୁଶଳୀ, ଅଣକୁଶଳୀ, ଅର୍ଦ୍ଧକୁଶଳୀ, ଉଚ୍ଚକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ବୃଦ୍ଧି ହୋଇଛି। ଶ୍ରମ କମିଶନରଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୧ ଅକ୍ଟୋବରରୁ ନୂଆ ମଜୁରୀ ଲାଗୁ ହେବ। ନୂଆ ମଜୁରୀ ଲାଗୁ ହେବା ପରେ ଅଣକୁଶଳିଙ୍କ ମଜୁରୀ ୩୪୫ରୁ ବଢ଼ି ୩୫୨ ଟଙ୍କା ହୋଇଥିବା ବେଳେ ଅର୍ଦ୍ଧକୁଶଳିଙ୍କ ୩୮୫ରୁ ବଢ଼ି ୩୯୨ ଟଙ୍କା , କୁଶଳିଙ୍କ ୪୩୫ରୁ ବଢ଼ି ୪୪୨ ଟଙ୍କା ଏବଂ ଅତିକୁଶଳିଙ୍କ ୪୯୫ରୁ ବଢ଼ି ୫୦୨ ଟଙ୍କା ହୋଇଛି।

# ଭଦ୍ରକରେ ହେବ ୧୦୦ ଶଯ୍ୟାର ମଲ୍‌ଟି ସ୍ପେଶିଆଲିଟି ହସ୍‌ପିଟାଲ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷରିତ



ଭଦ୍ରକ, ୦୪/୧୦ (ନି.ପ୍ର): ଓଡ଼ିଶାରେ ପି.ପି.ପି ମାଧ୍ୟମରେ ୫ଟି ଜିଲ୍ଲାରେ ହେବାକୁ ଥିବା ମଲ୍ଟି ସ୍ପେସିଆଲିଟି ଓ ସୁପର ସ୍ପେସିଆଲିଟି ହସ୍ପିଟାଲର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷରିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟର ଓସୱାନ୍ ହଲରେ ଭି.ସି. ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସହିତ ଯୋଡ଼ି ହୋଇଥିଲେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର, ଭଦ୍ରକ ତହସିଲଦାର ସଂଗ୍ରାମ କେଶରୀ ପ୍ରିୟଦର୍ଶୀ ଖୁଣ୍ଟିଆ। ସୂଚନା ଯୋଗ୍ୟକି ଭଦ୍ରକ ଜିଲ୍ଲା ନୂତନ ଡାକ୍ତରଖାନା ନିକଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ନିର୍ମିତ ହେବାକୁ ଥିବା ଏହି ହସ୍‌ପିଟାଲରେ ଟ୍ରମାକେୟାର, କ୍ରିଟିକାଲ କେୟାର ସହିତ ସମସ୍ତ ପ୍ରକାର ଚିକିତ୍ସା ବ୍ୟବସ୍ଥା ରହିବ। ଏଥିପାଇଁ ଜାଗା ଚିହ୍ନଟ ସରିଥିଲା ବେଳେ ଏହାର ନିର୍ମାଣ ପାଇଁ ପ୍ରାୟ ୭୫ କୋଟି ଟଙ୍କାର ଅଟକଳ ରହିଛି। ୧୦୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସ୍ପେଶାଲ ସେକ୍ରେଟେରୀ ସରୋଜ କୁମାର ମିଶ୍ରଙ୍କ ସହ କନସୋର୍ଟିୟମ ଅଫ୍ ସିଗ୍‌ନାସ୍ ମେଡ଼ିକେୟାର ପ୍ରାଇଭେଟ୍ ଲିମିଟେଡ୍ ଏବଂ ଫ୍ରିଣ୍ଟଲିଙ୍କ କମ୍ପ୍ୟୁଟର ଆଣ୍ଡ କମ୍ୟୁନିକେଶନ ପ୍ରାଇଭେଟ୍ ଲିମିଟେଡ୍ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହେଲା। ଜିଲ୍ଲାବାସୀଙ୍କ ପାଇଁ ଏହି ହସ୍ପିଟାଲ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ବେଶ୍ ଲାଭଦାୟକ ହେବ।

# ନୀଳଗିରି ବ୍ଲକ୍ ସରପଞ୍ଚ ସଂଘ ଗଠିତ: ରବୀନ୍ଦ୍ର ସଭାପତି, କୁଳମଣି ସମ୍ପାଦକ



ନୀଳଗିରି , ୦୪/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀ ରାଜ୍ୟର ଏକ ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳୀ। ମାତ୍ର ନୀଳଗିରି ବ୍ଲକର ପଚିଶ ଗୋଟି ପଞ୍ଚାୟତ ନିର୍ବାଚନ ହେଉ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାଏ। ବୁଧବାର ବ୍ଲକର ସମସ୍ତ ପଞ୍ଚାୟତ ର ସରପଞ୍ଚ ମାନେ ସଂଗଠିତ ହୋଇ ପ୍ରତି ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ତଥା ବିକାଶ ପାଇଁ ପଞ୍ଚଲିଙ୍ଗେଶ୍ୱର ପାନ୍ଥନିବାସଠାରେ ଏକ ବୈଠକରେ ଏକତ୍ରିତ ହୋଇଥିଲେ। ତେବେ ବ୍ଲକର ୧୯ଗୋଟି ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିବା ବେଳେ ମହିଷାପଟା ସରପଞ୍ଚ ରବୀନ୍ଦ୍ର କୁମାର ସିଂ ସଭାପତି ଭାବେ ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଆରବନ୍ଧ ସରପଞ୍ଚ କୁଳମଣୀ ନାୟକ ସମ୍ପାଦକ, ଧୋବଶିଳା ସରପଞ୍ଚ ଦିଲ୍ଲୀପ କୁମାର ସିଂ ଉପସଭାପତି ସଜନାଗଡ ସରପଞ୍ଚ ପ୍ରଦୀପ କୁମାର ଖାଲପାଳିଆ ସହ ସମ୍ପାଦକ ଏବଂ ଭଉଁରୀଆବାଡ଼ ସରପଞ୍ଚ ସଞ୍ଜୟ କୁମାର ସିଂ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ପ୍ରଶାସନ ସରପଞ୍ଚମାନଙ୍କ କ୍ଷମତାକୁ ଗୌଣ କରିବା ପ୍ରତିବାଦ ସ୍ୱରୂପ ପଞ୍ଚାୟତ ମାନଙ୍କରେ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅଗ୍ରାଧିକାର ଦେଇ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାରେ ଶାସନ ସଙ୍କୁଚିତ ନ କରିବା ଲକ୍ଷ୍ୟରେ ଏହି ସଂଗଠନ କରାଯାଇଥିବା ବିଶେଷ ସୂତ୍ରରୁ ପ୍ରକାଶ।

## ଅବସରପ୍ରାପ୍ତ କିରାଣୀଙ୍କର ପରଲୋକ

ଖଇରା, ୦୪/୧୦ (ନି.ପ୍ର): ଔପଦା ବ୍ଲକ ଫତେପୁର ପଂଚାୟତ ହରିହରପୁର ଶାସନର ଅବସରପ୍ରାପ୍ତ କିରାଣି ବାଲକୃଷ୍ଣ ଦାଶଙ୍କର ଦେହାନ୍ତ ଘଟିଛି । ଗତକାଲି ରାତିରେ ଘରେ ଶୋଇଥିବା ଅବସ୍ଥାରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥଲେ । ମେଡିକାଲ ଆଣିବା ପାଇଁ ଯୋଗାଯୋଗ କରୁଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ୧୯୭୧ ମସିହାରୁ ୨୦୦୮ ପର୍ଯ୍ୟନ୍ତ ଫତେପୁର ହାଇସ୍କୁରେ କିରାଣି ଭାବେ ସୁଚାରୁ ରୁପେ କାର୍ଯ୍ୟ ତୁଲାଇ ଥିଲେ । ସେ ଜଣେ ପରୋପକାରୀ ମିଷ୍ଟଭାଷି,ଛାତ୍ର ବତ୍ସଳ ମଣିଷ ଥିଲେ । ତାଙ୍କ ଦେହାନ୍ତରେ ସପୃକ୍ତ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଶେଷ ଦର୍ଶନ ପାଇଁ ଅଂଚଳ ବାସୀ ମାନେ ପହଁଚି ଥିଲେ । ତାଙ୍କର ବିଧବା ପତ୍ନୀ ସହିତ ୩ଝିଅ ୧ ପୁଅ ଅଛନ୍ତି ।

# ନୀଳମଣି ରାଉତରାୟଙ୍କ ଶ୍ରାଦ୍ଧବାର୍ଷିକ ଉତ୍ସବ




ବାସୁଦେବପୁର, ୦୪/୧୦ (ନି.ପ୍ର): ବାସୁଦେବପୁର ଓଡିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ରାଉତରାୟ ଙ୍କ ୧୯ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସକାଳେ ପୋଖରୀ ରେ ତିଳ ତର୍ପଣ କରା ଯାଇଥିଲା । ବାସୁଦେବପୁର ବଜାର ରେ ଥିବା ନୀଳମଣି ରାଉତରାୟ ଙ୍କ ପ୍ରତିମୂର୍ତ୍ତି ରେ ବିଜୁ ଜନତା ପକ୍ଷରୁ ନେତା ଓ କର୍ମୀ ମାନେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଏହି ଶ୍ରାଦ୍ଧ ଉତ୍ସବ ରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଙ୍କ ପ୍ରତିନିଧି ଅସିତ ଦାଶ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ମାନସ ସାହୁ, ଶ୍ୟାମ ସୁନ୍ଦର ମହାନ୍ତି, ସାରଦା ମହାନ୍ତି, କାଳନ୍ଦୀ ସାହୁ, ଶଶୀ ଭୂଷଣ ବାରିକ, ସୁଶାନ୍ତ ସେଠୀ, ଶରତ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ଖୋର୍ଦ୍ଧା ବ୍ଲକରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା , ୦୪/୧୦ (ନି.ପ୍ର): ଖୋର୍ଦ୍ଧା ପଂଚାୟତ ସମିତି କାର୍ଯ୍ୟାଳୟ ପରିସର ରେ ଆଜିର ପ୍ରତ୍ୟେକ୍ଷ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଆଜି ମୋଟ ୪୩ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇ ଥିବା ବେଳେ ସେଥିମଧ୍ୟରୁ ୩୮ଟି ଅବିଯୋଗ ବ୍ୟକ୍ତିଗତ ଥିଲାବେଳେ ୦୪ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା, ୧ଟି ଅଭିଯୋଗ ର ସ୍ଥଳ ବିଶେଷ ରେ ତତ୍କାଳ ସମାଧାନ କରାଯାଇଥିଲା। ଆଜିର ମିଳିତ ଜନ ଶୁଣାଣି ଅବସରରେ ସାଫଲ୍ୟମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ,ରାଜସ୍ୱ ଅଧକ୍ଷତା କରିଥିବାବେଳେ ବାଦଲ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଏବଂ ସୁରେନ୍ଦ୍ର ନାଥ ମୁର୍ମୁ ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ବିଡ଼ିଓ, ଖୋର୍ଦ୍ଧା ସିଡିଏମଓ, ଖୋର୍ଦ୍ଧା, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ? ତରାଇ, ଜିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରୀ ଅରବିନ୍ଦ ଦାସ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିଳଗିରି ଉପଖଣ୍ଡ ମେଡିକାଲର ବିଭିନ୍ନ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ



ନିଳଗିରି, ୦୪/୧୦ (ନି.ପ୍ର): ନିଳଗିରି ଉପଖଣ୍ଡ ମେଡିକାଲ ଉପରେ ପ୍ରତିଦିନ ଶହ ଶହ ରୋଗୀ ଆଶା ଭରଷା କରି ଆସିଥାନ୍ତି। ମାତ୍ର ପହଞ୍ଚିବା ପରେ ଉପଯୁକ୍ତ ଚିକିତ୍ସା ନ ପାଇଁ ହତାଶ ହୋଇ ଅନ୍ୟତ୍ର ନିଜ ନିଜର ରୋଗ ଦେଖାଉଛନ୍ତି। ଅନେକ ଡ଼ାକ୍ତର ପଦବୀ ଖାଲି ପଡିଥିଲାବେଳେ ଏଯାବତ୍ ପୂରଣ ହୋଇପାରୁନାହିଁ। ଦୂର ଦୁରନ୍ତରୁ ଆସୁଥିବା ରୋଗୀମାନେ ସଠିକ୍ ଚିକିତ୍ସା ପାଇପାରୁନାହାନ୍ତି। କେତେବେଳେ ଜଣେ ଡାକ୍ତର ତ କେତେବେଳେ ଦୁଇ ଜଣ ଡାକ୍ତରଙ୍କୁ ନେଇ ଚାଲିଛି ନିଳଗିରି ମେଡିକାଲ। ବିଭିନ୍ନ ପ୍ରକାରର ସମସ୍ୟା ଭିତରେ ଗତି କରୁଛି ନିଳଗିରି ମେଡିକାଲ। ଏଣୁ ଏହି ସବୁ ସମସ୍ୟାର ସମାଧାନ ପାଇଁ ନିଳଗିରିବସୀ ଏକ ହୋଇ ଆଜି ୧୨ଦଫା ଦାବୀ ସମ୍ବଳିତ ଏକ ଦାବିପତ୍ର ନିଳଗିରି ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବୀ ମଧ୍ୟରେ ଏସ,ଡି, ଏମ,ଓ, ନିଜର କାର୍ଯ୍ୟ ଠିକ୍ ଭାବରେ କରନ୍ତୁ, ମେଡିକାଲ ପରିସରରେ ଯଥେଷ୍ଟ ପରିମାଣରେ ସରକାରୀ ବାସଭବନ ରହିଥିବା ବେଳେ କୌଣସି ଡାକ୍ତର ରହୁନାହାନ୍ତି । ସରକାରୀ ବାସଭବନରେ ଡ଼ାକ୍ତରଙ୍କ ରହିବାର ବନ୍ଦୋବସ୍ତ କରାଯାଉ, ଏଠାରେ ଥିବା ଭେଷଜ ଡ଼ାକ୍ତର ୱାର୍ଡ ପରିଦର୍ଶନ କରିଲା ପରେ ବହିର୍ବିଭାଗର ରୋଗୀ ଦେଖୁନାହାନ୍ତି ତେଣୁ ରୋଗୀ ଦେଖିବାର ବ୍ୟବସ୍ଥା କରାଯାଉ, ସମସ୍ତ ପ୍ରକାର ମେସିନ ଥିବାବେଳେ ରେଡିଓଲୋଜିଷ୍ଟ ନିଯୁକ୍ତି କରାଯାଉ, ଶବ ପରୀକ୍ଷାଗାର ଗୃହରେ ଫ୍ରିଜର ବ୍ୟବସ୍ଥା କରାଯାଉ, ଆଖି ଡ଼ାକ୍ତରଙ୍କ ଦେଖା ନ ମିଳିବା, ରୋଗୀଙ୍କ ପାଇଁ ବେଡ଼ ସଂଖ୍ୟା ଅଧିକ କରାଯାଉ, ଆଇସିୟୁ ଡ଼ାକ୍ତର ନିଯୁକ୍ତି କରାଯାଉ, ଓର୍ଥିପେଡିକ ଡ଼ାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି କରାଯାଉ, ଦାବୀ ନେଇ ପ୍ରଦାନ କରାଯାଇଛି। ଯଦି ଆଗାମୀ ଦିନରେ ସମସ୍ତ ଦାବୀ ପୂରଣ ନ ହୁଏ ତେବେ ନିଳଗିରିବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ନିଳଗିରି ବନ୍ଦ ଡାକରା ଦିଆଯିବ ବୋଲି ସବ୍ୟସାଚି ମହାପାତ୍ର, ସନ୍ତୋଷ ମହାପାତ୍ର, ଡମ୍ବରୁଧର ବେହେରା, ଭବେସ ଲେଙ୍କା, ଦୀପକ ରଂଜନ ଦାସ, ନିଗମ୍ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରଣା, ନିଗମ ରାଉତ ସମେତ ବହୁ ନିଳଗିରିବାସୀ ଚେତାବନୀ ଦେଇଛନ୍ତି।

# ଜନ୍ମମାଟିରେ ଏକତ୍ରିତ ହେଲେ ସହପାଠୀ



ଉଦଳା , ୦୪/୧୦ (ନି.ପ୍ର): ଯେ ହେଉଛି ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଅମରଦା ଗ୍ରାମର ଦୃଶ୍ୟ । ଉକ୍ତ ଗ୍ରାମରେ ୧୯୫୯ ମସିହାରୁ ଗମି ଉଠିଛି ଶ୍ରୀ ଅରବିନ୍ଦ ବିଦ୍ୟା ପୀଠ । ଏହି ବିଦ୍ୟାଳୟର ୧୯୯୩ ମସିହା ମାଟ୍ରିକ ବ୍ୟାଚର ଛାତ୍ର ଛାତ୍ରୀ ମାନେ ନିକଟରେ ପ୍ରଥମ ଥର ପାଇଁ ନିଜର ଜନ୍ମ ମାଟିରେ ଏକତ୍ରିତ ହୋଇଥିଲେ । ଦିର୍ଘ ୩୦ ବର୍ଷ ପରେ ସହପାଠୀ ମାନେ ପରସ୍ପରକୁ ପାଖରେ ପାଇ ଖୁବ୍ ଭାବ ବିହ୍ୱଳ ହୋଇ ପଡ଼ିଥିଲେ । ପିଲାଦିନେ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବକୁ ମନେପକାଇଥିଲେ । ପରେ ବିଗତ କରୋନା କାଳରେ କିଏ କେମିତି ଦିନ ବିତାଇଥିଲେ ଜଣ ଜଣ କରି ନିଜ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ଏହାପରେ ସମସ୍ତେ ମିଳିମିଶି ଗ୍ରାମରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିଥିଲେ । ପରେ ସବୁଦିନ ପାଇଁ ବିଦାୟ ନେଇଯାଇଥିବା ସହପାଠୀ ମାନଙ୍କ କଥା ମନେ ପକାଇ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା ଜଣାଇଥିଲେ । ଶେଷରେ ଏଣିକି ପ୍ରତିବର୍ଷ ଆମେ ନିଜ ଜନ୍ମ ମାଟିରେ ଏକତ୍ରିତ ହେବା ଓ ଏହାର ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତି କରିବା ପାଇଁ ନିଷ୍ପତି ନିଆଯିବା ପରେ ସହପାଠୀ ମିଳନ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା । ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ବନ୍ଦିତା, ମାମିନା, ପୁଷ୍ପାଳୀ, ମଧୁସୁଦନ, ଅଭିମନ୍ୟୁ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଆମ୍ବୁଲାନ୍ସ ଏବଂ ସ୍ୱର୍ଗରଥ ଲୋକାର୍ପିତ




ବାରିପଦା , ୦୪/୧୦ (ନି.ପ୍ର): ଭାରତ ଇସ୍ପାତ ପ୍ରାଧିକରଣ (ସେଲ )କମ୍ପାନୀ ଦ୍ୱାରା ପ୍ରଦତ୍ତ ଗୋଟିଏ ସ୍ୱର୍ଗ ରଥ ଏବଂ ଗୋଟିଏ ଆମ୍ବୁଲାନ୍ସକୁ ଆଜି ଅପରାହ୍ନରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳ ସମ୍ପଦ ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଲୋକାର୍ପିତ କରିଛନ୍ତି । ସ୍ଥାନୀୟ ପିଆରଏମ ମେଡିକାଲ କଲେଜ ପରିସରରେ ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ନିରାଡ଼ମ୍ବର ଉତ୍ସବରେ ଶ୍ରୀ ଟୁଡୁ ଏ ଦୁଇଟି ଯାନର ଦାୟିତ୍ୱ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ହସ୍ତାନ୍ତର କରିବା ସହ ଆଗାମୀ ଦିନରେ ଅନେକ କଲ୍ୟାଣମୂଳକ କାର୍ଯ୍ୟ କରାଯିବ ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ସିଡିଏମଓ ରୂପଭାନୁ ମିଶ୍ର, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଡାକ୍ତର ଆର୍ଯ୍ୟ ମିଶ୍ର, କବିବିଷ୍ଣୁ ଶତପଥୀ, ଛୋଟେଲାଲ ମହାନ୍ତ, ନରୋତ୍ତମ ପାଣିଗ୍ରାହୀ, ହେମନ୍ତ ସାହା, ବିଜୟ କୁମାର ଦାସ, ଦେବବ୍ରତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱର୍ଗ ରଥଟି କରଞ୍ଜିଆ ଏବଂ ଆମ୍ବୁଲାନ୍ସଟି ବେତନଟୀରେ କାର୍ଯ୍ୟକରିବ ଏବଂ ମାରୁଆଡି ଯୁବ ମଞ୍ଚ ଏଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ବୋଲି ସୂଚନା ମିଳିଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo